ପ୍ରଥମତଃ ପୌରାଣିକ ମତରେ ଭକ୍ତ ଶବର ବିଶ୍ୱାବସୁର ସ୍ମୃତିଚାରଣ ଏବଂ ତା' ବଂଶଧର ଦଇତାପତିମାନଙ୍କୁ ଏକ ବିଶେଷ ସେବା ଅଧିକାର ବା ପରିଚୟ ଦେବା ଲାଗି ଏହା ପ୍ରଭୁଙ୍କର ଏକ ଲୀଳା।

ଦ୍ୱିତୀୟତଃ ଅଣସର ସମୟର ଅନ୍ୟ ଏକ ପ୍ରାସଙ୍ଗିକ କାରଣ ହେଲା ଠାକୁରଙ୍କ ରଙ୍ଗ ବୋଳା ପାଇଁ ସମୟ ଓ ସୁଯୋଗ ସୃଷ୍ଟି କରିବା। ଦେବସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ସ୍ନାନ କରାଯିବାରୁ ରଙ୍ଗ ସବୁ ଛାଡିଯାଏ। ତେଣୁ ନୀଳାଦ୍ରି ମହୋଦୟ ଅନୁଯାୟୀ ଅଣକ+ସର ବା ଅଣସର ପ୍ରଭୁଙ୍କୁ ଲାଗି କରାଯାଏ। ଅଣସରରେ ବିଦ୍ୟାପତି ବଂଶଧର ଶୁଦ୍ଧ ସୁଆରମାନେ ରୋଷଘରେ ମୁଗ ରଗଡି ଅଟକାଳି କରି ତାହାକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଲେପନ କରନ୍ତି। ଏହି ମୁଗ ବାଟଣା ବା ଲେପ ଘଷିବା ଦ୍ୱାରା ପ୍ରଭୁଙ୍କ ଶ୍ରୀଅଙ୍ଗରେ ଏକ ବୋଳ (coating) ବସିଯାଏ, ଫଳରେ ପୂର୍ଣ୍ଣାଙ୍ଗ ରଙ୍ଗ କାମ କରିବା ପାଇଁ ସୁବିଧା ହୋଇଥାଏ। କୁହାଯାଏ ସ୍ନାନ ପରେ ଯେତେବେଳେ ପ୍ରଭୁଙ୍କ ଶ୍ରୀଅଙ୍ଗରୁ ସମସ୍ତ ବସନ ବାହାର କରାଯାଏ, ସଦା ଲୁକ୍କାୟିତ ଥିବା ପ୍ରଭୁଙ୍କ ଦିବ୍ୟ ମୂର୍ତ୍ତି ପରିଲକ୍ଷିତ ହୁଏ। ଉତ୍କଳରେ ପୁରାଣ ଓ ଗ୍ରନ୍ଥମାନେ ଏହି ଗୋପନୀୟ ମୂର୍ତ୍ତିଙ୍କୁ ନଗ୍ନ ଭାବରେ ଦେଖିବା ପାପ ବୋଲି କହିଛନ୍ତି।

''ନାନାଲଙ୍କାର ରୁଚିରାଂ ନାନା ଭଙ୍ଗୀ ବିଭାଗଶଃ।
ନିମ୍ନର୍ଦ୍ଧାରୁସ୍ୱରୂପେଣ ଦୃଷ୍ଟା ସ୍ୟୁଃ ପାପହେତବଃ॥''

ତେଣୁ ସ୍ନାନ ପୂର୍ଣ୍ଣିମାରେ ବଡ଼ଦେଉଳକୁ ଫେରି ଚନ୍ଦନ ଅର୍ଗଳି ନିକଟରେ ଅଣସର ପିଣ୍ଡି ବା ବଲ୍ଲଭ ପିଣ୍ଡିରେ ତ୍ରିମୂର୍ତ୍ତି ଅବସ୍ଥାନ କରନ୍ତି। ମୂର୍ତ୍ତିମାନଙ୍କୁ ଅଣସର ପଟି ବା ଡୋରା ଦ୍ୱାରା ଆବୃତ କରି ରଖାଯାଏ ଏବଂ ଚିତ୍ରକାରମାନେ ନେତ୍ରୋତ୍ସବ ପର୍ଯ୍ୟନ୍ତ ମୂର୍ତ୍ତିର ରଙ୍ଗ କରିଥାନ୍ତି। ତେବେ ଅଣସର ଅବକାଶର ଏହି କାରଣଟି ଅଧିକ ଯୁକ୍ତିଯୁକ୍ତ ଲାଗେ। ଏଥିରେ ବି କିମ୍ବଦନ୍ତୀ କହେ ଯେ ମୂର୍ତ୍ତିକାରମାନଙ୍କ ଦ୍ୱାରା ରଙ୍ଗଦାନ ପର୍ଯ୍ୟାୟଟି ଅତୀତର ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା ଓ ବିଶ୍ୱକର୍ମାଙ୍କ ସ୍ମୃତିକୁ ମନେ ପକାଇ ଦେଇଥାଏ।

ତୃତୀୟତଃ ଲୋକଶ୍ରୁତି ଅନୁସାରେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଠାକୁରମାନେ ଅଜସ୍ର ସ୍ନାନ କରି ଜ୍ୱରାକ୍ରାନ୍ତ ହୁଅନ୍ତି। ତାଙ୍କ ରୋଗର ଉପଶମ ନିମନ୍ତେ ରାଜବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ ଦଇତାପତିମାନେ ଦଶମୂଳ ପାଚନ ଓ ନାନାବିଧ ଚେରମୂଳି ଔଷଧ ପ୍ରୟୋଗ କରିଥାନ୍ତି। ୧୦ ପ୍ରକାରର ମୂଳ ଯଥା ବେଲ, ଗନ୍ଧଣା, ଠଣଠଣା, ଅଗିବଧୁ, ପାଟଳି, ଶାଳପତ୍ରି, କୃଷ୍ଣପତ୍ରି, ନବାଙ୍କୁଡ, ଅଙ୍କରାନ୍ତି ଓ ଗୋଖରା ଗଛର ଚେରକୁ ଏକତ୍ର ଛେଚି ମୋଦକ ପ୍ରସ୍ତୁତ କରାଯାଏ। ଏହି ଧନ୍ୱନ୍ତରୀ ବ୍ୟବସ୍ଥା ଓଡ଼ିଶାରେ ବହୁଦିନରୁ ପ୍ରଚଳିତ। ଏହି ସମୟରେ ବୈଦ୍ୟଙ୍କ ଆଦେଶ କ୍ରମେ ପ୍ରସ୍ତୁତ କରାଯାଇ ବା ଫୁଲୁରି ତେଲ ଯାହା ଏକବର୍ଷ କାଳ ମାଟିତଳେ ରଖାଯାଇଥାଏ, ତାହା ପ୍ରଭୁଙ୍କ ଶ୍ରୀଅଙ୍ଗର ପୀଡ଼ା ଦୂର କରିବାକୁ ଲଗାଯାଇଥାଏ। ତେବେ ଏହି ସମୟରେ ଶ୍ରୀଜୀଉଙ୍କ ପାଖରେ ଆମ୍ବ, ପଣସ, ଛେନା, କ୍ଷୀର, ସର, ରାବିଡି, ପଣା ଆଦି ଭୋଗ ଲାଗୁଥିବା ବେଳେ କୌଣସି ପ୍ରକାରର ଆଡମ୍ବରପୂର୍ଣ୍ଣ କାର୍ଯ୍ୟ କରାଯାଏ ନାହିଁ। ଭୋଗ ସମୟରେ ଘଣ୍ଟ ବାଜେ ନାହିଁ। ଅଣସର ଗୃହରେ ଠାକୁରମାନଙ୍କୁ ଧଳାବସ୍ତ୍ର, ସୁବାସହୀନ ଧଳାଫୁଲ ଲଗାଯାଏ ଏବଂ ଦଇତା ଓ ପତି ମହାପାତ୍ର ସେବକମାନେ ମଧ୍ୟ ଏକବସ୍ତ୍ରୀ ଧଳାବସ୍ତ୍ର ପରିଧାନ କରନ୍ତି। ଏହି ସମୟରେ ଅନ୍ୟ କୌଣସି ସେବକ ଅଣସର ଗୃହରେ ପ୍ରବେଶ କରିବା ନିଷେଧ। ତେଣୁ ଯଥାର୍ଥରେ କୁହାଗଲା-

''ସର୍ବରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ।''

ଅର୍ଥାତ୍ ପୁରୁଷୋତ୍ତମଙ୍କର ସମସ୍ତ ରହସ୍ୟ ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ, ମଣିଷ ବା କି ଛାର!

ଅଣସରର ପନ୍ଦରଦିନ ପ୍ରଭୁଙ୍କର ବର୍ଷାବଧି ଲାଗି ରହିଥିବା କାର୍ଯ୍ୟାବଳୀର ଏକ ଅନନ୍ୟ ଓ ଅତ୍ୟନ୍ତ ଗୂଢ ବ୍ୟତିକ୍ରମ। ଦେବତାକୁ ମାନବ କରି ତା' ସହିତ ସୁଖଦୁଃଖରେ ଭାଗୀ ହେବା ଲାଗି ଭକ୍ତ ପାଇଥାଏ ଏକ ଚରମ ସୁଯୋଗ। ପ୍ରତି ଓଡ଼ିଆର ଚଳନ୍ତି ବିଷ୍ଣୁ ବିଶ୍ୱଦେବତା ହେବା ଲାଗି ସୁଯୋଗ ଏଥିରେ ସୃଷ୍ଟି ହୋଇଥାଏ। ତେବେ ଅଣସର ସମୟରେ ବିଶ୍ରାମ କରିବା ଉଦ୍ଦେଶ୍ୟରେ ହେଉ ଅବା ବିଶ୍ୱାବସୁର ଅମର ଭକ୍ତିର ଜୟଗୀତିର ସ୍ମୃତି ହେଉ ବା ସ୍ନାନରେ ଲିଭି ଯାଇଥିବା ରଙ୍ଗକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ହେଉ ପ୍ରଭୁ ନିଜକୁ ମାନବର ଅତି ନିକଟତର କରି ପାରୁଛନ୍ତି। ସେ ପ୍ରଭୁଙ୍କ ଲୀଳା ଅପାର। ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି-

ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଲୋକଙ୍କର ନାଥ॥
ନମସ୍ତେ ପ୍ରଭୁ ବାସୁଦେବ। ଭକତ ଜନଙ୍କ ବାନ୍ଧବ॥
ନମସ୍ତେ ପ୍ରଭୁ ହୃଷୀକେଶ। ଭକତ ଜନଙ୍କ ବିଶ୍ୱାସ॥
ନମସ୍ତେ ପ୍ରଭୁ ବିଶ୍ୱରୂପୀ। ସକଳ ହୃଦେ ଅଛୁ ବ୍ୟାପି॥

ଏ-୧/୧୮୩, ନୂଆପଲ୍ଲୀ, ଭୁବନେଶ୍ୱର,
ମୋ-୯୭୭୮୦୩୦୪୯୪

# ପାଲା ସନ୍ଧ୍ୟା

ରମେଶ ନନ୍ଦ

ରାମହରିପୁରରେ ବାର୍ଷିକ ମହୋତ୍ସବ। ଯଜ୍ଞାନୁଷ୍ଠାନ ଚାଲିଛି। ସନ୍ଧ୍ୟା ବେଳକୁ ବାଦୀ ପାଲା। ଆଜିର ପାଲା ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ ଗାୟକ ଶାର୍ଦ୍ଦୁଳ କେଶରୀ ପାଲା ପରିବେଷଣ କରିବେ ଓ ତାଙ୍କ ପରେ ରାତି ନଅଟା ବେଳକୁ ଗାୟକ କଲ୍ଲୋଳ ମଧ୍ୟ ଉପସ୍ଥିତ ଅଛନ୍ତି। ପାଲା ଜମିବ।

ପାଲା ଆରମ୍ଭ ହେଲା। ବିଷୟବସ୍ତୁ ହେଉଛି ବୈଦେହୀଶ ବିଳାସ। ପାଲା ଗାୟକ ମଙ୍ଗଳାଚରଣ ସାରି ଗୁରୁ ବନ୍ଦନା କଲେ। 'ବଧିର ନୁହଇ ବୀର' କହିଲା ବେଳକୁ ସନିଆ ଠିଆ ହେଲା । ସନିଆକୁ ପାଞ୍ଚଦଶ ଖଣ୍ଡ ମୌଜାରେ ସମସ୍ତେ ଜାଣିଛନ୍ତି। ସନିଆ ବାଣ ମାରିବାରେ ଧୁରନ୍ଧର। ତା'ର ପ୍ରଶ୍ନବାଣ ଆଗରେ କେଡ଼େ କେଡ଼େ ଗାୟକ ହାର ମାନିଛନ୍ତି। ଥରେ ସେ ଜଣେ ବିଶିଷ୍ଟ ପାଲାକାରଙ୍କୁ ପ୍ରଶ୍ନବାଣରେ ମୁହଁତୋଡ ଜବାବ ଦେଇଥିଲା। ସନିଆର ସେ ପ୍ରଶ୍ନରେ ଗାୟକ ସିଂହାରୀ ହଡବଡେଇ ଗଲେ। ପ୍ରଶ୍ନଟା ଥିଲା ନିହାତି ମାମୁଲି। ସନିଆ କହିଥିଲା, ମୁଁ ଆଜ୍ଞା ବିଡି ଟାଣେ। ଅନେକ ଲୋକ ବି ବିଡି ଟାଣନ୍ତି। ଧରନ୍ତୁ ମୁଁ ହଳ କରୁଛି ବିଲରେ। ବିଡିଟା ଅଧାରୁ ଲିଭିଗଲା। ପୂରା ବିଡି ପାଇଁ ମୁଁ ପଇସା ଦେଇସାରିଛି। ଏଇ ଅବସ୍ଥାରେ ବିଲରେ ହଉ କି ଅଲଗା ସ୍ଥାନରେ ବିଡିଟାକୁ ମୁଁ କୋଉଠି ଥୋଇବି। ଏ ପ୍ରଶ୍ନର ଠିକ୍ ଜବାବ ଆଶାରେ ସେ ପାଞ୍ଚ ପାଞ୍ଚ ଜଣ ପୁରୁଖା ଗାୟକଙ୍କୁ ଚିତ୍‌ପଟାଙ୍ଗ କରିଦେଇଥିଲା। ଯେଉଁଦିନ ସେ ଏଇ ପ୍ରଶ୍ନ ଷଷ୍ଠ ଗାୟକ ଗାୟକମଞ୍ଜୁଳଙ୍କ ଆଗରେ ଉପସ୍ଥାପନ କଲା, ସେ ଦିନ ଗାୟକମଞ୍ଜୁଳ ତତକ୍ଷଣାତ୍ କହିଲେ, ଆରେ ମୂର୍ଖ ଯଦି ବିଡିଟା ଅଧାରୁ ଲିଭିଗଲା, ତେବେ ତୁ ପୂରା ବିଡି ପାଇଁ ପଇସା ଦେଇସାରିଛୁ। ଏଣୁ ଅଇଁଠା ବିଡିଟାକୁ କାନରେ ଖୋସିଦବୁ। ଏହି ଉତ୍ତରକୁ ପ୍ରବଳ ଜନସମର୍ଥନ ମିଳିଗଲା ଓ ସନିଆ ଖୁସ୍ ହେଲା। ଏଥର ପାଲା ସନ୍ଧ୍ୟାର ଗାୟକ ଶାର୍ଦ୍ଦୁଳ କେଶରୀଙ୍କୁ ଦଣ୍ଡପ୍ରଣାମ କରି ସନିଆ ଠିଆହେଲା। ସନିଆ ଜଣେ ଛୋଟ ଚାଷୀ। ନାମମାତ୍ର ଚାଷୀ। ଦେହରେ ତା'ର ଖଣ୍ଡେ ଧୋତି ଆଉ ଶାର୍ଟ। କାନ୍ଧରେ ଖୋର୍ଦ୍ଧା ନାଲି ଗାମୁଛା। ଏଇଟା ତା'ର ପାଲା ଆଟେଣ୍ଡ କରିବା ଡ୍ରେସ। ଶାର୍ଦ୍ଦୁଳ କେଶରୀଙ୍କୁ କରପତ୍ର ଯୋଡି ପ୍ରଣାମ କରିବା ପରେ ସନିଆ କହିଲା ଆଜ୍ଞା ମୋର ଗୋଟେ ଛୋଟ ପ୍ରଶ୍ନ ଅଛି। ଉତ୍ତର କହିବେ।

ଆଜ୍ଞା! ଆପଣ ଶୋଲେ ଫିଲ୍ମ ଦେଖିଥିବେ।

ହଁ। ଆଜ୍ଞା ଭଲ କରି ଦେଖିଛନ୍ତି?

ମୁଁ ଶୋଲେ ସିନେମା ଦଶଥର ଦେଖିଛି।

ଆଚ୍ଛା, ଆଜ୍ଞା! ସେଇ ସିନେମାଟିର ଖଳନାୟକ କିଏ?

ଗବର ସିଂ।

ଗବର ସିଂ ରୋଲ କିଏ କରୁଥିଲେ।

ଅମ୍‌ଜାଦ ଖାଁ।

ତା' ହେଲେ ଆପଣ ଫିଲ୍ମ ଦେଖିଛନ୍ତି। ଆଚ୍ଛା, ଗବର ସିଂ ଯେଉଁ ଖଇନି ହାତରେ ଦଳୁଥିଲେ, ଆପଣ ନିଶ୍ଚୟ ଦେଖିଥିବେ।

ହଁ।

ମୋର ଆଜ୍ଞା ଛୋଟିଆ ପ୍ରଶ୍ନ। ସେଇ ଖଇନି, ଯେଉଁଟା ଗବର ସିଂ ଖାଉଥିଲେ ସିନେମାରେ ସେଇଟା ପ୍ରକୃତରେ ରକେଟ ଖଇନି ନା ସ୍ୱାଗତ ଖଇନି, ନା ଅନ୍ୟ କେଉଁ କମ୍ପାନୀର ଖଇନି। ପାଲା ଗାୟକ ତତ୍‌କ୍ଷଣାତ୍ କହିଲେ, ଅମଜାଦ ଖାଁ ବା ଗବର ସିଂ ଯେତେବେଳେ ଖଇନି ସିନେମା ସେଟରେ ଖାଉଥିଲେ, ମୁଁ ସେତେବେଳେ ତାଙ୍କ ପାଖରେ ଠିଆ ହୋଇଥିଲି।

ଆପଣ କେମିତି ତାଙ୍କ ପାଖରେ ଠିଆ ହେଇଥିଲେ?

ଏବେ ଯେମିତି ତୋ ପାଖରେ ଠିଆ ହୋଇଛି। ସେତେବେଳେ ସେମିତି ତାଙ୍କ ପାଖରେ ଠିଆ ହୋଇଥିଲି। ମୁଁ ସେଇ ରାମଗଡ଼ ଗାଁକୁ ପାଲା କରିବାକୁ ନିମନ୍ତ୍ରଣ ପାଇ ଯାଇଥିଲି। ଲୋକେ ମତେ ଫିଲ୍ମ ଶୁଟିଂ ହେଉଥିବାର କହିଲେ। ମୁଁ ଫିଲ୍ମ ଶୁଟିଂ ଦେଖିବାକୁ ଯାଇଥିଲି। ଗବର ସିଂ ମାନେ ଅମ୍‌ଜାଦ ଖାଁଙ୍କ ପାଖରେ ଲଗାଲଗି ହୋଇ ଠିଆ ହୋଇଥିଲି। ସିଏ ମତେ ପଚାରିଲେ, ଆପ୍ କହାଁସେ ଆୟେ ହେଁ।

ମୁଁ କହିଲି ମୁଁ ଜଗନ୍ନାଥ ଦେଶରୁ ଆସିଛି। ତା' ପରେ ସିଏ ମତେ ନମସ୍କାର କଲେ। ମୋ ଗୋଡ଼ଧୂଳି ନେଇ ମୁଣ୍ଡରେ ମାରିଲେ। ମତେ କହିଲେ, ଆପଣ ଭାଗ୍ୟବାନ ଲୋକ। ଏଇ ସମୟରେ ତାଙ୍କ ସହିତ ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ହେମାମାଳିନୀ ପ୍ରମୁଖ ଥିଲେ। ଠିକ୍ ଏତିକିବେଳକୁ ଡାଇରେକ୍ଟର ସିପ୍‌ପୀ ସାହେବ ମତେ ମଧ୍ୟ ମୁଣ୍ଡିଆ ମାରି କୋଳାଗ୍ରତ କଲେ। ରେଡ୍ଡି ଷ୍ଟାର୍ଟ ବୋଲି ନିର୍ଦ୍ଦେଶକ କହିଲେ। ହଠାତ୍ ଗବର ସିଂ ମାନେ ଅମ୍‌ଜାଦ କହିଲେ, ଆଜ୍ଞା ଖଇନି ପାଖରେ ନାହିଁ। ତା' ପରେ ନିର୍ଦ୍ଦେଶକ ଗୋଟେ ସ୍ପଟ୍ ବୟ ସୁରେଶକୁ ଖଇନି ପକେଟ୍ ଆଣିବାକୁ ବାଇକ ଦେଇ ପଠେଇଲେ। ରାମଗଡ଼ ପାହାଡ଼ିଆ ଅପନ୍ତରା ଜାଗା। ବଜାର ଯିବାକୁ ୧୦-୨୦ କିଲୋମିଟର ଯିବାକୁ ହବ। ମୁଁ କହିଲି ମୋ ପାଖରେ ଖଇନି ଅଛି। ଆପଣମାନେ ଜାଣନ୍ତି ମୁଁ ଦକ୍ଷିଣୀ ଲୋକ। ଆମର ସିଆଡେ ନାସ ଚଳେ। ମୁଁ ନାସ ଖାଏ। ତେଣୁ ନାସ ପକେଟ୍‌ଟିକୁ ତାଙ୍କୁ ବଢ଼େଇଦେଲି। ନାସକୁ ହାତରେ ବାଡ଼େଇ ପାଟିରେ ପକେଇଲେ। ତା'ପରେ ତାଙ୍କର ଡାଏଲଗ କହିଲେ, 'ଅରେ ଓ ଶାମ୍ଭା... କିତ୍‌ନା ଇନାମ୍ ରଖିୟେ ସରକାର ନେ।' ଗାୟକଙ୍କ ଉପସ୍ଥିତ ବୁଦ୍ଧି ପ୍ରଶଂସନୀୟ ଥିଲା। ହେଲେ ଆଜିକାଲି ସେ ପାଲା ଯୁଗ ଆଉ ନାହିଁ। କାଁଭାଁ କେଉଁଠି ପାଲା ହେଉଛି। ସେଥିରେ ଖାଲି କେତେଜଣ ବୟସ୍କ ଶ୍ରୋତାଙ୍କ ଛଡ଼ା ଯୁବ ଦର୍ଶକ ନ ଥାନ୍ତି। ଧୀରେ ଧୀରେ ସେତକ ବି ଲୋପ ପାଇଯିବାର ଆଶଙ୍କା ଉପୁଜିଲାଣି।

ମୋ-୭୭୫୦୦୮୩୮୭୯

## ଏଇ ଭାରତରେ

ଗତ ୪ଶହ ବର୍ଷ ଧରି ମଧ୍ୟପ୍ରଦେଶର ରାଜଗଡ଼ ଜିଲା ସଙ୍କ୍ ଶ୍ୟାମ୍ ଜୀ ଗାଁରେ କୌଣସି ଶିଶୁଙ୍କ ଜନ୍ମ ହୋଇନି। ଭୋପାଳଠାରୁ ଏହି ଗାଁର ଦୂରତା ପ୍ରାୟ ୧୩୦ କିଲୋମିଟର। ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାଙ୍କୁ ଗାଁ ବାହାରେ ଥିବା ଏକ ଘରକୁ ନିଆଯାଇଥାଏ, ଯାହାକି କେବଳ ପ୍ରସବ ପାଇଁ ନିର୍ମିତ ହୋଇଛି। ଗାଁ ଉପରେ ଏକ ଅଭିଶାପ ରହିଛି। ଏଠାରେ ପ୍ରସବ ହେଲେ ମା' କିମ୍ବା ଶିଶୁଙ୍କର ମୃତ୍ୟୁ ଘଟିଥାଏ। ନଚେତ୍ ଶିଶୁ ବିକଳାଙ୍ଗ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଏହା ପଛର ଅଜଣା ରହସ୍ୟ କ'ଣ ତାହା ଗ୍ରାମବାସୀଙ୍କୁ ଜଣାନାହିଁ। ତେବେ ଏଭଳି ଘଟଣା ୧୬୦୦ ମସିହାରୁ ବାରମ୍ବାର ଘଟିବାରୁ ଶେଷରେ ଗାଁରେ ପ୍ରସବକୁ ବାରଣ କରାଯାଇଛି। ଏହି ପରମ୍ପରା ଏବେ ଏଠାରେ ଜାରି ରହିଛି। ଗାଁର ୯୦ ପ୍ରତିଶତ ପ୍ରସବ ହସ୍ପିଟାଲରେ ହୋଇଥାଏ। ଅତି ଜରୁରୀ କ୍ଷେତ୍ରରେ ଗାଁ ବାହାରେ ଥିବା ପ୍ରସବ ଘରେ ଶିଶୁ ଜନ୍ମ ନେଇଥାନ୍ତି। ଗାଁରେ ଆମିଷ ଓ ମଦ୍ୟପାନକୁ ମଧ୍ୟ ବାରଣ କରାଯାଇଛି। ଅଜଣା ଅଭିଶାପ ଯୋଗୁ ତାଙ୍କ ଗାଁରେ କେହି ମଦ୍ୟ କିମ୍ବା ଧୂମପାନ କରି ନ ଥାନ୍ତି। ଏହା ଗାଁ ପାଇଁ ବରଦାନ ପାଲଟିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୧ ଜୁଲାଇ ୧୯୯୪

- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଓ ରୁଷିଆ ରାଷ୍ଟ୍ରପତି ବୋରିସ୍ ୟେଲଟସିନଙ୍କ ମଧ୍ୟରେ ୨ଟି ରାଜନୈତିକ ଘୋଷଣାନାମା ସ୍ୱାକ୍ଷରିତ।
- କଟକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆ ବଜାର ସ୍ଥିତ ଆଖଡା ଲେନରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୫ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଜୁନ୍ ୨୩- ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ଭାଇ ଆନନ୍ଦ କୁମାରଙ୍କୁ ଦଳର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

୨୪- ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଉ ୬ ମାସ ବାକି ଥିବାବେଳେ ସେ ଅଚାନକ ଏହି ପଦରୁ ଇସ୍ତଫା ଦେଇଛନ୍ତି।

୨୫- ଭାରତମାତା ଜନହିତ ଟ୍ରଷ୍ଟ ମୁଖ୍ୟ ତଥା ବିଶିଷ୍ଟ ସନ୍ଥ ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରି ମହାରାଜଙ୍କର ୮୭ ବର୍ଷ ବୟସରେ ପରଲୋକ।

୨୬- ବରିଷ୍ଠ ଆଇପିଏସ୍ ଅଫିସର ବସନ୍ତ କୁମାର ଗୋୟଲଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ମୁଖ୍ୟ ଏବଂ ଅରବିନ୍ଦ କୁମାରଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

୨୭- ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରର ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି।

* ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ରାଜ୍ୟ ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ।

୨୮- ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ'ର ଶେଷ ମୁଦ୍ରିତ ସଂସ୍କରଣ ଆଜି ପ୍ରକାଶ ପାଇଛି, ଏହାପରଠାରୁ ଏହାର କେବଳ ଅନ୍‌ଲାଇନ ସଂସ୍କରଣ ହିଁ ପ୍ରକାଶ ପାଇବ।

## ଆମ ସମସ୍ୟା

### କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା

ମହାଶୟ,

କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା ବାସ୍ତବରେ ଚିନ୍ତାର ବିଷୟ। ଏଠାକୁ ଯେତେ ଭଲ ତହସିଲଦାର, ଭଲ ପୋଲିସ ଅଫିସର ଆସନ୍ତୁ, ଯେପର୍ଯ୍ୟନ୍ତ ଏଠିକାର ସ୍ଥାନୀୟ ନେତା ନ ଚାହିଁବେ ସମାଧାନ ହୋଇପାରିବ ନାହିଁ। ଦିନକୁ ଦିନ ବଜାର ବଢ଼ିଚାଲିଛି। ସ୍ଥାନର ଅଭାବ କିପରି ଦୂର ହେବ, ତାହା ପ୍ରତି ନଜର ଦେବା ଦରକାର। ମେଡିକାଲର ପୂର୍ବ ଏବଂ ପଶ୍ଚିମ ପଟରେ ସଙ୍କୀର୍ଣ୍ଣ ରାସ୍ତା ଅଛି। ଏହି ରାସ୍ତାରେ ଥିବା ବ୍ୟବସାୟୀଙ୍କୁ ହଟାଇବାକୁ ହେଲେ ସେମାନଙ୍କୁ ଥଇଥାନ ପାଇଁ ଏକମାତ୍ର ବିକଳ୍ପ ଥାନା ଛକଠାରୁ ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲରେ ପୋଲ କରିବାକୁ ପଡିବ। ଦ୍ୱିତୀୟରେ କେତେକ ପରିତ୍ୟକ୍ତ ସ୍ଥାନ ଅଛି, ଯେପରି କୁଜଙ୍ଗ ହାଇସ୍କୁଲର ଉତ୍ତର ଦିଗରେ ଥିବା ପରିତ୍ୟକ୍ତ ପୋଖରୀକୁ ପୋତିଦେଲେ ଅନେକ ଜାଗା ମିଳିଯିବ, ଯାହା ସ୍ଥାନୀୟ ନେତାଙ୍କ ଦ୍ୱାରା ସମ୍ଭବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଗରିବ ଓବିସି ଛାତ୍ରୀଛାତ୍ରଙ୍କୁ ଉପେକ୍ଷା

ସର୍ବଭାରତୀୟ ମେଡିକାଲ କାଉନସେଲିଂ କମିଟି ଅନୁଯାୟୀ ଛାତ୍ରୀଛାତ୍ରଙ୍କ ନାମଲେଖା ନିମନ୍ତେ ସର୍ବଭାରତୀୟ ସ୍ତରରେ ହରିଜନ, ଆଦିବାସୀ, ପଛୁଆବର୍ଗ ଓ ଗରିବ ସାଧାରଣ ବର୍ଗ ପାଇଁ ସ୍ଥାନ ସଂରକ୍ଷଣ ହୋଇଥିବା ସ୍ଥଳେ ଓଡିଶାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଓଡିଶାରେ ସାଧାରଣବର୍ଗ ମଧ୍ୟରେ ପଛୁଆବର୍ଗ ଛାତ୍ରୀଛାତ୍ର ମିଶିକରି ତାଲିକା ପ୍ରକାଶ ପାଉଛି। କିନ୍ତୁ ମେଡିକାଲ କାଉନସେଲିଂ କମିଟି ଓଡିଶାରେ ଅନଲାଇନ ରେଜିଷ୍ଟ୍ରେସନରେ ୧୦% ସ୍ୱତନ୍ତ୍ର କୋଟା ସାଧାରଣବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ଦ୍ଧାରଣ କରିଛନ୍ତି। ଅଥଚ ଓଡିଶାରେ ଥିବା ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏହି ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ନିମନ୍ତେ ଅଭିଭାବକଗଣ ଦାବି କରୁଛନ୍ତି।

କାର୍ତ୍ତିକ ଚନ୍ଦ୍ର ଦଳେଇ, ବାଇଗୁଣିଆଁ, ଭାପୁର, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଉଜାଡ଼ିଲେ ସଂସାର

# ୨ ପିଲାଙ୍କୁ ବିଷ ଦେଇ ମାଆ ପିଇଲେ ବିଷ

■ ମାଆଙ୍କ ମୃତ୍ୟୁ, ୨ ପିଲା ଚିକିତ୍ସାଧୀନ
■ ମାନସିକ ଭାରସାମ୍ୟ ହରାଇ ନେଇଛନ୍ତି ଏପରି ପଦକ୍ଷେପ
■ ୨ ମାସ ତଳେ ମୃତ୍ୟୁବରଣ କରିଥିଲେ ସ୍ୱାମୀ
■ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ସମସ୍ତ ସହାୟତା

ମାଲକାନଗିରି, ୩୦।୬(ଡି.ଏନ.ଏ.)

ସ୍ୱାମୀଙ୍କ ମୃତ୍ୟୁ ପରେ ଦାରିଦ୍ର୍ୟର କଷାଘାତ ନେଇଛି ଏକ ଜୀବନ। ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଜଣେ ମାଆ ତାଙ୍କ ୨ ପିଲାଙ୍କୁ ବିଷ ଦେଇ ନିଜେ ଆତ୍ମହତ୍ୟା କରିବା ପରି ନିଷ୍ପତ୍ତି ମାଲକାନଗିରି ଜିଲାରେ ଆଲୋଡନ ଖେଳାଇ ଦେଇଛି। ବିଷପାନ ପରେ ମାଆ ସୀତା ମାଡ଼କାମୀଙ୍କ ମୃତ୍ୟୁ ହୋଇଛି। ୨ କୋମଳମତି ଶିଶୁ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମରେ ଏପରି ଦୁଃଖଦ ଘଟଣା ଘଟିଛି।

ଖବରରୁ ଜଣାପଡିଛି, ସ୍ତ୍ରୀ ସୀତା ଓ ୨ ସନ୍ତାନଙ୍କୁ ନେଇ ଗୌଡ଼ଗୁଡ଼ା ଗ୍ରାମରେ ମୁକା ମାଡ଼କାମୀଙ୍କ ପରିବାର ବସବାସ କରନ୍ତି। ଗତ କିଛି ମାସ ଧରି ମୁକା ଯକ୍ଷ୍ମାରେ ପୀଡିତ ହୋଇ ୨ ମାସ ତଳେ ମୃତ୍ୟୁବରଣ କରିଥିଲେ । ଫଳରେ ସୀତା ସ୍ୱାମୀଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲେ । ଗୋଟିଏ ପୁଅ ଦେବେନ୍ଦ୍ର (୮) ଓ ଗୋଟିଏ ଝିଅ ଧରିତ୍ରୀଙ୍କ ଭବିଷ୍ୟତ ନେଇ କଣ କରିବେ ସେହି ଚିନ୍ତାରେ ଦିନ କାଟୁଥିଲେ । ଶେଷରେ ଶନିବାର ସନ୍ଧ୍ୟାରେ ସୀତା ନିଜର ୨ ଝିଅପୁଅଙ୍କୁ ବିଷ ଦେଇ ନିଜେ ବିଷ ପିଇ ଦେଇଥିଲେ । ସମସ୍ତେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପଡୋଶୀ ଜାଣି ପାରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ପରେ ଆଶାକର୍ମୀ ବିମଳା ମାଡ଼କାମୀ ଗ୍ରାମବାସୀଙ୍କ ସହାୟତାରେ ମାଆ ଓ ପିଲାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସୀତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦେବେନ୍ଦ୍ର ଓ ଧରିତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ପୁଅର ମୃତ୍ୟୁ ପରେ ୨ ପିଲାଙ୍କ ଭବିଷ୍ୟତ ନେଇ କଣ କରିବେ ସେହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ବୋହୂ ଏଭଳି ପଦକ୍ଷେପ ନେଇଥିବା ତାଙ୍କ ଶ୍ୱଶୁର ସାନା ମାଡ଼କାମୀଙ୍କ ସହ ଗ୍ରାମବାସୀ ଜରା ଶବର ମାଡ଼ି, ସଞ୍ଜୟ ସୁନାନୀ ପ୍ରକାଶ କରିଛନ୍ତି। ଖବର ପାଇ ମାଲକାନଗିରି ଥାନା ଆଇଆଇସି ରଞ୍ଜନ କୁମାର ସାହୁ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଆଇପିସି ଦଫା-୩୦୭, ୩୨୮ରେ ଏକ ମାମଲା (ନଂ-୧୪୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୀତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଶ୍ୱଶୁର ଏବଂ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି। ଘଟଣା ଜାଣିବା ପରେ ବିଡିଓ ଡ.ଗୁଣନିଧି ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ସେ ଗୌଡ଼ଗୁଡ଼ା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବରୁ ତାଙ୍କ ଶ୍ୱଶୁରଙ୍କୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ତାଙ୍କ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ତାଙ୍କ ମୃତଦେହ ସତ୍କାର ପାଇଁ ମଧ୍ୟ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚିକିତ୍ସାଧୀନ ୨ପିଲା ସୁସ୍ଥ ହେବା ପରେ ଚାଇଲ୍ଡ ଲାଇନ ସହ ଯୋଗାଯୋଗ କରି ସେମାନଙ୍କ ଥଇଥାନ ଓ ଶିକ୍ଷା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଡିଓ ନାୟକ କହିଛନ୍ତି।

■ କେନ୍ଦ୍ରାପଡ଼ାରେ ମହିଳାଙ୍କୁ ଗଣବଳାତ୍କାର ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଆବେଦନ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନାଞ୍ଚଳରେ ଜଣେ ମହିଳାଙ୍କୁ ଶୁକ୍ରବାର ରାତିରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ୩୬ ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରିନି। ଏପରିସ୍ଥିତିରେ ପୋଲିସର କାର୍ଯ୍ୟଧାରାକୁ ନେଇ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିବାବେଳେ ଏ ସଂକ୍ରାନ୍ତରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପିଟିଶନ ହୋଇଛି। ଏନ୍‌ଏଚ୍‌ଆର୍‌ସି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିନ୍ତି ଯେ, ମହିଳା ଜଣକ ଗଣବଳାତ୍କାର ଶିକାର ହେବାଠାରୁ ସମ୍ପୂର୍ଣ୍ଣ ଅସୁସ୍ଥ ଅଛନ୍ତି। ତେଣୁ ତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ କମିଶନଙ୍କୁ ନିବେଦନ କରିଛନ୍ତି। ଏହାସହ ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ପୀଡିତାଙ୍କ ଘର ଆଳି ଥାନା ଅଞ୍ଚଳରେ ହୋଇଥିବାବେଳେ କିଛି ବର୍ଷ ହେବ ତାଙ୍କ ପରିବାର ନିକିରାଇ ଥାନାଞ୍ଚଳରେ ଜାଗା କିଣି ରହୁଛନ୍ତି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଘର ବାଟ ଦେଇ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ମହିଳାଙ୍କ ଘର ଗ୍ରୀଲ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ପ୍ରଥମେ ପରିବାରର ସମସ୍ତ ସଦସ୍ୟଙ୍କୁ ଲୁହା ରଡ଼ରେ ନିସ୍ଥୁକ ପିଟିଥିଲେ। ପରେ ଅନ୍ୟ ସଦସ୍ୟଙ୍କ ଆଗରେ ଉକ୍ତ ମହିଳାଙ୍କୁ ଜଣକ ପରେ ଜଣେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ନଂ.୭୩/୧୯ ରୁଜୁ କରି ତଦନ୍ତ ଚଳାଇଛି। ହେଲେ ସ୍ଥାନୀୟ ଲୋକେ ଏଥିପାଇଁ ପୋଲିସକୁ ଦାୟୀ କରୁଛନ୍ତି। ଅପରାଧୀ ଓ ଅଭିଯୁକ୍ତଙ୍କ ଉପରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଥାନାର କେତେଜଣ କର୍ମଚାରୀ ସେମାନଙ୍କ ସହ ଭିତିରି ସମ୍ପର୍କ ରଖୁଛନ୍ତି। ଫଳରେ ଏଭଳି ସ୍ପର୍ଶକାତର ଘଟଣା ଘଟାଇବାକୁ ଅଭିଯୁକ୍ତମାନେ ସାହସ କଲେ ବୋଲି ଲୋକେ କହିଛନ୍ତି।

■ ସ୍ନାନବେଦୀକୁ ଚଢ଼ିବା ନେଇ ବିଧାୟକଙ୍କୁ ନୋଟିସ ପ୍ରସଙ୍ଗ

# ଅନୁତାପ କରିବା ବଡ଼ କଥା: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ ଅଫିସ, ୩୦।୬

ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ବିଶୃଙ୍ଖଳା ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ସ୍ନାନମଣ୍ଡପରେ ବ୍ୟବସ୍ଥାବଳୀ ଉଲ୍ଲଂଘନ କରିଥିବା ସେବାୟତ ଏବଂ ଅନ୍ୟମାନଙ୍କ ବିରୋଧରେ ଦ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ଦୁଇଜଣ ସେବାୟତଙ୍କୁ ସେବାରୁ ନିଲମ୍ବନ କରାଯାଇଛି। ନୋଟିସ୍ ପାଇବାର ୭ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେବା ଲାଗି ବିଧାୟକ ଷଡ଼ଙ୍ଗୀଙ୍କୁ କୁହାଯାଇଥିଲା। ତେବେ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଜଣେ ଅନୁତାପ କରିବା ବଡ଼ କଥା।

ରବିବାର ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତିରେ ଶୃଙ୍ଖଳା ରକ୍ଷା କରିବା ହେଉଛି ଆମର ଉଦ୍ଦେଶ୍ୟ। ସମସ୍ତେ ମହାପ୍ରଭୁଙ୍କ ଭକ୍ତ। କୌଣସି ସେବକଙ୍କୁ ନିଲମ୍ବିତ କରିବା ଉଦ୍ଦେଶ୍ୟ ନୁହେଁ। ପ୍ରତିବର୍ଷ ଶୃଙ୍ଖଳା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଥାଏ। କିନ୍ତୁ ରଥଯାତ୍ରା ସରିବା ପରେ ସେବାୟତମାନେ ଏହାକୁ ଭୁଲି ଯାଇଥାନ୍ତି। ୨୦୧୮ରେ ଏହାକୁ କଡାକଡି କରାଯାଇଥିଲା। ସ୍ନାନମଣ୍ଡପରେ ବିଶୃଙ୍ଖଳା କରିଥିବା ୪୫ ଜଣ ସେବକଙ୍କୁ ପ୍ରଥମକରି ନୋଟିସ୍ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର ରଖି ଭୁଲ୍ ହୋଇଥିବା ସ୍ୱୀକାର କରିଥିଲେ। ଅନେକ ସିସିଟିଭି ସେମାନଙ୍କ କାର୍ଯ୍ୟକଳାପ ରେକର୍ଡ କରୁଥିବା ବି ଜାଣି ନ ଥିଲେ। ଏଥର ସ୍ନାନମଣ୍ଡପରେ କିଛିଟା ବିଶୃଙ୍ଖଳା ନଜରକୁ ଆସିଥିଲା। ବିଧାୟକଙ୍କୁ ନୋଟିସ୍ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ, ନୋଟିସ୍‌ରେ ବିଧାୟକ ବୋଲି ଲେଖାଯାଇ ନାହିଁ। ଜୟନ୍ତ କୁମାର ଷଡ଼ଙ୍ଗୀ ବୋଲି ଉଲ୍ଲେଖ ଅଛି। ସେ ଜଗନ୍ନାଥଙ୍କ ଜଣେ ଭକ୍ତ। ଏକ ଟେଲିଭିଜନରେ ତାଙ୍କର ଭୁଲ୍ ହୋଇଛି ବୋଲି ସେ ନିଜେ ସ୍ୱୀକାର କରିଛନ୍ତି। ସେତିକି ବଡ଼ କଥା। ସେ ଉତ୍ତର ଦିଅନ୍ତୁ କି ନ ଦିଅନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସିସିଟିଭି ଫୁଟେଜ ଆଧାରରେ ତାଙ୍କୁ ନୋଟିସ କରାଯାଇଥିଲା। ତାଙ୍କୁ ସାଥିରେ ନେଇଯାଇଥିବା ଦୁଇଜଣ ସେବାୟତଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

**TENDER NOTICE FOR SALE OF FLOOD EFFECTED GOODS**

Sealed offers are invited for sale of Mattresses and other related stocks and Furniture affected due to Cyclone Fani followed by rain belonging to M/s. Kurlon Enterprises Limited in "AS IS WHERE IS" condition (Brand Kurlon Name will be removed from the products).
Tender documents can be purchased till10.07.2019 by payment of Rs. 500/- in cash from:
1. Bhatawadekar Insurance Surveyors & Loss Assessors Private Limited,
Shantinagar Industrial Estate, Vakola, Santacruz (East), Mumbai – 400055.
Phone: 022-2667 4425 /26
2. M/s. Kurlon Enterprises Limited
B-88, CNI Complex, PO-KIIT, Bhubaneshwar, Odisha – 751025.
M: 8310998301, 9337837778

■ କଂଗ୍ରେସ ବିପର୍ଯ୍ୟୟ ପ୍ରସଙ୍ଗ

# ସମୟ ଭିତରେ ଆସିପାରିଲାନି ରିପୋର୍ଟ

ଭୁବନେଶ୍ୱର, ୩୦।୬(ବ୍ୟୁରୋ): ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ କଂଗ୍ରେସ ସେତେଟା ଆଖିଦୃଶିଆ ପ୍ରଦର୍ଶନ କରିପାରିଲା ନାହିଁ। ଏଭଳି ରାଜ୍ୟ ରାଜନୀତିରେ ଦ୍ୱିତୀୟ ସ୍ଥାନରେ ରହି ଯେଉଁ ଦମ୍ଭୋକ୍ତି ଦେଖାଇ ଆସୁଥିଲା ସେଥିରେ ମଧ୍ୟ ଚେଙ୍କ ମାରିଲା। ଦଳ ଏଥର ରାଜ୍ୟରେ ପ୍ରଥମ ଥର ଲାଗି ତୃତୀୟ ସ୍ଥାନକୁ ଖସି ଆସିଛି। ଏସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳର ଖରାପ ପ୍ରଦର୍ଶନ ପାଇଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ତାଙ୍କ ଇସ୍ତଫା ପତ୍ରକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଗ୍ରହଣ କରାଯାଇ ନାହିଁ। ଦଳ କାହିଁକି ନିର୍ବାଚନରେ ଖରାପ କଲା ସେ ନେଇ ରିପୋର୍ଟ ପଠାଇବାକୁ ପିସିସି ନିର୍ଦ୍ଦେଶ ଦେଇଥିଲେ। ଯେଉଁଥିପାଇଁ ପିସିସି ସଭାପତି ନିରଞ୍ଜନ ଏକ ୨୧ ଜଣିଆ କମିଟି ଗଠନ କରିଛନ୍ତି। କମିଟି ଅଧ୍ୟକ୍ଷ ଭାବେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଦାୟିତ୍ୱ ମିଳିଛି। ଅନ୍ୟପଟେ ଏହି କମିଟିରେ ୯ ଜଣ ବିଧାୟକ ରହିଛନ୍ତି। ରବିବାର ସୁଦ୍ଧା ଏହି କମିଟି ପିସିସି ନିକଟରେ ରିପୋର୍ଟ ଦାଖଲ କରିବାକୁ ସମୟ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଏହା କରିବାରେ କମିଟି ବିଫଳ ହୋଇଛି। ଏନେଇ ନରସିଂହ କହିଛନ୍ତି ଯେ, ବିଧାନସଭା ଆରମ୍ଭ ହୋଇଥିବାରୁ ତଥ୍ୟ ଅନୁସନ୍ଧାନ ସରିପାରିଲା ନାହିଁ। ୨ଟି କମିଟି କାର୍ଯ୍ୟ ଶେଷ କରିସାରିଛି। ଅନ୍ୟ ୪ଟି କମିଟିର କାର୍ଯ୍ୟ ଜାରି ରହିଛି। ବିଧାନସଭା ଅଧିବେଶନ ଶେଷ ହୋଇଯିବା ପରେ ରିପୋର୍ଟ ଆସିବ ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ତାଙ୍କୁ ୫ଟି ଜିଲାର ଦାୟିତ୍ୱ ମିଳିଥିଲା। ସେଥିରୁ ୪ଟି ଜିଲାର କାର୍ଯ୍ୟ ଶେଷ ହୋଇଯାଇଛି। ଗୋଟିଏ ବାକି ଅଛି। ବିଧାନସଭା ପରେ ରିପୋର୍ଟ ପ୍ରଦାନ କରିବି ବୋଲି ସେ କହିଛନ୍ତି। ଅନ୍ୟପଟେ କମିଟି ତରଫରୁ କିଛି ନେତା ନିଜ ନାମ ଗୋପନ ରଖି କହିଛନ୍ତି, କୌଣସି କମିଟି ଦଳର ବିପର୍ଯ୍ୟୟ ନେଇ ଅନୁସନ୍ଧାନ କରିନାହାନ୍ତି। କେବଳ ଭୁଆଁ ବୁଲାଇବାକୁ ଯୋଜନା କରାଯାଇଛି। କିଏ କାହା ବିରୋଧରେ ରିପୋର୍ଟ ଆଣିବ, ଦାୟିତ୍ୱ ମିଳିଛି କାହାକୁ ଏକଥା ସମସ୍ତଙ୍କୁ ଜଣାଅଛି।




**01. ତା.05.07.19 ରୁ 11.07.19ରିଖ ଦିନ ପୁରୀକୁ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍ ତା.10.07.19 ରିଖ ଦିନ ବ୍ୟତୀତ**

| କ୍ରମ ସଂ | ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀ ଠାରେ ପହଞ୍ଚିବା ସମୟ |
|---|---|---|---|---|---|
| 01. | 08915 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 0530 | 0655 |
| 02. | 08927 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 1200 | 1335 |
| 03. | 08929 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 1710 | 1845 |
| 04. | 02891 | ଭୁବନେଶ୍ୱର-ପୁରୀ | ଭୁବନେଶ୍ୱର | 1005 | 1220 |

ରହଣି ସ୍ଥାନ : କ୍ରମ ସଂ. 01 ରୁ 03 ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ୍ ଠାରେ ରହଣି, କ୍ରମ ସଂ.04 ବାଙ୍ଗିରିପୋଷି-ଭୁବନେଶ୍ୱର ମଧ୍ୟରେ 12891 ଏକ୍ସପ୍ରେସ୍‌ର ସମୟ ସାରଣୀ ସହ ଖୋର୍ଦ୍ଧା ରୋଡ୍ ଓ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ରହଣି ।

**02. ତା.05.07.19 ରୁ 11.07.19ରିଖ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍ ତା.10.07.19 ରିଖ ଦିନ ବ୍ୟତୀତ**

| କ୍ରମ ସଂ | ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟ |
|---|---|---|---|---|---|
| 01. | 08916 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 0830 | 0955 |
| 02. | 08928 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 1455 | 1530 |
| 03. | 08930 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 2030 | 2125 |
| 04. | 02892 | ପୁରୀ-ଭୁବନେଶ୍ୱର | ପୁରୀ | 1510 | 1705 |

ରହଣି ସ୍ଥାନ : କ୍ରମ ସଂ. 01 ରୁ 03 ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ୍ ଠାରେ ରହଣି, କ୍ରମ ସଂ.04 ବାଙ୍ଗିରିପୋଷି-ଭୁବନେଶ୍ୱର ମଧ୍ୟରେ 12892 ଏକ୍ସପ୍ରେସ୍‌ର ସମୟ ସାରଣୀ ସହ ଖୋର୍ଦ୍ଧା ରୋଡ୍ ଓ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ରହଣି ।

**03. ତା.04.07.19ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀକୁ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀ ଠାରେ ପହଞ୍ଚିବା ସମୟ |
|---|---|---|---|---|---|
| 08907 | ବିଶାଖାପାଟଣା-ପୁରୀ | ବିଶାଖାପାଟଣା | 03.07.19 | 1430 | 0115 |
| 08911 | ଜୁନାଗଡ଼ ରୋଡ୍-ପୁରୀ ଭାୟା ସମ୍ବଲପୁର | ଜୁନାଗଡ଼ ରୋଡ୍ | 03.07.19 | 1100 | 0220 |
| 08931 | ସମ୍ବଲପୁର-ପୁରୀ ଭାୟା ତାଳଚେର ରୋଡ୍ | ସମ୍ବଲପୁର | 03.07.19 | 2030 | 0635 |
| 08013 | ଶାଲିମାର-ପୁରୀ | ଶାଲିମାର | 03.07.19 | 2355 | 1015 |
| 08131 | ରାଉରକେଲା-ପୁରୀ ଭାୟା ସମ୍ବଲପୁର | ରାଉରକେଲା | 03.07.19 | 2340 | 1030 |
| 08915 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 04.07.19 | 0530 | 0655 |
| 08923 | ପାରାଦୀପ-ପୁରୀ | ପାରାଦୀପ | 04.07.19 | 0315 | 0745 |
| 08919 | କଟକ-ପୁରୀ | କଟକ | 04.07.19 | 0630 | 0840 |
| 08921 | ବ୍ରହ୍ମପୁର-ପୁରୀ | ବ୍ରହ୍ମପୁର | 04.07.19 | 0400 | 1045 |
| 02891 | ଭୁବନେଶ୍ୱର-ପୁରୀ | ଭୁବନେଶ୍ୱର | 04.07.19 | 1005 | 1220 |
| 08909 | ପଲାସା-ପୁରୀ | ପଲାସା | 04.07.19 | 0425 | 1235 |
| 08917 | ଭଦ୍ରକ-ପୁରୀ | ଭଦ୍ରକ | 04.07.19 | 0515 | 1315 |
| 08927 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 04.07.19 | 1200 | 1335 |
| 08425 | କେନ୍ଦୁଝରଗଡ଼-ପୁରୀ | କେନ୍ଦୁଝରଗଡ଼ | 04.07.19 | 0615 | 1405 |
| 08929 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 04.07.19 | 1710 | 1945 |

**04. ତା.04.07.19ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟ |
|---|---|---|---|---|---|
| 08916 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 04.07.19 | 0830 | 0955 |
| 08928 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 04.07.19 | 1455 | 1605 |
| 02892 | ପୁରୀ-ଭୁବନେଶ୍ୱର | ପୁରୀ | 04.07.19 | 1510 | 1705 |
| 08918 | ପୁରୀ-ଭଦ୍ରକ | ପୁରୀ | 04.07.19 | 1525 | 2030 |
| 08132 | ପୁରୀ-ରାଉରକେଲା ଭାୟା କେନ୍ଦୁଝରଗଡ଼ | ପୁରୀ | 04.07.19 | 1850 | 0415 |
| 08922 | ପୁରୀ-ବ୍ରହ୍ମପୁର | ପୁରୀ | 04.07.19 | 1900 | 0305 |
| 08426 | ପୁରୀ-କେନ୍ଦୁଝରଗଡ଼ | ପୁରୀ | 04.07.19 | 1935 | 0400 |
| 08910 | ପୁରୀ-ପଲାସା | ପୁରୀ | 04.07.19 | 2005 | 0325 |
| 08932 | ପୁରୀ-ସମ୍ବଲପୁର ଭାୟା ନରାଜ ମାର୍ଥାପୁର | ପୁରୀ | 04.07.19 | 2025 | 0830 |
| 08924 | ପୁରୀ-ପାରାଦୀପ | ପୁରୀ | 04.07.19 | 2035 | 0050 |
| 08908 | ପୁରୀ-ବିଶାଖାପାଟଣା | ପୁରୀ | 04.07.19 | 2315 | 0930 |
| 08014 | ପୁରୀ-ସାନ୍ତ୍ରାଗାଛି | ପୁରୀ | 04.07.19 | 2345 | 1000 |
| 08920 | ପୁରୀ-କଟକ | ପୁରୀ | 04.07.19 | 2350 | 0225 |
| 08912 | ପୁରୀ-ଜୁନାଗଡ଼ ରୋଡ୍ ଭାୟା ନରାଜ ମାର୍ଥାପୁର, ତାଳଚେର ରୋଡ୍, ସମ୍ବଲପୁର | ପୁରୀ | 05.07.19 | 0015 | 1535 |
| 08930 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 05.07.19 | 0045 | 0245 |

**05. ତା.10.07.19ରିଖ (ସନ୍ଧ୍ୟା ଦର୍ଶନ) ଦିନ ପୁରୀକୁ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍**

| କ୍ରମ ସଂ | ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀ ଠାରେ ପହଞ୍ଚିବା ସମୟ |
|---|---|---|---|---|---|
| 01. | 08915 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 0530 | 0655 |
| 02. | 08927 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 1100 | 1235 |
| 03. | 08933 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 1510 | 1630 |
| 04. | 08929 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 1840 | 1955 |
| 05. | 02891 | ଭୁବନେଶ୍ୱର-ପୁରୀ | ଭୁବନେଶ୍ୱର | 1005 | 1220 |

ରହଣି ସ୍ଥାନ : କ୍ରମ ସଂ. ୦୧ ରୁ ୦୪ ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ୍ ଠାରେ ରହଣି, କ୍ରମ ସଂ.୦୫ ବାଙ୍ଗିରିପୋଷି-ଭୁବନେଶ୍ୱର ମଧ୍ୟରେ ୧୨୮୯୧ ଏକ୍ସପ୍ରେସ୍‌ର ସମୟ ସାରଣୀ ସହ ଖୋର୍ଦ୍ଧା ରୋଡ୍ ଓ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ରହଣି ।

**06. ତା.10.07.19ରିଖ (ସନ୍ଧ୍ୟା ଦର୍ଶନ) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| କ୍ରମ ସଂ | ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟ |
|---|---|---|---|---|---|
| 01. | 08916 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 0820 | 0945 |
| 02. | 08934 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 1330 | 1450 |
| 03. | 02892 | ପୁରୀ-ଭୁବନେଶ୍ୱର | ପୁରୀ | 1510 | 1705 |
| 04. | 08928 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 1700 | 1820 |
| 05. | 08930 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 2030 | 2200 |

ରହଣି ସ୍ଥାନ : କ୍ରମ ସଂ. ୦୧, ୦୨, ୦୪ ଏବଂ ୦୫ ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ୍ ଠାରେ ରହଣି, କ୍ରମ ସଂ.୦୩ ବାଙ୍ଗିରିପୋଷି-ଭୁବନେଶ୍ୱର ମଧ୍ୟରେ ୧୨୮୯୨ ଏକ୍ସପ୍ରେସ୍‌ର ସମୟ ସାରଣୀ ସହ ଖୋର୍ଦ୍ଧା ରୋଡ୍ ଓ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ରହଣି ।

**07. ତା.12.07.19ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀକୁ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀ ଠାରେ ପହଞ୍ଚିବା ସମୟ |
|---|---|---|---|---|---|
| 08951 | ବିଶାଖାପାଟଣା-ପୁରୀ | ବିଶାଖାପାଟଣା | 11.07.19 | 1430 | 0115 |
| 08955 | ଜୁନାଗଡ଼ ରୋଡ୍-ପୁରୀ ଭାୟା ସମ୍ବଲପୁର, ନରାଜ ମାର୍ଥାପୁର | ଜୁନାଗଡ଼ ରୋଡ୍ | 11.07.19 | 1100 | 0220 |
| 08959 | ସମ୍ବଲପୁର-ପୁରୀ ଭାୟା ତାଳଚେର ରୋଡ୍ | ସମ୍ବଲପୁର | 11.07.19 | 2030 | 0635 |
| 08015 | ଶାଲିମାର-ପୁରୀ | ଶାଲିମାର | 11.07.19 | 2355 | 1015 |
| 08131 | ରାଉରକେଲା-ପୁରୀ | ରାଉରକେଲା | 11.07.19 | 2340 | 1030 |
| 08915 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 12.07.19 | 0530 | 0655 |
| 08923 | ପାରାଦୀପ-ପୁରୀ | ପାରାଦୀପ | 12.07.19 | 0315 | 0750 |
| 08919 | କଟକ-ପୁରୀ | କଟକ | 12.07.19 | 0630 | 0930 |
| 08921 | ବ୍ରହ୍ମପୁର-ପୁରୀ | ବ୍ରହ୍ମପୁର | 12.07.19 | 0400 | 1045 |
| 02891 | ଭୁବନେଶ୍ୱର-ପୁରୀ | ଭୁବନେଶ୍ୱର | 12.07.19 | 1005 | 1220 |
| 08909 | ପଲାସା-ପୁରୀ | ପଲାସା | 12.07.19 | 0425 | 1235 |
| 08917 | ଭଦ୍ରକ-ପୁରୀ | ଭଦ୍ରକ | 12.07.19 | 0515 | 1315 |
| 08927 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 12.07.19 | 1200 | 1335 |
| 08425 | କେନ୍ଦୁଝରଗଡ଼-ପୁରୀ | କେନ୍ଦୁଝରଗଡ଼ | 12.07.19 | 0615 | 1405 |
| 08929 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 12.07.19 | 1710 | 1845 |

**08. ତା.12.07.19ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟ |
|---|---|---|---|---|---|
| 08916 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 12.07.19 | 0830 | 0955 |
| 08928 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 12.07.19 | 1445 | 1605 |
| 02892 | ପୁରୀ-ଭୁବନଶ୍ୱେର | ପୁରୀ | 12.07.19 | 1510 | 1705 |
| 08918 | ପୁରୀ-ଭଦ୍ରକ | ପୁରୀ | 12.07.19 | 1525 | 2030 |
| 08956 | ପୁରୀ-ଜୁନାଗଡ଼ ରୋଡ୍ ଭାୟା ସମ୍ବଲପୁର | ପୁରୀ | 12.07.19 | 1800 | 0510 |
| 08132 | ପୁରୀ-ରାଉରକେଲା | ପୁରୀ | 12.07.19 | 1850 | 0415 |
| 08426 | ପୁରୀ-କେନ୍ଦୁଝରଗଡ଼ | ପୁରୀ | 12.07.19 | 1930 | 0400 |
| 08952 | ପୁରୀ-ବିଶାଖାପାଟଣା | ପୁରୀ | 12.07.19 | 2035 | 0515 |
| 08910 | ପୁରୀ-ପାଲାସା | ପୁରୀ | 12.07.19 | 2040 | 0425 |
| 08960 | ପୁରୀ-ସମ୍ବଲପୁର ଭାୟା ନରାଜ ମାର୍ଥାପୁର, ତାଳଚେର ରୋଡ୍ | ପୁରୀ | 12.07.19 | 2315 | 0645 |
| 08016 | ପୁରୀ-ସାନ୍ତ୍ରାଗାଛି | ପୁରୀ | 12.07.19 | 2345 | 1000 |
| 08920 | ପୁରୀ-କଟକ | ପୁରୀ | 12.07.19 | 2350 | 0225 |
| 08922 | ପୁରୀ-ବ୍ରହ୍ମପୁର | ପୁରୀ | 13.07.19 | 0015 | 0445 |
| 08924 | ପୁରୀ-ପାରାଦୀପ | ପୁରୀ | 13.07.19 | 0030 | 0430 |
| 08930 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 13.07.19 | 0045 | 0245 |

**09. ତା.13.07.19ରିଖ (ସୁନା ବେଶ) ଦିନ ପୁରୀକୁ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ପୁରୀ ଠାରେ ପହଞ୍ଚିବା ସମୟ |
|---|---|---|---|---|---|
| 08017 | ଶାଲିମାର-ପୁରୀ | ଶାଲିମାର | 12.07.19 | 2355 | 1015 |
| 08915 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 13.07.19 | 0530 | 0645 |
| 08923 | ପାରାଦୀପ-ପୁରୀ | ପାରାଦୀପ | 13.07.19 | 0315 | 0805 |
| 08919 | କଟକ-ପୁରୀ | କଟକ | 13.07.19 | 0630 | 0930 |
| 08921 | ବ୍ରହ୍ମପୁର-ପୁରୀ | ବ୍ରହ୍ମପୁର | 13.07.19 | 0400 | 1045 |
| 02891 | ଭୁବନେଶ୍ୱର-ପୁରୀ | ଭୁବନେଶ୍ୱର | 13.07.19 | 1005 | 1220 |
| 08909 | ପଲାସା-ପୁରୀ | ପଲାସା | 13.07.19 | 0425 | 1235 |
| 08917 | ଭଦ୍ରକ-ପୁରୀ | ଭଦ୍ରକ | 13.07.19 | 0515 | 1315 |
| 08927 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 13.07.19 | 1200 | 1335 |
| 08425 | କେନ୍ଦୁଝରଗଡ଼-ପୁରୀ | କେନ୍ଦୁଝରଗଡ଼ | 13.07.19 | 0615 | 1405 |
| 08957 | ଜୁନାଗଡ଼ ରୋଡ୍-ପୁରୀ ଭାୟା ସମ୍ବଲପୁର, ତାଳଚେର ରୋଡ୍, ନରାଜ ମାର୍ଥାପୁର | ଜୁନାଗଡ଼ ରୋଡ୍ | 13.07.19 | 0530 | 1515 |
| 08953 | ବିଶାଖାପାଟଣା-ପୁରୀ | ବିଶାଖାପାଟଣା | 13.07.19 | 0630 | 1715 |
| 08961 | ସମ୍ବଲପୁର-ପୁରୀ | ସମ୍ବଲପୁର ଭାୟା ନରାଜ | 13.07.19 | 0800 | 1815 |
| 08929 | ଖୋର୍ଦ୍ଧା ରୋଡ୍-ପୁରୀ | ଖୋର୍ଦ୍ଧା ରୋଡ୍ | 13.07.19 | 1710 | 1845 |

**10. ତା.13.07.19ରିଖ (ସୁନା ବେଶ) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟ |
|---|---|---|---|---|---|
| 08916 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 13.07.19 | 0830 | 0955 |
| 08928 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 13.07.19 | 1455 | 1605 |
| 02892 | ପୁରୀ-ଭୁବନେଶ୍ୱର | ପୁରୀ | 13.07.19 | 1510 | 1705 |
| 08918 | ପୁରୀ-ଭଦ୍ରକ | ପୁରୀ | 13.07.19 | 1525 | 2030 |
| 08910 | ପୁରୀ-ପଲାସା | ପୁରୀ | 13.07.19 | 2030 | 0425 |
| 08922 | ପୁରୀ-ବ୍ରହ୍ମପୁର | ପୁରୀ | 13.07.19 | 2245 | 0415 |
| 08426 | ପୁରୀ-କେନ୍ଦୁଝରଗଡ଼ | ପୁରୀ | 13.07.19 | 2315 | 0600 |
| 08924 | ପୁରୀ-ପାରାଦୀପ | ପୁରୀ | 13.07.19 | 2330 | 0330 |
| 08018 | ପୁରୀ-ସାନ୍ତ୍ରାଗାଛି | ପୁରୀ | 13.07.19 | 2345 | 1000 |
| 08920 | ପୁରୀ-କଟକ | ପୁରୀ | 14.07.19 | 0005 | 0225 |
| 08930 | ପୁରୀ-ଖୋର୍ଦ୍ଧା ରୋଡ୍ | ପୁରୀ | 14.07.19 | 0020 | 0130 |
| 08958 | ପୁରୀ-ଜୁନାଗଡ଼ ରୋଡ୍ ଭାୟା ନରାଜ ମାର୍ଥାପୁର, ତାଳଚେର ରୋଡ୍, ସମ୍ବଲପୁର | ପୁରୀ | 14.07.19 | 0035 | 1515 |
| 08954 | ପୁରୀ-ବିଶାଖାପାଟଣା | ପୁରୀ | 14.07.19 | 0100 | 1055 |
| 08962 | ପୁରୀ-ସମ୍ବଲପୁର ଭାୟା ନରାଜ ମାର୍ଥାପୁର, ତାଳଚେର ରୋଡ୍ | ପୁରୀ | 14.07.19 | 0200 | 1030 |
| 08964 | ପୁରୀ-ପଲାସା | ପୁରୀ | 14.07.19 | 0525 | 1100 |
| 08966 | ପୁରୀ-ବ୍ରହ୍ମପୁର | ପୁରୀ | 14.07.19 | 1000 | 1500 |

**11. ତା.04.07.19, 10.07.19, 12.07.19 ଏବଂ 13.07.19ରିଖ ଦିନ ଖୋର୍ଦ୍ଧା ରୋଡ୍ ଠାରୁ ନୟାଗଡ଼ ଟାଉନ୍ ମଧ୍ୟରେ ଚଳାଚଳ କରିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ନୟାଗଡ଼ ଟାଉନ୍ ଠାରେ ପହଞ୍ଚିବା ସମୟ |
|---|---|---|---|---|
| 08941 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍ | ଖୋର୍ଦ୍ଧା ରୋଡ୍ | 0730 | 1000 |
| 08943 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍ | ଖୋର୍ଦ୍ଧା ରୋଡ୍ | 1200 | 1400 |
| 08945 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍ | ଖୋର୍ଦ୍ଧା ରୋଡ୍ | 1700 | 1830 |

**12. ତା.04.07.19, 10.07.19, 12.07.19 ଏବଂ 13.07.19ରିଖ ଦିନ ନୟାଗଡ଼ ଟାଉନ୍ ଠାରୁ ଖୋର୍ଦ୍ଧା ରୋଡ୍ ମଧ୍ୟରେ ଚଳାଚଳ କରିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ଖୋର୍ଦ୍ଧା ରୋଡ୍ ଠାରେ ପହଞ୍ଚିବା ସମୟ |
|---|---|---|---|---|
| 08942 | ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ | ନାୟାଗଡ଼ ଟାଉନ୍ | 1020 | 1130 |
| 08944 | ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ | ନାୟାଗଡ଼ ଟାଉନ୍ | 1430 | 1630 |
| 08946 | ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ | ନାୟାଗଡ଼ ଟାଉନ୍ | 1800 | 2045 |

**13. ତା.05.07.19 ଠାରୁ ତା.11.07.19 ରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ଠାରୁ ନୟାଗଡ଼ ଟାଉନ୍ ମଧ୍ୟରେ ଚଳାଚଳ କରିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ୍ ତା.10.07.19ରିଖ ଦିନ ବ୍ୟତୀତ**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ନୟାଗଡ଼ ଟାଉନ୍ ଠାରେ ପହଞ୍ଚିବା ସମୟ |
|---|---|---|---|---|
| 08941 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍ | ଖୋର୍ଦ୍ଧା ରୋଡ୍ | 0730 | 1000 |
| 08945 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍ | ଖୋର୍ଦ୍ଧା ରୋଡ୍ | 1700 | 1830 |

**14. ତା.05.07.19 ଠାରୁ ତା.11.07.19 ରିଖ ପର୍ଯ୍ୟନ୍ତ ନୟାଗଡ଼ ଟାଉନ୍ ଠାରୁ ଖୋର୍ଦ୍ଧା ରୋଡ୍ ମଧ୍ୟରେ ଚଳାଚଳ କରିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ୍ ତା.10.07.19ରିଖ ଦିନ ବ୍ୟତୀତ**

| ଟ୍ରେନ୍ ସଂଖ୍ୟା | ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ନାମ | ଠାରୁ | ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ | ନୟାଗଡ଼ ଟାଉନ୍ ଠାରେ ପହଞ୍ଚିବା ସମୟ |
|---|---|---|---|---|
| 08942 | ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ | ନାୟାଗଡ଼ ଟାଉନ୍ | 1020 | 1130 |
| 08946 | ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ | ନାୟାଗଡ଼ ଟାଉନ୍ | 1800 | 2045 |

ଟ୍ରେନ୍ ନଂ.08907/08908, 08951/08952 ଏବଂ 08953/08954 ବିଶାଖାପାଟଣା - ପୁରୀ - ବିଶାଖାପାଟଣା ସ୍ୱତନ୍ତ୍ର, 08911/08912, 08955/08956 ଏବଂ 08957/08958 ଜୁନାଗଡ଼ ରୋଡ୍ - ପୁରୀ - ଜୁନାଗଡ଼ ରୋଡ୍ ସ୍ୱତନ୍ତ୍ର, 08931/08932, 08959/08960 ଏବଂ 08961/08962 ସମ୍ବଲପୁର - ପୁରୀ - ସମ୍ବଲପୁର ସ୍ୱତନ୍ତ୍ର, 08013/08014, 08015/08016 ଏବଂ 08019/08020 ଶାଲିମାର - ପୁରୀ - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଏବଂ 08131/08132 ରାଉରକେଲା - ପୁରୀ - ରାଉରକେଲା ସ୍ୱତନ୍ତ୍ର ଏକ୍ସପ୍ରେସ୍ ସମସ୍ତ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ଅସଂରକ୍ଷିତ (ଏସି ଏବଂ ସ୍ଲିପର କ୍ଲାସ) ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବ।

**ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ :** ତା.04.07.19 ରୁ 13.07.19ରିଖ ପର୍ଯ୍ୟନ୍ତ 12891/ 12892 ବାଙ୍ଗିରିପୋଷି-ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍ ଟ୍ରେନ୍‌କୁ ପୁରୀ ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ ଏବଂ ଏହା ଉଭୟ ଦିଗରୁ ଖୋର୍ଦ୍ଧା ରୋଡ୍ ଓ ସାକ୍ଷୀଗୋପାଳ ଷ୍ଟେସନ ଠାରେ ରହଣି ସହ 02891/02892 ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ହିସାବରେ ପୁରୀ ଓ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ।

ତା.04.07.19 ଠାରୁ ତା.14.07.19ରିଖ ପର୍ଯ୍ୟନ୍ତ ପ୍ରଦତ୍ତ ସଂରକ୍ଷିତ ଟ୍ରେନ୍ ଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ଅସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ଭାବେ ଚଳାଚଳ କରିବ।

**ରଥଯାତ୍ରା ମୋବାଇଲ୍ ଆପ୍**



ECoR Yatra
ସମସ୍ତ ସୂଚନା ପାଇଁ ECoR ରଥଯାତ୍ରା ମୋବାଇଲ୍ ଆପ୍ ECoR Yatra କୁ ଅବଲୋକନ କରନ୍ତୁ।
ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରନ୍ତୁ।

**ହେଲ୍ପଲାଇନ୍ ନମ୍ବର**

ଡାଏଲ 139 — 24/7 ଟ୍ରେନ୍ ପରିଚାଳନା ଓ ଯାତ୍ରୀ ଟିକଟ ସମ୍ବନ୍ଧୀୟ ଯେକୌଣସି ଅନୁସନ୍ଧାନ ଯଥା PNR ସ୍ଥିତି ଏବଂ ଟ୍ରେନ୍ ଆଗମନ/ପ୍ରସ୍ଥାନ ନିମନ୍ତେ।

ଡାଏଲ 138 — 24/7 ମେଡ଼ିକାଲ ଏମରଜେନ୍ସି, ସ୍ୱଚ୍ଛତା, ଖାଦ୍ୟ ସରବରାହ, କୋଚ ରକ୍ଷଣାବେକ୍ଷଣ ଏବଂ ଚାଦର/ଲିନେନ୍ ସମ୍ବନ୍ଧୀୟ ଯେକୌଣସି ସମସ୍ୟା/ଅଭିଯୋଗ ନିମନ୍ତେ।

ଡାଏଲ 182 — 24/7 ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀ ସୁରକ୍ଷା ସମ୍ବନ୍ଧୀୟ କୌଣସି ଅପ୍ରୀତିକର ପରିସ୍ଥିତି ସମ୍ବନ୍ଧରେ ଯେକୌଣସି ସୂଚନା ଓ ଅଭିଯୋଗ ନିମନ୍ତେ।

**ପୂର୍ବ ତଟ ରେଳପଥ**

PR-196/K/19-20

Follow us on Facebook/Twitter www.facebook/@EASTCOASTRailway1 www.twitter/@eastcoastrail

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, (ଓସ୍କାର୍ଡ଼ ବ୍ୟାଙ୍କ ବିଲ୍ଡିଂ,୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା

**ଦଖଲ ନୋଟିସ୍**
[ରୁଲ୍ ୮(୧)]
ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ ୧୩(୯) କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।**

ଏଠାରେ ପ୍ରାସଙ୍ଗିକ କ୍ରମେ ଦର୍ଶାଯାଉଛି ଯେ, **ଶ୍ରୀ ସୁବାଷ ଅଗରୱାଲ୍** ଏବଂ **ଶ୍ରୀମତୀ ସଞ୍ଜୁ ଅଗରୱାଲ୍‌**ଙ୍କ ନାମରେ ଥିବା ସମ୍ପତ୍ତି ଯହାର **ପ୍ଲଟ ନଂ. ଏନ୍ ୨/୮୮** ଏବଂ **ଏନ୍ ୨/୮୯**, କୁ ଏଆର୍‌ଏସ୍‌ଏସ୍ (**ARSS**) ଇନ୍‌ଫ୍ରାଷ୍ଟ୍ରକଚର୍ ପ୍ରୋଜେକ୍ଟ ଲିମିଟେଡ୍, (**AIPL**) ବ୍ୟାଙ୍କରୁ ନେଇଥିବା ଋଣ ନିମିତ୍ତ **ତା. ୫.୭.୨୦୧୩ ରିଖ** ଦିନ ସଂମ୍ପ୍ରସାରିତ ହୋଇଅଛି । ପରବର୍ତ୍ତୀ ସମୟରେ ଏଆଇପିଏଲ୍ (**AIPL**) ନେଇଥିବା ଋଣ ବ୍ୟାଙ୍କ ଦ୍ୱାରା ଅଣ କାର୍ଯ୍ୟକାରୀ ସମ୍ପତ୍ତି (**NPA**) ଭାବେ ଘୋଷଣ କରାଯାଇଛି ଏବଂ **ତା. ୨୯.୦୩.୨୦୧୭ ରିଖ** ଦିନ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ତା **୨୨.୧୨.୨୦୧୮ ରିଖ** ଦିନ ଦଖଲ ନିଆଯାଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ର କ୍ଷମତାପ୍ରାପ୍ତ ଅଧିକାରୀ ସୁରକ୍ଷିତ ସମ୍ପତ୍ତିକୁ ଦଖଲ ନେବାକୁ ନୋଟିସ୍ ଜାରି କରିଛନ୍ତି ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ବନ୍ଧକଦାତାଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ:୧)ଶ୍ରୀ ସୁବାଷ ଅଗରୱାଲ୍ ୨) ଶ୍ରୀମତୀ ସଞ୍ଜୁ ଅଗରୱାଲ୍ ଉଭୟଙ୍କ ଠିକଣା ପ୍ଲଟ ନଂ.ଏନ୍-୨/୮୮ ଏବଂ ୮୯, ଆଇଆରସି ଭିଲେଜ୍ ଭୁବନେଶ୍ୱର, ପିନ୍-୭୫୧୦୧୫ | ବନ୍ଧକଦାତା:୧) ଶ୍ରୀ ସୁବାଷ ଅଗରୱାଲ୍, ୨) ଶ୍ରୀମତୀ ସଞ୍ଜୁ ଅଗରୱାଲ୍, ପ୍ଲଟ ନଂ.ଏନ୍-୨/୮୮ ଏବଂ ୮୯, ଆଇଆରସି ଭିଲେଜ୍ ଭୁବନେଶ୍ୱର, ପିନ୍-୭୫୧୦୧୫ | ଶ୍ରୀ ସୁବାଷ ଅଗରୱାଲ୍ ଏବଂ ଶ୍ରୀମତୀ ସଞ୍ଜୁ ଅଗରୱାଲ୍‌ଙ୍କ ଦ୍ୱାରା ବନ୍ଧକ ଦିଆଯାଇଥିବା ୪ ମହଲା ବିଶିଷ୍ଟ ଗୃହ, ୟୁନିଟ୍-୧୬, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫ ରେ ଥିବା ଜିଏ ପ୍ଲଟ ନଂ. ଏନ୍-୨/୮୮, | ୩୧.୦୩.୨୦୧୯ | ୨୭.୦୬.୨୦୧୯ | ୩୧.୦୩.୨୦୧୯ ସୁଦ୍ଧା ଟ.୪,୩୭,୩୨,୩୨୭.୨୭ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଇତ୍ୟାଦି |

ତତ୍‌ସମ୍ବନ୍ଧିତ ରେଭିନ୍ୟୁ ଖାତା ନଂ.୧୪୨୭/୫୫, ବର୍ତ୍ତମାନକୁ ୪୫୩/୧୫୪୪, ରେଭିନ୍ୟୁ ପ୍ଲଟ୍ ନଂ. ୮୯୮, କ୍ଷେତ୍ର ଏକର ୦.୧୨୪ ଡିସିମିଲ୍ (୮୫ଫୁଟ୍ x ୬୨ଫୁଟ୍) କିସମ: ଘରବାଡି-୨ ଏବଂ ଜିଏ ପ୍ଲଟ ନଂ. ଏନ୍-୨/୮୯, ତତ୍‌ସମ୍ବନ୍ଧିତ ରେଭିନ୍ୟୁ ଖାତା ନଂ.୧୪୨୬/୯୫୮, ବର୍ତ୍ତମାନକୁ ୪୫୩/୧୫୪୩, ରେଭିନ୍ୟୁ ପ୍ଲଟ୍ ନଂ. ୮୯୯, କ୍ଷେତ୍ର ଏକର ୦.୧୨୫ ଡିସିମିଲ୍ (୬୫ଫୁଟ୍ x ୮୫ଫୁଟ୍) କିସମ: ଘରବାଡି-୨, ସମୁଦାୟ କ୍ଷେତ୍ର: ଏକର ୦.୨୪୯ ଡିସିମିଲ୍ ।

ତାରିଖ : ୨୭.୦୬.୨୦୧୯, ସ୍ଥାନ : ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ହନ୍ତସନ୍ତ

**ଆର.ଉଦୟଗିରି,୩୦ା୬(ଡି.ଏନ୍.ଏ.):** ଆର.ଉଦୟଗିରି, ନୂଆଗଡ଼ ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ପୂର୍ବରୁ ସୂଚନା ନଥାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହୋଇଛି । ଆର.ଉଦୟଗିରି, ଛେଳିଗଡ଼, ମହେନ୍ଦ୍ରଗଡ଼, ରାମଗିରି, ମଙ୍ଗରାଜପୁର, ସିଆଲିଲଟି, ଛେଳାଗଡ଼, ତବାରସିଂ ଏବଂ ନୂଆଗଡ଼ ବ୍ଲକର ନୂଆଗଡ଼ ଆଦି ଗାଁରେ ପ୍ରତିଦିନ ଭୋର ୫ଟାରୁ ବିଦ୍ୟୁତ୍ କାଟ ହେଉଛି। ଏପରିକି ରାତି ଅଧରେ ଏବଂ ସାମାନ୍ୟ ବର୍ଷା ହେଲେ ମଧ ବିଦ୍ୟୁତ୍ କାଟ ହେଉଛି। ରବିବାର ଅପରାହ୍ଣରେ ସାମାନ୍ୟ ବର୍ଷା ହେବାରୁ ବିଦ୍ୟୁତ୍ କାଟ୍ ହୋଇଥିଲା। କିନ୍ତୁ ବହୁ ସମୟ ଧରି ଆସିନଥିଲା। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଗ୍ରୀଡକୋ କାଟୁଛି ଏବଂ ମୋହନା ୩୩ କେଭି ଲାଇନ ବ୍ରେକ୍ ଡାଉନ ହୋଇଯାଉଛି ବୋଲି କହୁଛନ୍ତି । ମୋହନା ବ୍ରେକ ଡାଉନ ହେଉଛି ବୋଲି କୁହାଯାଉଥିବା ସମୟରେ ମୋହନାରେ କିପରି ବିଦ୍ୟୁତ୍ ରହୁଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

### ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା

**ବାଲିଗୁଡ଼ା, ୩୦ା୬(ଡି.ଏନ୍.ଏ.):** ବାଲିଗୁଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ବ୍ଲକ୍ ସଭାପତି ବିଜୟ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ତ୍ରିପାଠିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ବ୍ଲକ୍ ସଭାପତି ବିଜୟ କୁମାର ମହାରଣା, ସମ୍ପାଦକ ମଧୁସୂଦନ ବେହେରା, ଜିଲା ସଂଘର ସମ୍ପାଦକ ସମରେନ୍ଦ୍ର ଦାଶ, ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ସଭାପତି ମହାରଣା ଶିକ୍ଷକଙ୍କର ବିଭିନ୍ନ ଦାବି ଜଣାଇଥିଲେ। ବିଇଓ ତ୍ରିପାଠି ସହମତି ପ୍ରକାଶ କରିବା ସହ ଶିକ୍ଷୟିତ୍ରୀଶିକ୍ଷକମାନେ ସକାଳ ୧୦ଟା ପୂର୍ବରୁ ବିଦ୍ୟାଳୟରେ ପହଞ୍ଚିବା ଏବଂ ଅପରାହ୍ନ ୪ଟାରେ ବିଦ୍ୟାଳୟ ଛାଡ଼ିବା ପାଇଁ ତାଗିଦ୍ କରିଥିଲେ।

## ଆବାସ ଯୋଜନା ଦିଗହରା

# କାର୍ଯ୍ୟାଦେଶ ମିଳିଛି, ଗୃହ ନିର୍ମାଣ ମନା

**ଗଞ୍ଜାମ,୩୦ା୬(ଡି.ଏନ.ଏ.)**

ଗରିବ, ଭୂମିହୀନ ଓ ବାସହୀନଙ୍କୁ ସରକାରଙ୍କ ପକ୍ଷରୁ ଘର ପଟ୍ଟା ଏବଂ ସହରାଞ୍ଚଳ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଉଛି। ଗଞ୍ଜାମ ଏନ୍ଏସିରେ ଏଭଳି ଗରିବ ହିତାଧିକାରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଏନଏସି ପ୍ରଶାସନଠାରୁ କାର୍ଯ୍ୟାଦେଶ ପାଇଥିଲେ ମଧ ତାଙ୍କୁ ଗୃହ ନିର୍ମାଣ ପାଇଁ ମନା କରାଯାଉଥିବା ଘଟଣା ସାମନାକୁ ଆସିଛି। ନିଜର ଜାଗା ନ ଥିବାରୁ ଗୃହ ନିର୍ମାଣ ହୋଇପାରୁନି।

ଗଞ୍ଜାମ ଏନଏସି ଅନ୍ତର୍ଗତ ୫ ନଂ. ୱାର୍ଡ ଦଣ୍ଡାସି ସାହିରେ ଦୀର୍ଘବର୍ଷ ଧରି କୁମାରୀ ନାୟକ ଓ ତାଙ୍କ ସ୍ୱାମୀ ନୀଳାମ୍ବର ରହି ଆସୁଛନ୍ତି। ଦମ୍ପତି ଅତ୍ୟନ୍ତ ଗରିବ । ଛତ୍ରପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋ ଭୂମି ମୋ ପଟ୍ଟା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଏମାନଙ୍କୁ ଘର ପଟ୍ଟା ମିଳିଥିଲା। ବହୁଥର ଧାଇଁବା ପରେ ଏନଏସି ପ୍ରଶାସନ କୁମାରୀଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲା। କାର୍ଯ୍ୟାଦେଶ ପାଇବା ପରେ କୁମାରୀ ତାଙ୍କର ପୁରୁଣା ଝାଟିମାଟି ଘରକୁ ଭାଙ୍ଗି ଦେଇ ନୂତନ ଘର ତିଆରି ପାଇଁ ବିଭିନ୍ନ ସାମଗ୍ରୀ କିଣି ସାରିଛନ୍ତି। ହେଲେ ଗୃହ ନିର୍ମାଣ କରିପାରୁ ନାହାନ୍ତି। ଘର ନିର୍ମାଣ ପାଇଁ ଆବଶ୍ୟକ ଜାଗା ନିଜର ନାହିଁ ବୋଲି ଏନଏସି କର୍ମଚାରୀ କହୁଥିବା କୁମାରୀ ଗଣମାଧମକୁ କହିଛନ୍ତି । ଏପରିକି ଘର ନିର୍ମାଣ କଲେ ମଧ ଟଙ୍କା ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦିଆଯାଇଥିବା ସେ କହିଛନ୍ତି । ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କୁ ପଚାରିବାରେ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ସାହିର ଝୁନୁ ନାୟକ, ଗୁରୁବାରୀ ନାୟକ ଯୋଗ୍ୟ ଥାଇ ମଧ ଆବାସ ଯୋଜନାରୁ ବାଦ ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି । ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ପୂର୍ବତନ ଏମପି ପ୍ରତିନିଧି ସୁଧୀର ପାଢ଼ୀ, ବାପୁନି ପଣ୍ଡା ଓ ମଦନ ପାଢ଼ୀ ଦାବି କରିଛନ୍ତି ।


ଘର ପଟ୍ଟା ଓ କାର୍ଯ୍ୟାଦେଶ ସହ କୁମାରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଛି ଜାଣେ ନାହିଁ ଆକୁଳି**
**ଦିଅଁକୁ ଖାଇଲା**
**ଖଟୁଲି ଖାଇଲା**
**ଆହୁରି ଖାଇବ ବଙ୍କୁଲି ।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କର ଯଦି ଡର କାହିଁକି**
**ଡର ଯଦି କର କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱଭାବ ବା ଭୟ ରଖିବା ଅନୁଚିତ୍। ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତାହାହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗଛରେ ପିଟି ହେଲା ବାଇକ୍, ୩ ଗୁରୁତର

**ଦିଗପହଣ୍ଡି,୩୦ା୬(ଡି.ଏନ.ଏ.)**

ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ତଲାସିଙ୍ଗି ଗାଁ ଛକରେ ରବିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଇଠଖଣ୍ଡି ଗ୍ରାମର ସରୋଜ ବେହେରା, ପୋଡ଼ାମାରି ଗ୍ରାମର କାର୍ତ୍ତିକ ବେହେରା, ମୁଣ୍ଡପୋଡା ଗ୍ରାମର ସୀମାଞ୍ଚଳ ବେହେରା। ସମସ୍ତେ ଦିଗପହଣ୍ଡିରେ କାମ ସାରି ବାଇକ୍ ଯୋଗେ କଇଠଖଣ୍ଡି ଗାଁକୁ ଫେରୁଥିଲେ। ରାସ୍ତାରେ ଅନ୍ୟ ଏକ ଗାଡ଼ିକୁ ସାଇଡ ଦେବା ବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛ ସହ ଧକ୍କା ହୋଇଥିଲା। ସେହି ରାସ୍ତା ଦେଇ ଯାଉଥିବା କଇଠଖଣ୍ଡି ଗାଁର ସାମାଜିକ କର୍ମୀ ପିଣ୍ଟୁ ପଣ୍ଡା ଗ୍ରାମବାସୀଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସରୋଜଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

ଶନିବାର ସକାଳେ ଉକ୍ତ ରାସ୍ତାର ବାଲିଘାଇ ଗ୍ରାମ ଛକରେ ରାସ୍ତା କଡ଼ର ଏକ ଗଛକୁ ଧକ୍କା ଦେଇ ପାଟପୁର ଥାନା ଭୁଡୁକି ଗ୍ରାମର କିଶାନ ଦୋରାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ୨ ସାଙ୍ଗ ଗୁରୁତର ହୋଇଥିଲେ। ସେହିପରି ଗତ ୨୨ ତାରିଖରେ ଏହି ଘୋଡ଼ାହାଡ଼ ଡ୍ୟାମ ରାସ୍ତାର ବୁରିପଦର ଗାଁ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ପାଟପୁର ଥାନା କଳରାପଦରର ନରସିଂହ ମହାରଣାଙ୍କ ମୃତ୍ୟୁ ହୋଇଥିଲା। ଏହି ରାସ୍ତାରେ ବାରମ୍ବାର ସଡ଼କ ଦୁର୍ଘଟଣାରେ ଲୋକେ ମୃତାହତ ହେଉଥିବାରୁ ବିଭିନ୍ନ ଗାଁ ଛକରେ ସ୍ପିଡ୍-ବ୍ରେକର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।


ଦୁର୍ଘଟଣାଗ୍ରସ୍ତ ବାଇକ୍।

# ଅଭିଭାବକ ସମ୍ମିଳନୀ

**ବାଲିଗୁଡ଼ା, ୩୦ା୬(ଡି.ଏନ୍.ଏ.)**

ବାଲିଗୁଡ଼ା ଟାଉନ ନୂଆସାହିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ରବିବାର ବିଦ୍ୟାଳୟ ପରିଚାଳନା କମିଟି ପୁର୍ନଗଠନ ଓ ଅଭିଭାବକ ସମ୍ମିଳନୀ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାରୁ ପରିଚାଳନା କମିଟିର ପୁର୍ନଗଠନ କରାଯାଇଥିଲା। ସଭାପତି ଭାବେ ଅନ୍ତର୍ଯ୍ୟାମୀ ବେହେରା ମନୋନୀତ ହୋଇଥିବା ବେଳେ ସଦସ୍ୟ ଭାବେ ସାଗରିକା ମୁଣ୍ଡାମାଝୀ, ମମତା ପଣ୍ଡା, ଗୀତା ବେହେରା, ଅଶୋକ କୁମାର ପ୍ରଧାନ, ସାଇତ ଗୌଡ଼, ଅଜିତ କୁମାର ପାତ୍ର ପ୍ରମୁଖ ରହିଛନ୍ତି।

## ସୁଧୁରୁନି ପରିବହନ ବ୍ୟବସ୍ଥା

# ଖବର ପ୍ରକାଶ ପରେ ପୋଲିସ୍, ପରିବହନ ବିଭାଗର ତତ୍ପରତା

**ଦାରିଙ୍ଗବାଡ଼ି,୩୦ା୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଶନିବାର ସନ୍ଧ୍ୟା ୭ଟାରୁ ବ୍ଲକିଂ କରି ଆଇଆଇସି ଅଲେଖ ଗରଡ଼ିଆ ସଦଳବଳ ଯାଞ୍ଚ କରିଛନ୍ତି। ଦୁର୍ଘଟଣା ରୋକିବା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଅଭିଯାନ ଚାଲିଛି। ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ରୋକିବା ପାଇଁ କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଏବଂ ବାଲିଗୁଡ଼ା ଏସ୍‌ଡିପିଓ ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଆଇଆଇସି ଡ୍ରାଇଭିଂ ଲାଇସନ୍ସ ସହ ଗାଡ଼ି କାଗଜପତ୍ର ଯାଞ୍ଚ ସହ ପ୍ରାୟ ୬ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଉପାନ୍ତ ଅଞ୍ଚଳକୁ ଯାତାୟାତ କରୁଥିବା ସରକାରୀ ବସ୍ ଛାତରେ ଯାତ୍ରୀ ବୁହା ଘଟଣାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ହାତିମୁଣ୍ଡାଠାରୁ ଫୁଲବାଣୀ ଭାୟା ଦାରିଙ୍ଗବାଡ଼ି ଯାଉଥିବା ବସ ଚାଳକ ଏବଂ କଣ୍ଡକ୍ଟରଙ୍କୁ ଯେଉଁ ପର୍ଯ୍ୟନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ ସେ ପର୍ଯ୍ୟନ୍ତ କାର୍ଯ୍ୟରୁ ନିବୃତ୍ତ କରାଯାଇଥିବା ଏମ୍‌ଭିଆଇ ଗତିକୃଷ୍ଣ ସାମନ୍ତରାୟ କହିଛନ୍ତି। ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

## ପୁରୀ ଅନ୍ତର୍ଜାତୀୟ ଡ୍ୟାନ୍ସ ଫେଷ୍ଟିଭାଲରେ ଦାରିଙ୍ଗବାଡ଼ିର ଶିଶୁ କଳାକାର

# ଅଭିନୟନ ଡ୍ୟାନ୍ସ ଏକାଡେମୀ ପୁରସ୍କାର ହାସଲ


ପୁରସ୍କୃତ ହୋଇଥିବା ନୃତ୍ୟ କଳାକାରମାନେ।

**ଦାରିଙ୍ଗବାଡ଼ି,୩୦ା୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଅଞ୍ଚଳର ୪ ଶିଶୁ କଳାକାର ପୁରୀ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ଅଂଶ ଗ୍ରହଣ କରିଛନ୍ତି। ସେମାନେ ସମ୍ବଲପୁରୀ ନୃତ୍ୟ ସହ ଓଡ଼ିଶୀ ଏବଂ ପାରମ୍ପରିକ ନୃତ୍ୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। ଏଥିପାଇଁ ଅଭିନୟନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଦାରିଙ୍ଗବାଡ଼ି ଦି ଡ୍ୟାନ୍ସ ୱାର୍ଲ୍ଡ ଗ୍ରୁପର ନୃତ୍ୟ ଗୁରୁ ପ୍ରିୟଙ୍କା ସାହୁଙ୍କ ନେତୃତ୍ୱରେ ଏହି ଟିମ୍ ଦାରିଙ୍ଗବାଡ଼ି ଭଳି ଦୁର୍ଗମ ଅଞ୍ଚଳରେ ନୃତ୍ୟ ଶିକ୍ଷା କରି ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ଜଣାପଡ଼ିଛି। ଶିଶୁ କଳାକାରଙ୍କ ମଧ୍ୟରେ ଆଫ୍ରୀନ ସାହୁ, ବୈଜୟନ୍ତୀମାଳା ସିଂହଳ, ସଂପ୍ରିତିପ୍ୟାରି ନାୟକ ଏବଂ ଅମ୍ରିତା ସାହୁ ଫେଷ୍ଟିଭାଲରେ ଅଂଶ ଗ୍ରହଣ କରିଥିଲେ। ଦାରିଙ୍ଗବାଡି ଅଞ୍ଚଳବାସୀ ସମସ୍ତ ଶିଶୁ କଳାକାରଙ୍କୁ ଶୁଭେଚ୍ଛା ସହ ସାଧୁବାଦ ଜଣାଇଛନ୍ତି।

## ଆମ ପୋଲିସ ସମିତିର ବୈଠକ

# ମହିଳା, ଶିଶୁ ଚାଲାଣ ରୋକିବାକୁ ଗୁରୁତ୍ୱ

**ଦାରିଙ୍ଗବାଡ଼ି,୩୦ା୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ପକ୍ଷରୁ ରବିବାର ବନ ବିଭାଗ ଡାକବଙ୍ଗଳା ପରିସରରେ ଆମ ପୋଲିସ ସମିତି ବୈଠକ ସମିତିର ଅଧ୍ୟକ୍ଷ ଆଇଆଇସି ଅଲେଖ ଗରଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲା ଆଡଶନାଲ ଏସ୍‌ପି ବିଷ୍ଣୁପଦ ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡିଏସପି ସୂର୍ଯ୍ୟକାନ୍ତ ରାୟ, ଜିଲା ଗୋଇନ୍ଦା ବିଭାଗର ଡିଏସ୍‌ପି ସୀତାକାନ୍ତ ଗନ୍ତାୟତ, ଫୁଲବାଣୀ ଏସ୍‌ପି ଅଫିସର ଆଇଆଇସି ରମାକାନ୍ତ ପାତ୍ର, ବାଲିଗୁଡ଼ା ଆଇଆଇସି ପ୍ରଶାନ୍ତ ବେହେରା, ସିମନବାଡ଼ି ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ବିଦ୍ୟାଧର ସାମଲ ପ୍ରମୁଖ ଯୋଗଦେଇଥିଲେ।

ଅଞ୍ଚଳରେ ବୃଦ୍ଧି ପାଉଥିବା ଟ୍ରାଫିକ ସମସ୍ୟା ବେପରୁଆ ଗାଡି ଚାଳନାକୁ ନେଇ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ସେହିପରି ନିଶାସକ୍ତ ବ୍ୟକ୍ତି ଜୁଆ ଖେଳାଳିଙ୍କୁ ସାବଡ଼ କରିବାକୁ ସମିତିର ସଦସ୍ୟଙ୍କ ସମେତ ଲୋକପ୍ରତିନିଧି, ବୁଦ୍ଧିଜୀବୀ ନିବେଦନ କରିଥିଲେ। ଏନେଇ ସାଧାରଣ ଲୋକେ ପୋଲିସକୁ ସହଯୋଗ କରିବେ ବୋଲି କହିଥିଲେ। ସେହିପରି ପୋଲିସ ବିଭାଗର ଅଧିକାରୀମାନେ ଅଞ୍ଚଳରେ ନାରୀ ନିର୍ଯାତନା ରୋକିବା ସହ ଦୁର୍ଘଟଣା କମାଇବା ଏବଂ ଶିଶୁ ଚାଲାଣ ରୋକିବା ଦିଗରେ ଜନସାଧାରଣ ସଚେତନ ସହ ସହଯୋଗ କରି ଏଗୁଡ଼ିକୁ ରୋକିବା ପାଇଁ କୁହାଯାଇଥିଲା। ଦାରିଙ୍ଗବାଡ଼ିର ବିଭିନ୍ନ ଟ୍ରାଫିକ ଛକରେ ସିସିଟିଭି ଖଞ୍ଜାଯିବା ସହ ବିଭିନ୍ନ ବୁଲାଣୀ ଏବଂ ଦୁର୍ଘଟଣା ପ୍ରବଣ ସ୍ଥାନରେ ଚେକ୍‌ପୋଷ୍ଟ ସହ ରମ୍ବଲସ୍ (ହମ୍ପସ୍) କରାଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସବ୍‌ଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର, ଏଏସ୍‌ଆଇ ଆର.


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅତିଥି।

CLASSIFIED DISPLAY

| TARIFF: MORE SPACE • SAME PRICE | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

ASTROLOGY

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

EDUCATION

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବେଗୁନିଆପଡ଼ା,୩୦।୬(ଡି.ଏନ.ଏ.):** ବେଗୁନିଆପଡ଼ା ଫାଣ୍ଡି କଞ୍ଚଣା ନିକଟରେ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଇକାଣୀପଲ୍ଲୀର ମହେଶ୍ୱର ସ୍ୱାଇଁ (୫୦)। ମହେଶ୍ୱର ଗାଁରୁ କଞ୍ଚଣା ମୁଖ୍ୟ ରାସ୍ତାକୁ ଆସିବାବେଳେ ପୋଖରୀ ନିକଟରେ ଭାରସାମ୍ୟ ହରାଇ ତାଙ୍କ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦ ମୃତ

**ଚିକିଟି,୩୦।୬(ଡି.ଏନ.ଏ.):** ଚିକିଟି ବ୍ଲକ୍ ସୋରଳ ପଞ୍ଚାୟତ କଇଠା ଗ୍ରାମରେ ରବିବାର ମଧ୍ୟାହ୍ନରେ ଏକ ଅଘଟଣ ଘଟିଛି। ଗ୍ରାମ ମଝିରେ ଥିବା ଗୁହାଳକୁ ପ୍ରବେଶ କରିବା ପୂର୍ବରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦଙ୍କ ମୃତ୍ୟୁ ଘଟିଛି। ବଳଦ ମାଲିକ ରୁପାଇଁ ବେହେରାଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଉକ୍ତ ଗ୍ରାମ ମଝିରେ ବସାଯାଇଥିବା ଏକ ଟ୍ରାନ୍ସଫର୍ମର ମୁକୁଳା ପଡିଛି । ବର୍ଷା ଯୋଗୁ ଏହାର ଆର୍ଥିଙ୍ଗ ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ଚାଷ କାର୍ଯ୍ୟପରେ ବଳଦ ଦୁଇଟି ଗୁହାଳକୁ ଫେରୁଥିବାବେଳେ ଏହି ଅଘଟଣ ଘଟିଥିଲା। ଟ୍ରାନ୍ସଫର୍ମର ଚାରିପଟେ ବାଡ ଦିଆଯାଇ ନ ଥିବାରୁ ପ୍ରତି ମୁହୂର୍ତ୍ତରେ ବିପଦ ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଖଡାଳ ସମାଜ ବୈଠକ

**ଆସିକା,୩୦।୬(ଡି.ଏନ୍.ଏ.):** ଆସିକା ବ୍ଲକ ମୁନିଗାଡିସ୍ଥିତ ଉତ୍ସବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ମଧ୍ୟାହ୍ନରେ ପାଇଲିପଡା ମୁଠା ଖଡାଳ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ସହ ଭାଇଚାରା ଭାବ ନେଇ ସମସ୍ତେ ଚଳିବା ଲାଗି ଆହ୍ୱାନ କରାଯାଇଥିଲା। ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ସମାଜରେ ଝିଅମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସାମାଜିକ ଶ୍ରୋତରେ ସାମିଲ କରିବା, ଯୌତୁକବିହୀନ ବିବାହ ପ୍ରତି ସଂକଳ୍ପବଦ୍ଧ ଏବଂ ଆସନ୍ତା ବର୍ଷଠାରୁ ସମାଜର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସମାଜର ବାର୍ଷିକ ଆୟବ୍ୟୟ ହିସାବ ପଠନ କରାଯାଇଥିଲା। ମୁଠା ସଭାପତି ବସନ୍ତ କୁମାର ନାଇକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଗରିବ ନାଇକ, ଉପସଭାପତି ବିଷାନ୍ତ ନାଇକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ମୁଠା ଅନ୍ତର୍ଗତ ୪୫ ଖଣ୍ଡ ଗ୍ରାମର ଶତାଧିକ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।

### ପୋଖରୀରେ ବୁଡି ଯୁବକ ମୃତ

**ପାତ୍ରପୁର,୩୦।୬(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ସୁନାଖଳା ଗ୍ରାମରେ ଶନିବାର ରାତିରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିବ ରଣା (୩୦)। ଦିନ ମଜୁରିଆ ଭାବେ କାମ କରୁଥିବା ଶିବ ସବୁ ଦିନ ଭଳି କାମ ସାରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ପାଣିରେ ବୁଡ଼ିଯାଇଥିଲେ। ସେଠାରେ ଗାଧୋଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ସଂସ୍କାର କରାଯାଇଛି ।

### ଚକ୍ଷୁ ଚିକିତ୍ସା ଶିବିର

**ଆସିକା,୩୦।୬(ଡି.ଏନ୍.ଏ.):** ଆସିକା ବ୍ଲକ୍ କାଳଷଣ୍ଢପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। କାଳଷଣ୍ଢପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୨୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୮ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିବାବେଳେ ୪୫ଜଣଙ୍କ ଚକ୍ଷୁ ଅପରେଶନ ଲାଗି ଚିହ୍ନଟ କରାଯାଇଥିଲା। କାଳଷଣ୍ଢପୁର ପଞ୍ଚାୟତ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ସରପଞ୍ଚ ଧନମାଳି ସିଂହ, ରାମକୃଷ୍ଣ ବେହେରା, ସନ୍ତୋଷ କୁମାର ବେହେରା, ପୀତାମ୍ବର ଗୌଡ ପ୍ରମୁଖ ପରିଚାଳନା କରିଥିଲେ।

## ନିର୍ଦ୍ଧାରିତ ସମୟ ସରିଲା

# ଆଶା ଆଶଙ୍କାରେ ଅଭିଭାବକ,ଆନ୍ଦୋଳନ ପାଇଁ ସଜବାଜ

**ବେଆଇନ ଘରୋଇ ଶିକ୍ଷାନୁଷ୍ଠାନରେ ତାଲା ପଡିବା ଘଟଣା**

**ଭଞ୍ଜନଗର,୩୦।୬(ଡି.ଏନ.ଏ)**

ଶିକ୍ଷା ଅଧିକାର ଆଇନ ଅନୁସାରେ ଚାଲୁନଥିବା ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ କରିଦେବାପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏନେଇ ରବିବାର ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସରକାରଙ୍କ ପକ୍ଷରୁ ସମୟ ଦିଆଯାଇଥିଲା। ଆଜି ନିର୍ଦ୍ଧାରିତ ସମୟ ସରିଛି। ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତକରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇଛନ୍ତି। ଆଉ କିଛି ଶିକ୍ଷାନୁଷ୍ଠାନ ଅଣ୍ଡରଟେକିଂ ଲିଖିତ ଭାବେ ଦେଇ କିଛିମାସ ସମୟ ମାଗିଛନ୍ତି। ଏନେଇ ସରକାର କ'ଣ କରିବେ ଜଣାପଡ଼ିନାହିଁ। ଯାହାକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଏବେ ଚିନ୍ତାରେ। ଅନ୍ୟପଟେ କର୍ମକର୍ତ୍ତାମାନେ ମଧ୍ୟ ସରକାରଙ୍କ ଏଭଳି କଠୋର ନିତୀକୁ ନେଇ ଚିନ୍ତିତ। ଏଭଳି ପରିସ୍ଥିତିରେ ଭଞ୍ଜନଗର ସତ୍ୟସାଇ ବିଦ୍ୟାବିହାର ସମେତ କିଛି ଅନୁଷ୍ଠାନର ଅଭିଭାବକମାନଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ସରକାରଙ୍କ ଖାମଖିଆଲ ନିତୀକୁ ନାପସନ୍ଦ କରାଯାଇଥିଲା। ଆଗାମୀ ଦିନରେ ସରକାର ଯଦି ଅଧିକାଂଶ ଦାବିକୁ ପୁରଣ କରୁଥିବା ଘରୋଇ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତି ତେବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ସରକାର ସୋମବାର ଠାରୁ ତାଲା ପକା ଅଭିଯାନ ଆରମ୍ଭ କରିବେ ନା ଭିତ୍ତିଭୂମି ସଜାଡ଼ିବା ପାଇଁ ଆଉ କିଛି ମାସ ସମୟ ଦେବେ ତାହାକୁ ନେଇ ସମସ୍ତେ ଚାହିଁବସିଛନ୍ତି।



ଅଭିଭାବକମାନେ ଆଲୋଚନା କରୁଛନ୍ତି।

## ଆମ ପୋଲିସ ସମିତି ବୈଠକ

# ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ଭଞ୍ଜନଗର,୩୦।୬(ଡି.ଏନ.ଏ)**

ଭଞ୍ଜନଗର ଆମ ପୋଲିସ ସମିତି ଏବଂ ସ୍ୱୟଂସିଦ୍ଧା ପକ୍ଷରୁ ମିଳିତ ଭାବେ ରବିବାର ବାହାଡ଼ାପଦର ହାଇସ୍କୁଲରେ ଏକ ସଭା ହୋଇଥିଲା। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀଛାତ୍ର ଏବଂ ମାଟ୍ରିକ ଶିକ୍ଷାନୁଷ୍ଠାନ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ଏସ୍ଡ଼ିପିଓ ଏସ୍.କେ.ମିଶ୍ର ଅଧ୍ୟକ୍ଷତା କରିଥିଲେ। ଥାନା ଅଧିକାରୀ ସୁଦୀପ୍ତ ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁପମ ବାନାର୍ଜି ସଭା ସଂଯୋଜନା କରିଥିଲେ।

# ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘ ବୈଠକ

**ଭଞ୍ଜନଗର,୩୦।୬(ଡି.ଏନ୍.ଏ.)**

ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଭଞ୍ଜନଗର ଶାଖାର ଏକ ବୈଠକ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୬୦ ପ୍ରତିଶତ ଡ଼ିଏ ଏରିୟର ପାଇବା, ସଠିକ୍‌ସମୟରେ ସେବା ପୁସ୍ତିକା ଅପଡ଼େସନ କରିବା ପ୍ରମୁଖ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଙ୍ଗଠନ ସମ୍ପାଦକ ସୁଦାମ ଦଳବେହେରା, କୋଷାଧ୍ୟକ୍ଷ ଶିବାଶିଷ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ତ୍ରିନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାଳୀଚରଣ ସେଠୀ, ଗଙ୍ଗାଧର ପଣ୍ଡା, ଅବିନାଶ ପଣ୍ଡା, ଭକ୍ତବନ୍ଧୁ ବିଷୋୟୀ, ଜଗଦିଶ୍ ନାୟକ, ଦାଶରଥୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



ଉପସ୍ଥିତ ଶିକ୍ଷକ।

# ତାଲିମ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ

**ଖଜୁରିପଡା,୩୦।୬(ଡି.ଏନ୍.ଏ.)**

ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଆରପିଏଲ୍ ଯୋଜନାରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଭାସ୍କର ଫାଉଣ୍ଡେସନ ଦ୍ୱାରା ସଂଚାଳିତ ନିଃଶୁଳ୍କ କୌଶଳ ବିକାଶ ପ୍ରଶିକ୍ଷକ କାର୍ଯ୍ୟକ୍ରମରେ ସୁଦ୍ରୁକୁମ୍ପା ଓ ସୂଡ୍ରେଜୁ ପଞ୍ଚାୟତର ବେକାର ଯୁବତୀଯୁବକ ଓ ଅନ୍ୟ କେତେଜଣ ଶ୍ରମିକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୯ଟି ଗ୍ରୁପ୍‌ରେ ୨୬୩ ଜଣ ପ୍ରଶିକ୍ଷଣ ନେଇଥିଲେ। ଭାସ୍କର ଫାଉଣ୍ଡେସନ ପ୍ରଶିକ୍ଷକ ମୁନ୍ନା ମଲ୍ଲିକ ଓ ସୁଧାଂଶୁ ସେଠୀ ପ୍ରଶିକ୍ଷଣ ଦେଇଥିଲେ। ୨୯ ଜୁନରେ ସୁଦ୍ରୁକୁମ୍ପା ଲ୍ୟାମ୍ପସ ସିଏସ୍ ଗୋଦାମ ସମ୍ମୁଖରେ ରାଜପଥ ବିଭାଗ ସମ୍ବଲପୁର ଏବଂ ଉପଜାତୀୟ ରାଜପଥ ବିଭାଗ ଫୁଲବାଣୀ ଓ ଭାସ୍କର ଫାଉଣ୍ଡେସନ ପକ୍ଷରୁ ତାଲିମ ନେଇଥିବା ନିର୍ମାଣ ଶ୍ରମିକଙ୍କୁ ଉପକରଣ ସହ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜାତୀୟ ରାଜପଥ ବିଭାଗ ସମ୍ବଲପୁରର ଉପନିର୍ବାହୀ ଯନ୍ତ୍ରୀ ଧ୍ୟାନଚାନ୍ଦ ନାୟକ, ମନୋରଞ୍ଜନ ଦାସ, ସରପଞ୍ଚ ଅଗସ୍ତି ମଲ୍ଲିକ, ସମିତିସଭ୍ୟ ଉମେଶ ବେହେରା, ଦଣ୍ଡପାଣି ବେହେରା, ଅନୁରାଧା ସାହୁ ଏବଂ ଭାସ୍କର ଫାଉଣ୍ଡେସନ ମୁଖ୍ୟ ରାଜ୍ୟ ପ୍ରମୁଖ ରଘୁନନ୍ଦ ଜେ ପ୍ରମୁଖ ଉପସ୍ଥିତ ଥିଲେ।





ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉଛି।

## ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର

**ଆସିକା,୩୦।୬(ଡି.ଏନ୍.ଏ.)**

ଆସିକା ଏନ୍ଏସିର ମେଦିରିସାହି ନିକଟସ୍ଥ ଜଣେ ମିକ୍ସଚର ଦୋକାନୀଙ୍କ ଘରୁ ଶନିବାର ରାତିରେ ପୋଲିସ ୪ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ପୋଲିସ ଠାରୁ ସୂଚନା ପାଇ ଶନିବାର ରାତିରେ ବ୍ରହ୍ମପୁରସ୍ଥିତ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଓ ଶ୍ରମ ବିଭାଗ ଅଧିକାରୀ ପହଞ୍ଚିଥିଲେ। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି। ତେବେ ଦୋକାନ ମାଲିକ ଅଦ୍ୟାବଧି ଥାନାରେ ଅଟକ ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ବିହାରର ସୀତାପୁର ଅଞ୍ଚଳରୁ ଆସି ଏଠାରେ ମିକ୍ସଚର ପ୍ରସ୍ତୁତି ଓ ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତି ସମ୍ପୃକ୍ତ ଅଞ୍ଚଳର ଏହି ଶିଶୁମାନଙ୍କୁ ଆଣି କାମରେ ନିୟୋଜିତ କରିଥିଲେ। ଶିଶୁଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ସାଧାରଣରେ ପ୍ରଘଟ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମିକ୍ସଚର ଦୋକାନ ମାଲିକଙ୍କ ଘରୁ ଶିଶୁମାନଙ୍କୁ ଉଦ୍ଧାର କରିଥିଲା।

## ମଦ ଜବତ, ଅଭିଯୁକ୍ତ ଗିରଫ

**ଆସିକା,୩୦।୬(ଡି.ଏନ୍.ଏ.)**

ଆସିକା ଏନ୍ଏସିର ଆଇବି ଏରଗୋଲା କ୍ୟାମ୍ପରୁ ରବିବାର ସକାଳେ ପୋଲିସ ଚଢାଉ କରି ୨୦ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ କ୍ୟାମ୍ପର ଏମ୍. ଦୁର୍ଗାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୨୦୫/୧୯ରେ ମାମଲା ରୁଜୁ କରାଯାଇ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ସର୍ବେଶ୍ୱର ଭୂୟାଁ ସୂଚନା ଦେଇଛନ୍ତି।

# ଆଇନ ସଚେତନତା ଶିବିର

**କୋଦଳା,୩୦।୬**

ବେଗୁନିଆପଡା ବ୍ଲକ କାଳିମେଘି ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ପୂର୍ବାହ୍ନରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋଦଳା କୋର୍ଟ ମାଜିଷ୍ଟ୍ରେଟ ସୁକନ୍ୟା ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ କାଳିମେଘି ସରପଞ୍ଚ ମମତା ପୋଲାଇ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓକିଲ ସଂଘ ସଭାପତି ତାରିଣୀ ଚରଣ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ମିଶ୍ର, ସୁବାଷ ଚନ୍ଦ୍ର ସାହୁ ଯୋଗଦେଇ ଲୋକଙ୍କୁ ବିଭିନ୍ନ ଆଇନଗତ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ସଚେତନ କରାଇଥିଲେ। ସରକାରୀ ଓକିଲ ନୀଳାଞ୍ଚଳ ପଲାଇ, ବାଳକୃଷ୍ଣ ପଣ୍ଡାଙ୍କ ସମେତ ନାଏକ ସରପଞ୍ଚ ଶିବରାମ ଗୌଡ, ଏସ୍ଏସ୍‌ଜି ଗ୍ରୁପ୍ ସଭ୍ୟ, ୱାର୍ଡସଭ୍ୟ ଓ ଗ୍ରାମର ମହିଳାପୁରୁଷ ଯୋଗ ଦେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆର୍‌ପିଏଲ୍‌ଆଇ ଗ୍ରାହକ ମେଳା

**ଭଞ୍ଜନଗର,୩୦।୬(ଡି.ଏନ.ଏ)**

ଭଞ୍ଜନଗର ମୁଖ୍ୟ ଡ଼ାକଘର ପରିସରରେ ରବିବାର ଆରପିଏଲଆଇ, ପିଏଲଆଇ ଗ୍ରାହକ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଯୋଗଦେଇ ଡ଼ାକଘରେ ଗ୍ରାହକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ବିଭିନ୍ନ ସ୍କିମ୍ ଉପରେ କହିଥିଲେ। ଆସିକା ମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ନେଗି ଉତ୍ସବକୁ ଉଦ୍‌ଘାଟନ କରିବା ସହ ଅଧ୍ୟକ୍ଷତା କରିଥିଲେ। ସହକାରୀ ଅଧୀକ୍ଷକ ବିଜୟ କୁମାର ସାହୁ, ନକୁଳ ବେହେରା, ଭଞ୍ଜନଗର ମୁଖ୍ୟ ଡ଼ାକଘର ପୋଷ୍ଟମାଷ୍ଟର ବୀରବର ବେହେରା, ରାମନାଥ ଗୌଡ଼, ଡ଼େପୁଟି ପୋଷ୍ଟମାଷ୍ଟର ଗୀତାଞ୍ଜଳି ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟବସାୟୀ ସଂଯୋଜକ ପ୍ରତାପ ସ୍ୱାଇଁ, ଡ଼ାକ କର୍ମଚାରୀ ସଂଘ ପୂର୍ବତନ ରାଜ୍ୟ ସଭାପତି ହରିକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ରାଧାକାନ୍ତ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଗଛ ଡାଳ ପଡ଼ି ଯାତାୟାତ ଠପ୍

**ବେଗୁନିଆପଡ଼ା,୩୦।୬(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ ବର୍ଷାପବନ ହୋଇଥିଲା। କଞ୍ଚଣ-ଭେଜିପୁଟ ପୂର୍ତ୍ତ ବିଭାଗ ରାସ୍ତାର ମଠବରିଡା ନିକଟରେ ଏକ ବରଗଛ ଉପୁଡି ପଡିବା ଫଳରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ଠପ ହୋଇଯାଇଛି। ରବିବାର ଏହି ଅଞ୍ଚଳରେ ସାମାନ୍ୟ ବର୍ଷା ଯୋଗୁ ରାସ୍ତା କଡରେ ଥିବା ଏକ ବରଗଛ ଉପୁଡି ପଡିଥିଲା। ତେବେ କୌଣସି ଧନଜୀବନ ନଷ୍ଟ ହୋଇନାହିଁ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ବିଶୋଇଙ୍କ ସହ ଯୋଗାଯୋଗ ବେଳେ ସେ ଜାଣିନଥିବା ଓ ସଙ୍ଗେ ସଙ୍ଗେ ଲୋକ ପଠାଇ ରାସ୍ତାରୁ ଗଛ ହଟାଇବେ ବୋଲି କହିଥିଲେ। ରାତି ପ୍ରାୟ ୮ଟାବେଳେ ଗଛ ହଟାଯିବା ପରେ ଚଳାଚଳ ସ୍ୱାଭାବିକ ହୋଇଛି।

ପ୍ରକାଶଥାଉକି ଏହି ରାସ୍ତାରେ ଅନେକ ଶୁଖିଲା ଓ କଞ୍ଚା ଗଛ ରାସ୍ତା ଉପରକୁ ମାଡି ରହିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ରାସ୍ତାରେ ଗଛ ପଡୁଛି। ଏଥିପ୍ରତି ସଚେତନ ହେବା ପାଇଁ ସାଧାରଣରେ ଦାବି ହେଉଛି।

# ଅବସର ନେଲେ କଲେଜ ଅଧ୍ୟକ୍ଷ

**ଶେରଗଡ,୩୦।୬(ଡି.ଏନ.ଏ.)**

ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟ ରବିବାର ଅଧ୍ୟକ୍ଷ ଲୋକନାଥ ନାୟକ ଅବସର ନେଇଛନ୍ତି। ଫଳରେ ଅଧ୍ୟକ୍ଷ ପଦବୀ ଖାଲି ହୋଇଛି । ପୂର୍ବରୁ କଲେଜର ଓଡ଼ିଆ ଅଧ୍ୟକ୍ଷ, ଇତିହାସ ଅଧ୍ୟାପକ, ରାଜନୀତି ବିଜ୍ଞାନ ଅଧ୍ୟାପକ ପଦ ଖାଲି ପଡିଛି। ଯୁକ୍ତ ୨ କଳାରେ ୫୧୨ଜଣ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ ଜଣେ ଅଧ୍ୟାପକ ଥିବାରୁ ବହୁ ଅସୁବିଧା ହେଉଛି ବୋଲି ଅଧ୍ୟକ୍ଷ ଲୋକନାଥ ନାୟକ କହିଛନ୍ତି। ଉକ୍ତ ପଦବୀ ଗୁଡିକ ପୂରଣ ପାଇଁ ସଚିବ ଉଚ୍ଚଶିକ୍ଷା ଓ ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଜୁଲାଇରୁ ପାଠ ପଢା କେମିତି ହେବ ସେଥି ନେଇ ଅବିଭାବକ ମାନେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ମଧ୍ୟ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଣୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦୃଷ୍ଟି ଦେବା ସହ ଶୀଘ୍ର ଉକ୍ତ ପଦବୀ ଗୁଡିକ ପୂରଣ କରିବାକୁ ସାଧାରଣରେ ଦାବୀ ହେଉଛି।

## ଖବର ପ୍ରକାଶ ପରେ ପୋଲିସର ତତ୍ପରତା

# ଡିଜେ ସହ ଗାଡ଼ି ଜବତ କଲା ପୋଲିସ

**■ଡ୍ରାଇଭର ଅଟକ**

**■ଜବତ ବେଳେ ପୋଲିସ ସହ ଧସ୍ତାଧସ୍ତି**

**ପୁରୁଷୋତ୍ତମପୁର,୩୦।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର ସମେତ ଆଖପାଖ ଅଞ୍ଚଳରେ ବିନା ଅନୁମତିରେ ବେଆଇନ ଭାବେ ବହୁଳ ମାତ୍ରାରେ ଡିଜେ ବ୍ୟବହାର ହେଉଥିଲା। ଶନିବାର ଏନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଜୁଥିବା ଡିଜେ ଉପରେ ଚଢାଉ କରାଯାଇଛି। ରବିବାର ପୁରୁଷୋତ୍ତମପୁର ସହର ମଧ୍ୟ ଗଡସାହିରେ ନିର୍ବନ୍ଧ ଲାଗି ଏକ ଶୋଭାଯାତ୍ରା ବାହାରିଥିଲା। ଏଠାରେ ବିନା ଅନୁମତିରେ ଉଚ୍ଚ ଶବ୍ଦରେ ଡିଜେ ବାଜୁଥିଲା। ପୋଲିସ ଚଢାଉ କରି ଡିଜେ ସହ ସମ୍ପୃକ୍ତ ଗାଡି (ନଂ.ଓଡି ୦୭ ଏଏ-୨୮୨୪) କୁ ଜବତ କରି ଥାନାକୁ ଆଣିବା ସହ ଗାଡି ଚାଳକଙ୍କୁ ଅଟକ ରଖିଛି। ପୋଲିସ ଚଢାଉ କରିବାବେଳେ ଉପସ୍ଥିତ ଲୋକେ ପ୍ରତିରୋଧ କରିଥିଲେ। ଫଳରେ ପୋଲିସ ଓ ଡିଜେ ବଜାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏସ୍ଆଇ ସୁନିଲ କୁମାର ପ୍ରଧାନ କହିଛନ୍ତି ଯେ, ବେଆଇନ ଭାବେ ଡିଜେ ବଜାଉଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ, ଅଞ୍ଚଳରେ ବିଭିନ୍ନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ଯୋଗୁ ବୟସ୍କ, ରୋଗୀ ଓ ଶିଶୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତତ୍କାଳୀନ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ଉଭୟ ଅଧିକାରୀ ଏହାକୁ ଗୁରୁତର ସହ ନେଇ ଡିଜେ ଉପରେ ରୋକ ଲଗାଇଥିଲେ। ମାତ୍ର ତତ୍କାଳୀନ ତହସିଲଦାର ଓ ଥାନା ଅଧିକାରୀ ବଦଳି ହୋଇଯିବା ପରେ ଏହି କଟକଣାକୁ ଆଉ କେହି ନ ମାନି ବହୁଳ ମାତ୍ରାରେ ଉଚ୍ଚ ଶବ୍ଦରେ ବେଆଇନ ଭାବେ ଡିଜେ ବ୍ୟବହାର କରୁଥିଲେ।





ଜବତ ଡିଜେ ସହ ଗାଡି।



‘ଜୟ ଶ୍ରୀରାମ’ ଏବଂ ‘ବନ୍ଦେ ମାତରମ୍’ କହିବାକୁ ବାଧକରି ମୁସଲମାନ ଓ ଦଳିତଙ୍କ ଉପରେ ଆକ୍ରମଣ ହେଉଛି। ଏଭଳି ଘଟଣା ପଛରେ ଥିବା ସଙ୍ଗଠନଗୁଡ଼ିକ ସଂଘ ପରିବାର ସହ ଜଡ଼ିତ।

-ଅସାଦୁଦ୍ଦିନ୍ ଓୱାଇସି, ଏଆଇଏମ୍ଆଇଏମ୍ ଅଧକ୍ଷ



## ସଂକ୍ଷେପରେ

### ଏମ୍ସରେ ମହିଳା ନର୍ସଙ୍କ ଆତ୍ମହତ୍ୟା

**ଯୋଧପୁର,୩୦।୬ :** ଯୋଧପୁରସ୍ଥିତ ଏମ୍ସ ହସ୍ପିଟାଲରେ ଜଣେ ମହିଳା ନର୍ସ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ହସ୍ପିଟାଲର ତୃତୀୟ ମହଲାରେ ଅପରେଶନ ଥିଏଟର ପାଖରେ ଥିବା ଏକ କୋଠରିକୁ ଭିତର ପଟୁ ବନ୍ଦ କରିଦେବା ପରେ ନିଜ ଦେହରେ ମହିଳା ଜଣକ ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ପାରିବାରିକ ସମସ୍ୟାକୁ ନେଇ ସେ ଚିନ୍ତାରେ ଥିଲେ ବୋଲି ତାଙ୍କର ଜଣେ ସହଯୋଗୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରୁଥିବା ଅତିରିକ୍ତ ପୋଲିସ କମିଶନର ଚୈନ୍ ସିଂହ ମହେତା ପ୍ରକାଶ କରିଛନ୍ତି। ଆତ୍ମହତ୍ୟା କରିଥିବା ନର୍ସ ଜଣକ ହେଲେ କେରଳର ବିଜୁ ପୁନୋଜ୍ ଓ ସେ ଗତ ୨ ବର୍ଷ ହେବ ଏମ୍ସରେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘର ଭିତରୁ ତାଙ୍କ ମରଶରୀରକୁ ଉଦ୍ଧାର କରିଛନ୍ତି।

### ଅଟ୍ଟାରିରେ ୫୩୨କେଜି ହେରୋଇନ ଜବତ

**ଅମୃତସର,୩୦।୬ :** ପାକିସ୍ତାନରୁ ଚୋରାରେ ଆସୁଥିବା ୫୩୨କେଜି ହେରୋଇନକୁ ଅଟ୍ଟାରିଠାରେ ସୀମା ଶୁଳ୍କ ବିଭାଗ ଦ୍ୱାରା ଜବତ କରାଯାଇଛି। ଜବତ ହେରୋଇନର ମୂଲ୍ୟ ୨,୭୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଶତାଧିକ ବ୍ୟାଗ୍‌ରେ ଏହା ପ୍ୟାକ୍‌ହୋଇ ଆସୁଥିଲା। ଚେକ୍‌ପୋଷ୍ଟ ଦେଇ ଆସୁଥିବାବେଳେ ସୀମା ଶୁଳ୍କ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲା। ୫୩୨ କେଜି ହେରୋଇନ ସହ ୫୨ କେଜି ନାର୍କୋଟିକ୍ ମିଶା ଦ୍ରବ୍ୟ ଅଟ୍ଟାରିରୁ ସୀମା ଶୁଳ୍କ ଅଧିକାରୀମାନେ ଜବତ କରିଥିଲେ। ଜବତ କରାଯାଇଥିବା ୭୦୦ ବ୍ୟାଗରୁ ୧୫ ବ୍ୟାଗ୍‌ରେ ନାର୍କୋଟିକ୍ ଦ୍ରବ୍ୟ ଥିବା ଜଣାପଡ଼ିଛି।

### ଦିଲ୍ଲୀରେ ସ୍କୁଲ ପିଲାଙ୍କ ଖରାଛୁଟି ବଢ଼ିଲା

**ନୂଆଦିଲ୍ଲୀ,୩୦।୬ :** ରାଜଧାନୀ ଦିଲ୍ଲୀରେ ରୌଦ୍ରତାପ କମିବାର ନାଁ ନେଉନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ଖରାଦିନ ଛୁଟି ଜୁଲାଇ ୮ ତାରିଖ ଯାଏ ବୃଦ୍ଧି କରିଛନ୍ତି। ଉଚ୍ଚ ଶ୍ରେଣୀଗୁଡ଼ିକ ସୋମବାର ଅର୍ଥାତ୍ ପୂର୍ବ ନିର୍ଦ୍ଧାରତି ଜୁଲାଇ ୧ ତାରିଖରେ ଖୋଲିବ। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ ଏହି ନିର୍ଦ୍ଦେଶ ଉଭୟ ସରକାରୀ ଓ ଘରୋଇ ସ୍କୁଲ କ୍ଷେତ୍ରରେ ଲାଗୁ ହେବ ବୋଲି ପ୍ରକାଶ କରିଛନ୍ତି।

[ଇତିହାସର ଆଇନାରେ]

### ଜୁଲାଇ ୧ର ପ୍ରମୁଖ ଘଟଣା

୧୮୬୨ ଜୁଲାଇ ୧ରେ ବ୍ରିଟେନ ରାଣୀ ଭିକ୍ଟୋରିଆଙ୍କ ଅନୁମୋଦନ କ୍ରମେ ଫୋର୍ଟ ୱିଲିୟମଠାରେ କାଲକାଟା ହାଇକୋର୍ଟ ସ୍ଥାପିତ ହୋଇଥିଲା। ଭାରତର ଏହି ସର୍ବପୁରାତନ ହାଇକୋର୍ଟ ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପାଇଁ ଉଦ୍ଦିଷ୍ଟ ଥିଲା।

୧୯୩୮ ଜୁଲାଇ ୧ ତାରିଖରେ ଭାରତର ଖ୍ୟାତନାମା ବଂଶୀବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆ ଆଲ୍ଲାହାବାଦରେ ଜନ୍ମଗ୍ରହଣ କରିଥିଲେ। ସଙ୍ଗୀତ ସାଧକ ପରିବାରରେ ଜନ୍ମ ହୋଇ ନ ଥିଲେ ମଧ ସେ ନିଜର ଅଧବସାୟ ବଳରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଥିଲେ। ୧୫ ବର୍ଷ ବୟସରେ ପଣ୍ଡିତ ରାଜାରାମଙ୍କଠାରୁ ସ୍ୱର ସଙ୍ଗୀତ ଶିକ୍ଷା ଆରମ୍ଭ କରି ପରେ ବଂଶୀବାଦନ ତାଲିମ ନେଇଥିଲେ।

# ଅଭିନୟ ଛାଡ଼ିଲେ ଦଙ୍ଗଲ ଗର୍ଲ



## ଜାୟରାଙ୍କ ପାଇଁ କର୍ମଠୁ ବଡ଼ ଧର୍ମ

**ମୁମ୍ବାଇ,୩୦।୬:** ବଲିଉଡ୍‌ରେ ୫ ବର୍ଷ ପୂରଣ କରିବା ପରେ ‘ଦଙ୍ଗଲ ଗର୍ଲ’ ଜାୟରା ୱସିମ୍ ଶେଷରେ ଅଭିନୟରୁ ବିଦାୟ ନେଇଛନ୍ତି। ଅଭିନୟ କ୍ୟାରିୟର ଓ ଜୀବନଶୈଳୀ ତାଙ୍କୁ ଧର୍ମରୁ ବିଚ୍ୟୁତ କରିବା ସହ ନିଜ ଆସ୍ଥାରୁ ଅଜ୍ଞାନ ପଥକୁ ଟାଣିନେଇଛି। ତେଣୁ ଧର୍ମ ପାଇଁ ସେ ଫିଲ୍ମ ଜଗତରୁ ଓହରିଯାଇଥିବା ରବିବାର ଏହି କଶ୍ମୀରୀ ଝିଅ ଏକ ଫେସ୍‌ବୁକ୍ ପୋଷ୍ଟରେ ଘୋଷଣା କରିଛନ୍ତି। ଏହାକୁନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜାତୀୟ ପୁରସ୍କାରପ୍ରାପ୍ତ ୧୮ ବର୍ଷୀୟା ମୁସ୍‌ଲିମ୍ ଝିଅ ଜାୟରା ୱସିମ୍ ଅଭିନୟ ଛାଡ଼ିଥିବା ନେଇ ଫେସ୍‌ବୁକ୍ ଏବଂ ଅନ୍ୟ କେତେକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଘୋଷଣା କରିବା ସିନେ ଜଗତକୁ ଚକିତ କରିଦେଇଛି। ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଅଭିନୟକୁ ନେଇ ଖୁସି ନୁହେଁ। କାରଣ ଏହା ମୋ ଧର୍ମ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଭିନୟ ଜଗତରେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇଯାଇଥିଲେ ହେଁ ଏହି କାମ ପାଇଁ ମୁଁ ଉପଯୁକ୍ତ ନୁହେଁ। ୫ ବର୍ଷ ପୂର୍ବେ ମୁଁ ନେଇଥିବା ନିଷ୍ପତ୍ତି ମୋ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଇଥିଲା। ଏହା ମୋ ପାଇଁ ଲୋକପ୍ରିୟତାର ଦ୍ୱାର ଖୋଲିଦେଇଥିଲା। ମୁଁ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲି। ଏପରି କି ଯୁବପିଢ଼ିଙ୍କ ରୋଲ୍ ମଡେଲ ଭାବେ ମଧ ମୋତେ ଅଭିହିତ କରାଯାଉଥିଲା। ତେବେ ମୁଁ ସେପରି ହେବାକୁ କେବେ ଆଶା କରି ନ ଥିଲି। ଏପରି ପରିଚୟକୁ ନେଇ ମୁଁ ଆଦୌ ଖୁସି ନୁହେଁ। ବାସ୍ତବରେ ଅଭିନୟ ଜଗତ ମୋ ପାଇଁ ଅନେକ ସ୍ନେହ, ସମର୍ଥନ ଓ ଖ୍ୟାତି ଆଣିଦେଇଛି। କିନ୍ତୁ ଏହାସହ ଏକ ଅଜ୍ଞାନର ରାସ୍ତାକୁ ମଧ ଟାଣିନେଇଛି। ନୀରବ ଓ ଅଜାଣତରେ ମୁଁ ଇମାନ୍ (ଆସ୍ଥା)ରୁ ବାହାରକୁ ଚାଲିଯାଇଛି। ଆସ୍ଥାରେ ବାରମ୍ବାର ହସ୍ତକ୍ଷେପ କରୁଥିବା ଏକ ପରିବେଶରେ ମୁଁ କାର୍ଯ୍ୟ କରିବା ଫଳରେ ମୋ ଧର୍ମ ସହିତ ସମ୍ପର୍କ ଉପରେ ବିପଦ ସୃଷ୍ଟି ହୋଇଛି। ଫଳରେ ମୋ ଜୀବନର ସବୁ ବରଖ (ଆଶୀର୍ବାଦ)କୁ ହରାଇଦେଇଛି। ଫଳରେ ମୋତେ ମୋ ଆତ୍ମା ସହ ଲଢ଼େଇ କରିବାକୁ ପଡ଼ିଛି। ତେଣୁ ଫିଲ୍ମ ଜଗତରୁ ଓହରିଯାଉଛି ବୋଲି ସେ ଏକ ବିସ୍ତୃତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଖ୍ୟାତ ଔପନ୍ୟାସିକା ତସ୍‌ଲିମା ନସରିନ୍ ଜାୟରାଙ୍କ ଏହି ନିଷ୍ପତ୍ତିକୁ ମୂର୍ଖାମି ବୋଲି ଅଭିହିତ କରିଛନ୍ତି। ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ଅଭିନେତ୍ରୀ ଜାୟରା ଏବେ ଅଭିନୟ ଛାଡ଼ିବାକୁ ଚାହାନ୍ତି। କାରଣ ଅଭିନୟ କ୍ୟାରିୟର ଆଲ୍ଲାଙ୍କ ଉପରୁ ତାଙ୍କର ଆସ୍ଥା ତୁଟାଇଦେଇଛି ବୋଲି ସେ ମନେକରୁଛନ୍ତି। କେତେ ବଡ଼ ମୂର୍ଖ ନିଷ୍ପତ୍ତି! ମୁସଲମାନ ସମ୍ପ୍ରଦାୟର ବହୁତ ଟ୍ୟାଲେଣ୍ଟ ବୁର୍ଖାର ଅନ୍ଧକାରରେ ହଜିଯିବା ପାଇଁ ବାଧ ହେଉଛନ୍ତି ବୋଲି ତସ୍‌ଲିମା ଟୁଇଟ୍ କରିଛନ୍ତି। ଜାୟରାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ‘ଦି ସ୍କାଏ ଇଜ୍ ପିଙ୍କ୍’ ପ୍ରଯୋଜକ ରୟ କପୁର କହିଛନ୍ତି, ସେ ଜଣେ ଉଚ୍ଚକୋଟୀର ଓ ପେସାଦାର ଅଭିନେତ୍ରୀ। ତାଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ତାଙ୍କ ପଛରେ ପୂରା ଟିମ୍ ଛିଡ଼ା ହୋଇରହିଛି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ଉପାଧକ୍ଷ ଓମାର ଅବ୍‌ଦୁଲ୍ଲା ଟୁଇଟ୍ କରିଛନ୍ତି, ଜାୟରାଙ୍କ ପସନ୍ଦକୁ ନେଇ ପ୍ରଶ୍ନ କରିବା ପାଇଁ ଆମେ କିଏ? ସେ ନିଜ ଖୁସି ଅନୁସାରେ ନିଷ୍ପତ୍ତି ନେଇପାରିବେ।

## ■ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ଦ୍ୱିତୀୟ ସଂସ୍କରଣ

# ଜଳ ସଂରକ୍ଷଣ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୩୦।୬(ପି.ଟି.)**



■ଆପଣମାନେ ମୋତେ ଫେରାଇ ଆଣିଛନ୍ତି: ମୋଦି

■ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ

■ପୁସ୍ତକ ଉପହାର ଦେବାକୁ ପରାମର୍ଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ରବିବାର ଆରମ୍ଭ କରିଛନ୍ତି। ଏହି ସଂସ୍କରଣର ପ୍ରଥମ ଅଭିଭାଷଣରେ ସେ ଦେଶବାସୀଙ୍କୁ ଜଳ ସଂରକ୍ଷଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଦେଶର ବୃହତ ଜଳଭଣ୍ଡାର ଏବଂ ନଦୀଗୁଡ଼ିକରେ ଜଳପତନ ଯଥେଷ୍ଟ ହ୍ରାସ ପାଇଥିବାରୁ ବହୁ ସହର ଏବେ ଜଳସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବର୍ଷାଜଳ ସଂରକ୍ଷଣ କରିବା ଜରୁରୀ ହୋଇପଡିଛି। ସ୍ୱଚ୍ଛତା ଅଭିଯାନ ସହିତ ଏହାକୁ ମଧ ଗଣଆନ୍ଦୋଳନ ଭାବେ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଜଳସଂରକ୍ଷଣ ପାଇଁ ଭିନ୍ନ ପଦ୍ଧତି ଅବଲମ୍ବନ କରାଯାଇପାରେ। ତେବେ ପ୍ରତି ବୁନ୍ଦା ଜଳ ସଂରକ୍ଷଣ ଲକ୍ଷ୍ୟ ହେବା ଉଚିତ। ଏଥିପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମେତ ସମସ୍ତ ଭାରତୀୟ ସଚେତନତା ସୃଷ୍ଟି କରିବା ଏବଂ ପାରମ୍ପରିକ ଜଳସଂରକ୍ଷଣ ପଦ୍ଧତି ସମ୍ପର୍କରେ ଜାଣିଥିଲେ ତାହାକୁ ସେୟାର କରିବାକୁ ମୋଦି ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଗତ ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଥିଲେ। ନିର୍ବାଚନ ପରେ ସେ ପୁଣି ଥରେ ତାଙ୍କର ଏହି ଲୋକପ୍ରିୟ କାର୍ଯ୍ୟକ୍ରମକୁ ଫେରିବେ ବୋଲି କହିଥିଲେ। ତାଙ୍କୁ ଫେରାଇ ଆଣିଥିବାରୁ ରବିବାର ସେ ଏହାର ଶ୍ରେୟ ଜନସାଧାରଣଙ୍କୁ ଦେଇଛନ୍ତି। ପ୍ରକୃତରେ କହିବାକୁ ଗଲେ ସେ ଫେରିନାହାନ୍ତି, ଜନସାଧାରଣ ତାଙ୍କୁ ଫେରାଇ ଆଣିଛନ୍ତି ଓ ପୁଣି ଥରେ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାର ସୁଯୋଗ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତି ସମୟ ସମ୍ପର୍କରେ ମନେପକାଇଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ। କୌଣସି ଜିନିଷ ସହଜରେ ମିଳିଗଲେ ଲୋକେ ତାହାର ଗୁରୁତ୍ୱକୁ ଅନୁଭବ କରିପାରନ୍ତି ନାହିଁ। ସେ ଉଦାହରଣ ଦେଇ କହିଛନ୍ତି, ଜଣେ ପ୍ରତିଦିନ ଠିକ୍ ସମୟରେ ଖାଇବାକୁ ପାଉଥିଲେ ଯେପରି କ୍ଷୁଧାର ଜ୍ୱାଳାକୁ ଅନୁଭବ କରିପାରେ ନାହିଁ ସେହିପରି ଗଣତନ୍ତ୍ରକୁ ଛଡାଇ ନିଆ ନ ଗଲେ, ଗଣତାନ୍ତ୍ରିକ ଅଧିକାରରେ ଯେଉଁ ଆନନ୍ଦ ରହିଛି, ତାହାର ସ୍ୱାଦ ପାଇବା ଦୈନନ୍ଦିନ ଜୀବନରେ କଷ୍ଟକର ହୋଇଥାଏ। ଜରୁରୀ ପରିସ୍ଥିତି ସମୟରେ ହିଁ ଦେଶବାସୀ ଅନୁଭବ କରିବା ଆରମ୍ଭ କରିଥିଲେ ଯେ ସେମାନଙ୍କଠାରୁ କିଛି ଛଡ଼ାଇ ନିଆଯାଇଛି। ସାମାଜିକ ବ୍ୟବସ୍ଥାର ସୁପରିଚାଳନାକୁ ସୁନିଶ୍ଚିତ କରିବା ଲାଗି ସମ୍ବିଧାନର ଆବଶ୍ୟକତା ରହିଛି। ଏଥିପାଇଁ ଆଇନ ଓ ନିୟମାବଳୀ ଜରୁରୀ, ଅଧିକାର ଓ କର୍ତ୍ତବ୍ୟ ମଧ ବିତର୍କର ଅଂଶବିଶେଷ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜୁନ୍ ୨୫ରେ ଜରୁରୀ ପରିସ୍ଥିତିର ୪୪ତମ ବାର୍ଷିକୀ ଯାଇଛି। ୧୯୭୭ ଲୋକ ସଭା ନିର୍ବାଚନରେ ଜନସାଧାରଣ ସେମାନଙ୍କ ଅଧିକାର ଓ ଆବଶ୍ୟକତା ସମ୍ପର୍କରେ ଚିନ୍ତା ନ କରି ଭୋଟ ଦେଇଥିଲେ। କାରଣ ସେତେବେଳେ ସେମାନେ କେବଳ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଭୋଟ ଦେଇଥିଲେ। ଗଣତନ୍ତ୍ର ଭାରତୀୟ ସଂସ୍କୃତି ଓ ଐତିହ୍ୟର ଅଂଶବିଶେଷ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଯଦି ଦେଶବାସୀ ସାମୂହିକ ଉଦ୍ୟମ କରିବେ ତେବେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିପାରିବ। ଆମେ ଏକାଠି କଠିନ ପରିଶ୍ରମ କଲେ ବହୁ କଷ୍ଟସାଧ୍ୟ କାର୍ଯ୍ୟରେ ଆମେ ସଫଳ ହୋଇପାରିବା ବୋଲି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି। ଏହି ଅବସରରେ ଯୋଗର ଗୁରୁତ୍ୱ ସମ୍ପର୍କରେ ମୋଦି ଦୋହରାଇଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଖୁବ୍ ଉତ୍ସାହର ସହ ଦେଶବିଦେଶରେ ପାଳିତ ହୋଇଛି। ସୁସ୍ଥ ବ୍ୟକ୍ତି ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ଏବଂ ଯୋଗ ତାହା ଦେଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ୯୧ କୋଟି ଭୋଟରଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୬୧ କୋଟି ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ଯାହାକି ଚାଇନାକୁ ବାଦ୍‌ଦେଲେ ଅନ୍ୟ ଯେକୌଣସି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଏଥର ଲୋକ ସଭାକୁ ସର୍ବାଧିକ ୭୮ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ଭୋଟରମାନଙ୍କ ସଚେତନତାକୁ ସାଲ୍ୟୁଟ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

‘ଗୁଗଲ ଗୁରୁ’ରେ ସବୁକିଛି ଉପଲବ୍ଧ ହେଉଥିବାବେଳେ ଅଧିକରୁ ଅଧିକ ବହି ପଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦୈନନ୍ଦିକ କର୍ମମୟ ଜୀବନରୁ କିଛି ସମୟ ବାହାର କରି ଏହାକୁ ପୁସ୍ତକ ଅଧ୍ୟୟନରେ ନିବେଶ କରିବା ଉଚିତ। ଫୁଲତୋଡା ପରିବର୍ତ୍ତେ ପୁସ୍ତକ ଉପହାର ଦେବା ଲାଗି ସେ କହିଛନ୍ତି।

## କମଳା ହାରିସ୍ ଅନ୍‌ଲାଇନରେ ବର୍ଣ୍ଣବୈଷମ୍ୟର ଶିକାର

**ୱାଶିଂଟନ,୩୦।୬(ପି.ଟି.)**



ଆଗାମୀ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ସିନେଟର କମଳା ହାରିସ୍ ତାଙ୍କ ପରିଚୟ ପାଇଁ ଅନ୍‌ଲାଇନ୍‌ରେ ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେ ଜଣେ ଆମେରିକୀୟ ଅଣଶ୍ୱେତାଙ୍ଗ ନୁହନ୍ତି ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ହାରିସ୍‌ଙ୍କର ଆମେରିକାରେ ଜନ୍ମ। ତାଙ୍କ ମାଆ ଜଣେ ଭାରତୀୟ ହୋଇଥିବାବେଳେ ବାପା ଜାମାଇକା ବାସିନ୍ଦା। କାଲିଫର୍ଣ୍ଣିଆ ସିନେଟର ଥିବା ହାରିସ୍ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଭଳି ବର୍ଣ୍ଣବୈଷମ୍ୟ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

## ■ ଚେନ୍ନାଇରେ ଜଳସଙ୍କଟ ଉତ୍କଟ

# ଇଡ୍‌ଲି ପିଠଉ କିଣିଲେ ପାଣି ମାଗଣା

**ଚେନ୍ନାଇ,୩୦।୬**

ଚେନ୍ନାଇ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ଟ୍ରିପ୍ଲିକେନ୍ ସହରର ଜଣେ ବ୍ୟବସାୟୀ ପାଣି ପାଇଁ ବିଚିତ୍ର ଘୋଷଣାନାମା କରିଛନ୍ତି। ବାଲତିଏ ପାଣି ମାଗଣାରେ ନେବାକୁ ହେଲେ ଗ୍ରାହକଙ୍କୁ ୧ କିଲୋଗ୍ରାମ ଇଡ୍‌ଲି-ଦୋସା ପିଠଉ କିଣିବାକୁ ପଡିବ ବୋଲି ସେ ଦୋକାନ ବାହାରେ ଏକ ବୋର୍ଡ ଲଗାଇଛନ୍ତି। ସି.ଏନ୍. ପର୍ଥସାରଥି ନାମକ ଏହି ବ୍ୟବସାୟୀ ବି.ଭି. ନାଇକର ଷ୍ଟ୍ରିଟ୍‌ରେ ପିଠଉ ବିକ୍ରି କରନ୍ତି। ଦୀର୍ଘ ୪୦ ବର୍ଷ ମଧ୍ୟରେ ଉକ୍ତ ଅଞ୍ଚଳର ଜନସାଧାରଣ ଏଭଳି ଜଳସଙ୍କଟର କେବେ ସମ୍ମୁଖୀନ ହୋଇ ନ ଥିଲେ ବୋଲି ପାର୍ଥସାରଥି କହିଛନ୍ତି। ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବା ଲାଗି ସେ ଏକ ଘରୋଇ ଟ୍ୟାଙ୍କର ଭଡାରେ ଆଣି ପାଣି ଯୋଗାଇ ଦେବାକୁ ମନସ୍ଥ କରିଥିଲେ। ତେବେ ମାଗଣାରେ ଜଳଦାନ କଲେ ଭିଡ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିବ ବୋଲି କେତେକ ଗ୍ରାହକ ପରାମର୍ଶ ଦେବା ପରେ ପାର୍ଥସାରଥି ଉପରୋକ୍ତ କୌଶଳ ଆପଣାଇଥିଲେ। ବ୍ୟବସାୟ ବଢ଼ାଇବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି।



## ଆଫଗାନିସ୍ତାନରେ ୮ ନିର୍ବାଚନ କର୍ମଚାରୀଙ୍କୁ ହତ୍ୟା

**କାନ୍ଦାହାର,୩୦।୬(ଏଏଫ୍‌ପି)**

ଆଫଗାନିସ୍ତାନର ମାରୁଫ୍ ଜିଲାରେ ତାଲିବାନ ଆତଙ୍କବାଦୀ ଆକ୍ରମଣ କରି ନିର୍ବାଚନ କମିଶନଙ୍କ ୮ ଜଣ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି। ଶନିବାର ରାତିରେ କାନ୍ଦାହାର ପ୍ରଦେଶର ମାରୁଫ ଜିଲା କେନ୍ଦ୍ର ଉପରେ ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ଦ୍ୱାରା ଆକ୍ରମଣ କରିଥିଲେ। ସେହି ସମୟରେ ଭୋଟର ପଞ୍ଜୀକରଣ କାର୍ଯ୍ୟରେ ନିୟୋଜିତ କେତେଜଣ କର୍ମଚାରୀ କାର୍ଯ୍ୟାଳୟରେ ରହିଥିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଆକ୍ରମଣରେ କେତେଜଣ ସୁରକ୍ଷା କର୍ମଚାରୀ ମଧ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ସେପ୍ଟେମ୍ବର ୨୮ରେ ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ତାଲିବାନଙ୍କ ସହ ଶାନ୍ତି ରାଜିନାମା ପାଇଁ ଆମେରିକା ଉଦ୍ୟମ ଚଳାଇଛି।

## ଭଲ ପାଠ ପଢ଼ିବାରୁ ଛାତ୍ରୀଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର

**ଲକ୍ଷ୍ନୌ,୩୦।୬**

ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଭଲ ପାଠ ପଢୁଥିବାରୁ ଏଥିରେ ଈର୍ଷାନ୍ୱିତ ହୋଇ ତାଙ୍କର ୪ ଜଣ ସମ୍ପର୍କୀୟ ଭାଇ ତାଙ୍କୁ ସରକାରୀ ସ୍କୁଲ କ୍ୟାମ୍ପସ୍‌ରେ ଏକାଧିକ ଥର ବେହୋସ କରି ବଳାତ୍କାର କରିଆସୁଥିଲେ। ଏହି କାର୍ଯ୍ୟରେ ଜଣେ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ସେମାନେ ଉକ୍ତ ବଳାତ୍କାର ଦୃଶ୍ୟକୁ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ପରିବାର ସଦସ୍ୟଙ୍କ ମଧ୍ୟରେ ସେୟାର କରିବା ଫଳରେ ଘଟଣା ଲୋକଲୋଚନକୁ ଆସିଥିଲା। ଝିଅର ବାପା ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନେ ଛାତ୍ରୀ ଜଣଙ୍କୁ ପ୍ରଥମେ ବେହୋସ କରି ଜଣକ ପରେ ଜଣେ ବଳାତ୍କାର କରୁଥିଲେ। ସେ ଚେତା ଫେରିପାଇବା ପରେ ଖେଳପଡିଆରେ ଅଚେତ ହୋଇପଡିବାରୁ ଷ୍ଟାଫ ରୁମ୍‌କୁ ଆଣିଥିବା ସେମାନେ କହୁଥିଲେ।



ବ୍ରିଟେନର ପ୍ରଧାନମନ୍ତ୍ରୀ ପଦ ତଥା କଞ୍ଜର୍ଭେଟିଭ୍ ପାର୍ଟି ଦୌଡ଼ରେ ଆଗୁଆ ଥିବା ବୋରିସ୍ ଜନ୍‌ସନ୍ ଲଙ୍କାଶାୟରସ୍ଥିତ ଏକ ଡାଏରି ଫାର୍ମରେ ଗୋରୁଙ୍କୁ ଚାରା ଖୁଆଉଛନ୍ତି।

# ଅମରନାଥ ଯାତ୍ରା ଲାଗି କଡ଼ା ସୁରକ୍ଷା

**ଜମ୍ମୁ,୩୦।୬(ପି.ଟି.)**



## ପ୍ରଥମ ପର୍ଯ୍ୟାୟରେ ୨,୨୩୪ ତୀର୍ଥଯାତ୍ରୀ ଗଲେ

ପବିତ୍ର ଅମରନାଥ ଯାତ୍ରା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଜ୍ୟ ପୋଲିସ ସମେତ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଓ ଭାରତୀୟ ସେନା ସଜାଗ୍ ରହିଛନ୍ତି। ସିସିଟିଭି କ୍ୟାମେରା ଓ ମୋଟ ୬୦ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୨,୨୩୪ ତୀର୍ଥଯାତ୍ରୀ ଜମ୍ମୁ ବେସ୍‌କ୍ୟାମ୍ପରୁ ଯାତ୍ରାରମ୍ଭ କରିଥିବାବେଳେ ସୋମବାରଠାରୁ ଅମରନାଥ ଅଭିମୁଖେ ବାହାରିବେ। ସେମାନଙ୍କ ମଧ୍ୟରେ ୧୭ ଜଣ ଛୋଟପିଲା ଥିବା ଜଣାପଡ଼ିଛି। ଏହି ୪୬ ଦିନର ଲମ୍ବା ଯାତ୍ରା ଲାଗି ୧.୫ ଲକ୍ଷ ତୀର୍ଥଯାତ୍ରୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ରାଜ୍ୟପାଳଙ୍କ ପରାମର୍ଶଦାତା କେ. କେ. ଶର୍ମା ପତାକା ଦେଖାଇ ଆନୁଷ୍ଠାନିକଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଅଗଷ୍ଟ ୧୫ ଅର୍ଥାତ୍ ରକ୍ଷାବନ୍ଧନ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ। ପାଣିପାଗ ଠିକ୍ ରହିଲେ ଯାତ୍ରା ସହଜ ଓ ସଫଳ ହୋଇପାରିବ।

ଯାତ୍ରା ଶାନ୍ତି ଓ ସୁରକ୍ଷାରେ ଶେଷ ହେବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜମ୍ମୁ ସିଆର୍‌ପିଏଫ୍ ଇନ୍ସପେକ୍ଟର ଜେନେରାଲ ଏ.ଭି. ଚୌହାନ୍ କହିଛନ୍ତି। ବେସ୍ କ୍ୟାମ୍ପ ଓ ଯାତ୍ରୀଙ୍କ ରହିବା ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୧ ଜୁଲାଇ, ୨୦୧୯



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବ୍ରହ୍ମପୁର ଅଫିସ,୩୦।୬:** ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗରର ସନ୍ତୋଷ କୁମାର ନାୟକ (୫୩)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ୨୭ ତାରିଖରେ ବଡଗଡରେ ରହୁଥିବା ଭ୍ରାଇଁଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ସନ୍ତୋଷ ବାଇକ୍‌ରେ ଯାଉଥିବା ବେଳେ ଫିରଫିରା ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଏମ୍‌ସିରେ ଅବସରକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୩୦।୬:** ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କର୍ମଚାରୀ ପ୍ରଫୁଲ୍ଲ କୁମାର ଜେନା ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଗମ କାର୍ଯ୍ୟାଳୟ ପରିସରରେ ହୋଇଥିବା ସମାବେଶରେ ମୁଖ୍ୟ ପ୍ରଶାସକ ତଥା ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇଥିଲେ। ବିଏମ୍‌ସି କର୍ମଚାରୀମାନେ ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ତୁଲାଇବାକୁ ସେ ପରାମର୍ଶ ଦେଇଥିଲେ । ପ୍ରଫୁଲ୍ଲଙ୍କ ଅବସର ଜୀବନର ସୁଖ ଓ ସମୃଦ୍ଧି କାମନା କରିଥିଲେ କୁଲାଙ୍ଗେ । ଏଥିରେ ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟ ଅଧକ୍ଷତା କରିଥିବା ବେଳେ ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ପାଢ଼ୀଙ୍କ ସମେତ ଅନ୍ୟ ଇଞ୍ଜିନିୟର, ବରିଷ୍ଠ କର୍ମଚାରୀ ସୁରେନ୍ଦ୍ର ଚୌଧୁରୀ, ପୌର କର୍ମଚାରୀ ସଂଘ ସଭାପତି ଚିତ୍ତ ରଞ୍ଜନ ପାଣିଗ୍ରାହୀ, ପିକେ ଜେନା ଓ ବଳରାମ ପଣ୍ଡା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀ ଜେନାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

### ନୂତନ ବିଧାୟିକାଙ୍କ କବିସୂର୍ଯ୍ୟ ବିଦ୍ୟାପୀଠ ଗସ୍ତ

**କବିସୂର୍ଯ୍ୟନଗର,୩୦।୬:** କବିସୂର୍ଯ୍ୟନଗରର ସର୍ବ ପୁରାତନ କବିସୂର୍ଯ୍ୟ ବିଦ୍ୟାପୀଠକୁ ନବ ନିର୍ବାଚିତ ବିଧାୟିକା ଲତିକା ପ୍ରଧାନ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ନୂତନ କୋଠା ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ୧୦୦ ଜଣ ଆଦିବାସୀ ଗରିବ ପିଲା ଏଠାରେ ପଢୁଛନ୍ତି। ଯାହାର ଭରଣପୋଷଣ ଲୋକଙ୍କ ସହାୟତାରେ କରାଯାଉଛି । ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ପ୍ରବୀଣ ଦାସଙ୍କ ଅଧକ୍ଷତାରେ ସ୍କୁଲ ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ବିଧାୟିକା ବିଦ୍ୟାପୀଠର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇ ପିଲାଙ୍କୁ ପୋଷାକ ବଣ୍ଟନ କରିଥିଲେ। ସେହିପରି ଆଠଗଡ଼ ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ପ୍ରଦାନ ଉତ୍ସବରେ ଏବଂ ସ୍ଥାନୀୟ କନକ ମଞ୍ଜରୀ ପାଠାଗାରରେ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସ୍ମୃତିଚାରଣ ସଭାରେ ନବ ନିର୍ବାଚିତ ବିଧାୟିକା ଯୋଗ ଦେଇଥିଲେ ।

## ସିରିଜ୍ ଏଟିଏମ୍ ଲୁଟ୍ ଘଟଣା ବର୍ଷେ ପୂରିଲା

# ୫ କାଉଣ୍ଟରରୁ ୧୭ ଲକ୍ଷ ଲୁଟ୍

**ବ୍ରହ୍ମପୁର ଅଫିସ,୩୦।୬**

୨୦୧୮ ଜୁନ ୨୬ ତାରିଖରେ ବ୍ରହ୍ମପୁର ସହର ଓ ସହର ତଳି ଅଞ୍ଚଳର ୬ ଏଟିମ୍ କାଉଣ୍ଟରକୁ ଲୁଟେରାମାନେ ଟାର୍ଗେଟ କରିଥିଲେ। ସେଥିମଧ୍ୟରୁ ୫ କାଉଣ୍ଟର ଭାଙ୍ଗି ୧୭ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏହି ଗ୍ୟାଙ୍ଗ ଗୋଟିଏ ରାତିରେ କାରନାମା ଦେଖାଇଥିଲେ। ତଦନ୍ତ ବେଳେ ଲୁଟେରା ଗ୍ୟାଙ୍ଗ ହରିୟାଣାର ବୋଲି ଜାଣିବାକୁ ପାଇଥିଲା ପୋଲିସ । ଏବେ ଏହି ଘଟଣାକୁ ବର୍ଷେ ପୂରିଗଲା । ହେଲେ ଅଦ୍ୟାବଧି ପୋଲିସ ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିପାରିନାହିଁ । ବିଗତ ବର୍ଷରେ ପୋଲିସ ଗଞ୍ଜାମ ଜିଲାକୁ ଅପରାଧମୁକ୍ତ କରିବା ପାଇଁ 'କ୍ଲିନ୍ କ୍ରିମିନାଲ' ଅଭିଯାନ ଆରମ୍ଭ କରିଥିଲା। ବହୁ ଦୁର୍ଦ୍ଦାନ୍ତଙ୍କୁ ଏନ୍‌କାଉଣ୍ଟର କରିଛି। ହେଲେ ଏହି ସିରିଜ୍ ଏଟିଏମ୍ ଲୁଟ ଘଟଣାର ପର୍ଦ୍ଦାଫାଶ ଆଜିଯାଏ କରିପାରିନାହିଁ । ସେହିପରି ସହରରେ ଘଟିଥିବା ବଡ଼ଧରଣର ଚୋରି, ପୋଲିସ ପରିଚୟ ଦେଇ ଲୁଟ୍ ଭଳି ଘଟଣାର ଏବେ ବି ସୁରାକ୍ ପାଇପାରିନାହିଁ। ଏହିସବୁ ଘଟଣା ଏବେ ବଢୁଛି ଲୁଟ୍, ଗଢୁଛି ଫାଇଲ ଭଳି ସ୍ଥିତିରେ ରହିଯାଇଛି। ମାମଲା ପରେ ମାମଲା ଥାନାରେ ରୁଜୁ ହେଉଛି, ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁନାହିଁ ।

ସୂଚନାଯୋଗ୍ୟ, ୨୦୧୮ରେ ପ୍ରଥମେ ଗୋଲନ୍ଥରା ଥାନା ହଳଦିଆପଦରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏଟିଏମ୍ କାଉଣ୍ଟର ମେଶିନ ପୋଡ଼ି ଦିଆଯାଇଥିବା ଜଣାପଡ଼ିଥିଲା। ଲୁଟେରାମାନେ ଗ୍ୟାସ କଟରରେ ଆଇରନ ଚେଷ୍ଟକୁ କାଟି ଟଙ୍କା ଲୁଟି ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହା ପରେ ଖୋଡ଼ାସିଂ, ଆଙ୍କୁଲି, ଲାଞ୍ଜିପଲ୍ଲୀ ଓ ଗୋଷାଣୀନୂଆଗାଁରେ ଥିବା ଏସ୍‌ବିଆଇ ଏଟିଏମ୍‌ର ମେଶିନ ଭାଙ୍ଗି ଟଙ୍କା ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍

### ହରିୟାଣାରେ ଲୁଟେରା, ଧରିପାରୁନି ପୋଲିସ

ସହାୟତାରେ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିଥିଲା । ଏହା ସହିତ କାଉଣ୍ଟରରେ ଲାଗିଥିବା ସିସି କ୍ୟାମେରାରେ ରେକର୍ଡ ହୋଇଥିବା ଫୁଟେଜ୍ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା। କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟରେ ଯେଉଁମାନେ ଚିହ୍ନଟ ହୋଇଛନ୍ତି ତନ୍ମଧ୍ୟରୁ ଅଧିକାଂଶ ମୁହଁ ଘୋଡ଼ାଇ ରହିଥିଲେ। ସେପଟେ ପୋଲିସ ପୂର୍ବରୁ ବ୍ରହ୍ମପୁର ସହରରେ ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାଙ୍କୁ ଧରିଥିଲା। ହେଲେ ପୋଲିସକୁ କୌଣସି ସଫଳତା ମିଳିପାରିଲା ନାହିଁ। ସେହିପରି ଅନ୍ୟ ଜିଲାରେ ହୋଇଥିବା ଏଟିଏମ୍ ଲୁଟ ଘଟଣାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗର ହାତ ଥିବା ନେଇ ସୂଚନା ମିଳିଥିଲା। ଏଣୁ ବ୍ରହ୍ମପୁରରେ ମଧ୍ୟ ହୋଇଥିବା ସିରିଜ୍ ଏଟିଏମ୍ ଲୁଟ୍ ଘଟଣାରେ ଆନ୍ତଃରାଜ୍ୟ ଲୁଟେରାଙ୍କ ସମ୍ପୃକ୍ତି ନେଇ ପୋଲିସ ସନ୍ଦେହ କରିଥିଲା। ଏହି ଗ୍ୟାଙ୍ଗକୁ କାବୁ କରିବା ପାଇଁ ସେହି ସମୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏନେଇ ବୈଦ୍ୟନାଥପୁର ଥାନାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଗୋଲନ୍ଥରା, ଗୋଷାଣୀନୂଆଗାଁ ଓ ଗୋପାଳପୁରରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ପୋଲିସ ବ୍ୟାଙ୍କ ଓ ଏଟିଏମ୍ କାଉଣ୍ଟର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ କହି ଆସୁଥିଲା। ସୁରକ୍ଷା କର୍ମୀ ରହୁ ନ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରଗୁଡ଼ିକୁ ଲୁଟେରାମାନେ ଟାର୍ଗେଟ କରି ୫ କାଉଣ୍ଟରରୁ ୧୭ ଲକ୍ଷ ଟଙ୍କା ଧରି ଚମ୍ପଟ ମାରିଥିଲେ। ଘଟଣାକୁ ବର୍ଷେ ପୂରିଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ପୋଲିସକୁ ସେଭଳି କୌଣସି ସଫଳତା ମିଳିପାରି ନାହିଁ ।

## ସିଲ୍‌କ ସିଟି କପ୍: ବଡ଼ପୁଟି ଚାମ୍ପିୟନ



ଚାମ୍ପିୟନ୍ ବଡ଼ପୁଟି ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୩୦।୬**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ସିଲ୍‌କ ସିଟି କ୍ରିକେଟ କପ୍ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ବ୍ରହ୍ମପୁର ରାଇଜିଂ ଷ୍ଟାର୍ ଏବଂ ଗୋପାଳପୁର ବଡ଼ପୁଟି ଦଳ ମଧ୍ୟରେ ଖେଳାଯାଇଥିଲା। ରାଇଜିଂ ଷ୍ଟାର୍ ଦଳ ପ୍ରଥମେ ବ୍ୟାଟିଂକରି ୧୩ଓଭର୍ ୪ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୯୧ରନ୍ କରିଥିଲା। ଦଳ ପକ୍ଷରୁ ବବ୍‌ଲୁ ସର୍ବାଧିକ ୧୮ରନ୍ କରିଥିବା ବେଳେ ବଡ଼ପୁଟିର ମାଧବ ୩ ଉଇକେଟ୍ ନେଇଥିଲେ। ଜବାବରେ ବଡ଼ପୁଟି ଦଳ ୧୨ଓଭର୍ ୨ ବଲ୍‌ରେ ଆବଶ୍ୟକ ରନ୍‌କରି ବିଜୟୀ ହୋଇଥିଲା। ମାଧବ ୩୪ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଅମ୍ପାୟର୍ ଭାବେ ଦୁର୍ଗାପ୍ରସାଦ ପଟ୍ଟନାୟକ ଏବଂ ଜଗଦୀଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହା ପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ବିକ୍ରମ ପଣ୍ଡା, ମୁରଲୀ ମୋହନ, ଅନିଲ କୁମାର ନାୟକ, ଭଗବାନ ଗନ୍ତାୟତ ଓ ଖଲିଲ୍ ଯୋଗଦେଇ ଚାମ୍ପିୟନ୍ ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମାଧବଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ଏବଂ ବବ୍‌ଲୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପ୍ରଦାନ କରାଯାଇଥିଲା। ଦେବାଶିଷ, ଜଗଦୀଶ, ମିଟୁ ବେହେରା, ଶୁଭମ୍, ରାଜା, ସନ୍ତୋଷ ମୁଖୀ, ଜେମ୍‌ସ, ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

## ବିଭିନ୍ନ ଦାବି ନେଇ ଧାରଣାରେ ବସିଲେ ସୁରକ୍ଷା କର୍ମୀ



ଧାରଣାରେ ସାମିଲ ହୋଇଥିବା ସୁରକ୍ଷା କର୍ମୀ।

**ବ୍ରହ୍ମପୁର ଅଫିସ,୩୦।୬**

ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ଶତାଧିକ ସୁରକ୍ଷା କର୍ମୀ ବିଭିନ୍ନ ଦାବି ନେଇ ରବିବାର ଅପରାହ୍ନରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦାବିଗୁଡ଼ିକ ମଧ୍ୟରେ ରହିଛି, ସେମାନଙ୍କୁ ନିୟମିତ ଭାବେ ମାସକୁ ମାସ ଦରମା ପ୍ରଦାନ କରିବା, ସେମାନଙ୍କ ଦରମାରୁ ଇପିଏଫ ବାବଦକୁ କାଟୁଥିବା ଟଙ୍କାର ହିସାବ ଦିଆଯାଉ, ଶ୍ରମ ବିଭାଗ ତରଫରୁ ସେମାନଙ୍କ ପାଇଁ ଘୋଷଣା ହୋଇଥିବା

### ଏମ୍‌କେସିଜି ମେଡିକାଲ

ବର୍ଦ୍ଧିତ ଦରମା ଖୁବଶୀଘ୍ର ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଗଞ୍ଜାମ ସିକ୍ୟୁରିଟି ସର୍ଭିସ ସଂସ୍ଥା ତରଫରୁ ସୁରକ୍ଷା କର୍ମୀମାନେ ୩ ଟି ପର୍ଯ୍ୟାୟରେ ଏମ୍‌କେସିଜି ମେଡିକାଲରେ କାମ କରୁଛନ୍ତି। ସଂସ୍ଥା କ୍ଷେତ୍ରରକ୍ଷକ ଥିବା ବାବୁଲା ସେଠୀ ବିନା କାରଣରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଉଛନ୍ତି। ଏହାର ଦୃଢ଼ ପ୍ରତିବାଦ କରାଯାଇଥିଲା ବୋଲି ସୁପରଭାଇଜର ଏ. ସୁମନ କୁମାର କହିଛନ୍ତି। ଖବର ପାଇ ସଂସ୍ଥା ପରିଚାଳକ ଟୁନା ପାଣିଗ୍ରାହୀ ସେଠାରେ ପହଞ୍ଚି ସୁରକ୍ଷା କର୍ମୀଙ୍କ ଦାବି ଗୁଡିକ ସମ୍ପର୍କରେ ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ । ପରେ ଧାରଣାରେ ବସିଥିବା ସୁରକ୍ଷା କର୍ମୀ ଧାରଣା ପ୍ରତ୍ୟାହୃତ କରିଥିଲେ। ସୋମବାର ସଂସ୍ଥା ପରିଚାଳକ ଦାବି ଗୁଡିକ ପୂରଣ ନ କରିଲେ ସେମାନେ ପୁଣି ଥରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସୁପରଭାଇଜର ସୁମନ ଓ ପୀତବାସ ସୁରୀ ଚେତାବନୀ ଦେଇଛନ୍ତି ।

## କଳାକାରଙ୍କ ଦ୍ୱାରା ଏମ୍‌ପି ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୩୦।୬**

ଉତ୍କଳ ଆଶ୍ରମସ୍ଥିତ ମୁକ୍ତ ମଞ୍ଚରେ ବ୍ରହ୍ମପୁରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର କଳାକାରଙ୍କ ତରଫରୁ ନବନିର୍ବାଚିତ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ପତ୍ରିକା 'ଅଭିନୟ ଜଗତ'ଏବଂ ନୃତ୍ୟାନୁଷ୍ଠାନ 'ଅନ୍ୱେଷା' କଳାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିହିର କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଉଷାରାଣୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଞ୍ଜାମ କଳା ପରିଷଦ ସମ୍ପାଦକ କୃଷ୍ଣଚନ୍ଦ୍ର ସିଂ, ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ସାଧାରଣ ସମ୍ପାଦକ ରମେଶ ମହାରଣା, ବଳରାମ ଦାସ, ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର, କଳା ଓ କଳାକାର ପ୍ରତିଷ୍ଠାନ ସମ୍ପାଦକ ପି.ସୁବାସ ଚନ୍ଦ୍ର ପାତ୍ର, ଅଭିନୟ ଜଗତ ପରିଚାଳକ ରବୀନ୍ଦ୍ର କୁମାର ନାୟକ, ତ୍ରିପତି ନାୟକ, ସୁବାସ ଚନ୍ଦ୍ର ସାହୁ, ସୁଦୀପ ସାହୁ, ନବକିଶୋର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ, ଜିଲା କିନ୍ନର ସଂଘର ବିନି ଏବଂ ବିନ୍ଦିଆ, ଆପ୍ପା ରାଓ, ପ୍ରୟାସ ନାଟ୍ୟ ସଂସ୍ଥା ନଳିନୀ ଗୌଡ଼, ଶାଶ୍ୱତୀ ଅନୁଷ୍ଠାନର ରାମଚନ୍ଦ୍ର ସାସମଲ, ସୁନୀଲ ସ୍ୱାଇଁ, ଦେବେନ୍ଦ୍ର ନନ୍ଦ, ସୁବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟୁଇଙ୍କିଲ୍ ସଂଯୋଜନା କରିଥିବା ବେଳେ କୋରେଶ ପାତ୍ର, ସମ୍ବିତ ପାଢୀ, କୈଳାସ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୱେଷା କଳାକେନ୍ଦ୍ର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଙ୍କୁଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପନ



ତିନି ଠାକୁରଙ୍କୁ ଅଞ୍ଚଳ ପରିକ୍ରମା କରାଯାଉଛି ।

**ବ୍ରହ୍ମପୁର ଅଫିସ,୩୦।୬**

ଶିଳ୍ପାଞ୍ଚଳ ଆଙ୍କୁଲିରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ନୂଆ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ରବିବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ମହୋତ୍ସବର ଅନ୍ତିମ ଦିବସରେ ତିନି ଠାକୁରଙ୍କୁ ଅଞ୍ଚଳ ପରିକ୍ରମା କରାଇବା ପରେ ମନ୍ଦିରକୁ ବିଜେ କରାଯାଇଥିଲା। ଉଦ୍‌ଯାପନ ସମାରୋହରେ ସହସ୍ରାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ଆଙ୍କୁଲି କମ୍ପିଥିଲା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ଭାଗୀରଥି ମହାରଣା, ଲାଇଫ ଲାଇନ ସଭାପତି ସୁଦାମ ଦାସ, ପୂର୍ବତନ କାଉନସିଲର ବାବୁଲା ନାୟକ, ବିଏମ୍‌ସିର ଅନେକ ପୂର୍ବତନ କର୍ପୋରେଟରଙ୍କ ସମେତ ବିଭିନ୍ନସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ରଜନୀକାନ୍ତ ମଣ୍ଡଳଙ୍କ ସମେତ ପ୍ରତିଷ୍ଠା ମହୋତ୍ସବ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୩୦।୬**

ରେଳବାଇ ଥାନା ପୋଲିସ ରବିବାର ସକାଳେ ହଳଦିଆପଦର ଲେଭଲ କ୍ରସିଂ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଲକ୍ଷ୍ମୀ ନାରାୟଣ ସାହୁ (୨୭)। ଘର ସଦର ଥାନା ଅନ୍ତର୍ଗତ ଖଡ଼ାଙ୍କୁଲି ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୨୧/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ପ୍ରକାଶ ଯେ, ରବିବାର ପୂର୍ବାହ୍ନ ୧୦ଟା ବେଳେ ହାୱଡା-ଭାସ୍କୋଡ଼ାଗାମା ଟ୍ରେନ ଆଗକୁ ଡେଇଁ ଜଣେ ଯୁବକ ମରିପଡିଥିବା ପୋଲିସ ଖବର ପାଇଥିଲା। ପୋଲିସ ପହଞ୍ଚି ଯୁବକଙ୍କ ପକେଟରୁ ପାଇଥିବା କାଗଜରେ ଲେଖାଥିବା ଫୋନ ନମ୍ବରରେ ପରିବାର ଲୋକଙ୍କୁ ଖବର କରିଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରବିବାର ସକାଳେ ଲକ୍ଷ୍ମୀ ନାରାୟଣ ଘରୁ ବ୍ରହ୍ମପୁର ଆସିଥିଲେ। ଅନ୍ୟପଟେ ସେ ହଳଦିଆପଦର ରେଳଧାରଣା ନିକଟରେ ପହଞ୍ଚିବା ପରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

## ପ୍ରଶାସନକୁ ବକେୟା ରାଜସ୍ୱ ଆଦାୟ ଚିନ୍ତା

**ବ୍ରହ୍ମପୁର ଅଫିସ,୩୦।୬**

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଦିଗନ୍ତ ରାଉତରାୟ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବକେୟା ରାଜସ୍ୱ ଆଦାୟକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ରାଜସ୍ୱ ନିରୀକ୍ଷକମାନେ ଏ ଦିଗରେ ତତ୍ପରତା ଦେଖାଇବାକୁ ଉପଜିଲାପାଳ ରାଉତରାୟ ପରାମର୍ଶ ଦେଇଥିଲେ । ଏଥିସହ ତହସିଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଗ୍ରାମକଣ୍ଠ ପରମ୍ପୋକ ଓ ବେବନ୍ଦୋବସ୍ତ ଜମି ଦଖଲକାରୀଙ୍କୁ ରୟତସ୍ୱତ୍ୱ ଅଧିକାର ପ୍ରଦାନ, ଗୁରୁତ୍ୱପୂର୍ଣ୍ଣ ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା, ସରକାରୀ ଜମିକୁ ପାଚେରିରେ ଘେରିବା, ସଇରାତ ସମ୍ବନ୍ଧୀୟ ଉତ୍ସଗୁଡ଼ିକର ତଦାରଖତ୍, ରାଜସ୍ୱ ବୃଦ୍ଧି କରିବା, ଠିକ୍ ସମୟରେ ପଟ୍ଟା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ବକେୟା ରାଜସ୍ୱ ଆଦାୟ ଏବଂ ସରକାରଙ୍କ ରାଜସ୍ୱ ପରିଚାଳନା ଠିକ୍ ଭାବେ ତୁଲାଇବାକୁ ନେଇ ଆଲୋଚନା ହୋଇଥିଲା। ସହକାରୀ ଜିଲାପାଳ(ରାଜସ୍ୱ) ବିନୋଦ କୁମାର ବେହେରାଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ପରିଦର୍ଶକ ଏବଂ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ।



ବୈଠକରେ ରାଜସ୍ୱ ବିଭାଗ କର୍ମଚାରୀମାନେ ।

## ସମ୍ମାନିତ ହେଲେ ମେଧା ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୩୦।୬**

ନୂଆବସ୍ଷ୍ଟାଣ୍ଡସ୍ଥିତ ମଦର୍ସ ଇଣ୍ଟର୍‌ନ୍ୟାଶନାଲ୍ ରେସିଡେଣ୍ଟାଲ୍ ସ୍କୁଲ ସଭାକକ୍ଷରେ ରବିବାର ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ, ବିରୁଳି ଓ ଆଠଗଡ଼ ଅଞ୍ଚଳର ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୬ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ବାଞ୍ଛାନିଧି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତା ଡ. ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ସୁବାସ ଚନ୍ଦ୍ର ପଣ୍ଡା, ଲଲାଟେନ୍ଦୁ ସାମନ୍ତ, ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ଅଶୋକ ଚୌଧୁରୀ ଏବଂ ଜ୍ଞାନାନନ୍ଦ ସାଗର ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ସର୍ବାଧିକ ମାର୍କ ରଖିଥିବା ମଥୁରା କାହ୍ନୁଚରଣ ନୋଡ଼ାଲ ହାଇସ୍କୁଲର ଛାତ୍ର ଜୀବନ ଜେନାଙ୍କୁ ଖଲ୍ଲିକୋଟ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ତ୍ରିନାଥ ସାମନ୍ତରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଗୋପାଳକୃଷ୍ଣ ଡାକୁଆ ବେଦପାଠ କରିଥିବା ବେଳେ ସୁଦୀପ ସାହୁ ସଂଗୀତଗାନ କରିଥିଲେ। ମଞ୍ଚାସୀନ ଅତିଥିମାନେ 'ଗୁଣାତ୍ମକ ଶିକ୍ଷା ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ' ଶୀର୍ଷକରେ ନିଜ ମତ ରଖିଥିଲେ। ପରିଷଦ ସମ୍ପାଦକ ଦେବୀପ୍ରସାଦ ମହାପାତ୍ର ସାମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବିଜୟ କୁମାର ପାଢୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଭିକାରୀ ଚରଣ ମହାପାତ୍ର ଅତିଥି ପରିଚୟ ଏବଂ ହାଡ଼ିବନ୍ଧୁ ମାଳୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପାଢୀ, ଶରତ ଚନ୍ଦ୍ର ଦାଶ, ହରିହର ମହାପାତ୍ର, ବନ୍ଦନା ମହାପାତ୍ର ଏବଂ ପୁଷ୍ପାଞ୍ଜଳି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।




ମେଧା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

## ସଂକ୍ଷେପରେ

### ଅପହୃତା କଲେଜ ଛାତ୍ରୀ ଉଦ୍ଧାର, ଅପହର୍ତ୍ତା ଅଟକ

**ଦିଗପହଣ୍ଡି,୩୦।୬(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ରବିବାର ଜଣେ ଅପହୃତା କଲେଜ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଅପହର୍ତ୍ତା ଯୁବକଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି । ଗତ ଏପ୍ରିଲ ୨୮ ତାରିଖରେ ଛାତ୍ରୀଙ୍କ ବାପାଙ୍କ ଏତଲା କ୍ରମେ ନଂ. ୮୭/୧୯ରେ ମାମଲା ରୁଜୁ ହୋଇଥିଲା। ଦିଗପହଣ୍ଡି ଥାନା ଇଲାକାର ଏକ କଲେଜରେ ଯୁକ୍ତ ୨ରେ ପଢୁଥିବା ଛାତ୍ରୀ ଜଣକ ଏପ୍ରିଲ ୨୫ ତାରିଖ ଅପରାହ୍ନରେ ଗିଫ୍ଟ କିଣିବା ପାଇଁ ଗାଁ ନିକଟ ଏକ ବଜାରକୁ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ଝିଅକୁ ପୂର୍ବ ଯୋଜନା ପ୍ରକାରେ, ଅପହରଣ କରାଯାଇଛି ବୋଲି ବାପା ଏତଲାରେ ଉଲ୍ଲେଖ କରିଥିଲେ। ଅଟକ ଯୁବକ ଜଣକ ଛାତ୍ରୀଙ୍କୁ ତାମିଲନାଡୁ ନେଇ ଯାଇଥିଲେ । ରବିବାର ସକାଳେ ଟ୍ରେନ ଯୋଗେ ଉଭୟେ ଗ୍ରାମକୁ ଫେରୁଥିବା ଖବର ପାଇ ପୋଲିସ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ସେମାନଙ୍କୁ ଧରିଥିଲା। ସୋମବାର ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଏସ୍‌ଆଇ ମଧୁସ୍ମିତା ପ୍ରଧାନ କହିଛନ୍ତି।

### ପୁଇଁତୋଳା ନୃସିଂହ ମନ୍ଦିରର ବାର୍ଷିକୋତ୍ସବ

**ଗଞ୍ଜାମ,୩୦।୬(ଡି.ଏନ.ଏ.):** ଗଞ୍ଜାମ ଏନଏସି ପୁଇଁତୋଳା ଗ୍ରାମରେ ଥିବା ନୃସିଂହ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ଓ ସଂକୀର୍ତ୍ତନ କରାଯାଇ ନୃସିଂହ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଆଖପାଖ ଗ୍ରାମର ବହୁ ଭକ୍ତ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଏଥିପାଇଁ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଗ୍ରାମର ସୁଦର୍ଶନ ରାଉଳ, ଅଭି ତରାଇ, କାଶୀନାଥ ତରାଇ, ଚରଣ ସାହୁ, ସନ୍ନ୍ୟାସୀ ରାଉଳ, ସୁବାସ ତରାଇ, ନାରାୟଣ ତରାଇଙ୍କ ସମେତ ନୃସିଂହ ପୂଜକ ଗଣେଶ ରଥ ଦେବଶର୍ମା ଓ ରାଜେନ୍ଦ୍ର ରଥ ଦେବ ଶର୍ମା ସଂକୀର୍ତ୍ତନରେ ଉପସ୍ଥିତ ଥିଲେ ।

### ଜୋର୍‌ସୋର୍‌ରେ ଚାଲିଛି ବାଲିଗୁଡ଼ା ରଥ ନିର୍ମାଣ

**ବାଲିଗୁଡ଼ା,୩୦।୬(ଡି.ଏନ୍.ଏ.):** ବାଲିଗୁଡ଼ାରେ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ମନ୍ଦିର ନିକଟ ଜଗନ୍ନାଥ ମାର୍କେଟ ପରିସରରେ ଜୋର୍‌ସୋରରେ ଚାଲିଛି। ରଥଯାତ୍ରା ଆରମ୍ଭରୁ ଶେଷ ବାହୁଡ଼ା ଯାତ୍ରାକୁ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ପୂର୍ବରୁ ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକରେ ଆଲୋଚନା କରଯାଇ ବିଭିନ୍ନ ଟ୍ରଷ୍ଟର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟସ୍ଥ ମସିହାଖାଲ ଅଞ୍ଚଳରୁ କାରିଗର ଓ ବଢ଼େଇମାନେ ଆସି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ତିନୋଟି ରଥର ସାଜସଜ୍ଜା ରଙ୍ଗିନ କଲର କାର୍ଯ୍ୟରେ ବାଲିଗୁଡ଼ା ନୂଆସାହିର ଦକ୍ଷ କାରିଗରମାନେ କାରୁକାର୍ଯ୍ୟ ଆରମ୍ଭ କରି ସାରିଲେଣି ଏବଂ ଦୁଇ ତିନି ଦିନ ମଧ୍ୟରେ ଶେଷ ହେବ ବୋଲି ସେମାନେ କହିଛନ୍ତି।

### ଆଜିଠୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଛତ୍ରପୁର,୩୦।୬(ଡି.ଏନ.ଏ.)-** ଗଞ୍ଜାମ ଜିଲାରେ ପୁଣି ସୋମବାରରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ୨ମାସ ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ବନ୍ଦଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହେବ ବୋଲି ଜଣାପଡିଛି। ଜିଲା ଜରୁରୀକାଳୀନ ଅଧିକାରୀ ଦେବରାଜ ପାତ୍ରଙ୍କଠାରୁ ସୂଚନା ମିଳିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ଏହି ଅଭିଯୋଗ ଶୁଣାଣି ପୂର୍ବ ଭଳି ମାସକ ପ୍ରଥମ ସୋମବାର ଦିନ ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ କରାଯିବ। ଅଭିଯୋଗ ଶୁଣାଣିବେଳେ ଗଞ୍ଜାମ ଏସ୍‌ପି, ଛତ୍ରପୁର ଉପଜିଲାପାଳ ଏବଂ ବିଭିନ୍ନ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ। ମାସକର ଅନ୍ୟ ସୋମବାର ମାନଙ୍କରେ ପର୍ଯ୍ୟାୟ କ୍ରମେ ବ୍ରହ୍ମପୁର ଓ ଭଞ୍ଜନଗର ଏବଂ ଜିଲାପାଳଙ୍କ ନିଷ୍ପତି କ୍ରମେ ବିଭିନ୍ନ ବ୍ଲକ ମାନଙ୍କରେ ମଧରେ ସେ ଅଭିଯୋଗ ଶୁଣାଣି କରିବେ ବୋଲି ଜଣାପଡିଛି ।

## ମେଡିକାଲରେ ସିକ୍ୟୁରିଟି ଗାର୍ଡ କାମ କରୁନାହାନ୍ତି

# ଡାକ୍ତର-କର୍ମଚାରୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

**ଫୁଲବାଣୀ ଅଫିସ, ୩୦।୬**

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁତୟନ ହୋଇଥିବା ସିକ୍ୟୁରିଟି ଗାର୍ଡ ମନମୁଖି କାର୍ଯ୍ୟ କରୁଛନ୍ତି । ସେମାନେ କାହାରି କଥା ଶୁଣୁ ନାହାନ୍ତି । ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସାଧାରଣ ଲୋକଙ୍କ ସମେତ ଡାକ୍ତର, ମେଡିକାଲରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ କଥାକୁ ଏଡାଇ ଯାଉଛନ୍ତି। ସେମାନେ ଯେଉଁ କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି ତାହା ଆଦୌ କରୁନାହାନ୍ତି । ଅଧିକାଂଶ ସମୟ ମୋବାଇଲ ଫୋନରେ ବ୍ୟସ୍ତ ରହୁଛନ୍ତି । ଯାହାକୁନେଇ ଡାକ୍ତର, କର୍ମଚାରୀ, ରୋଗୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ି ଚାଲିଛି । ଅନ୍ୟପଟେ ଧାର୍ଯ୍ୟ ସମୟରେ ଯେତିକି ସିକ୍ୟୁରିଟି କାମ କରିବା କଥା ସେତିକି ରହୁ ନାହାନ୍ତି । ସିକ୍ୟୁରିଟି କାର୍ଯ୍ୟ ପାଇଁ ଟେଣ୍ଡର ନେଇଥିବା ସଂସ୍ଥା ମେଡିକାଲରେ ସମସ୍ତେ କାର୍ଯ୍ୟ କରୁଥିବା ଦର୍ଶାଇ ଟଙ୍କା ନେଇ ଚାଲିଛନ୍ତି ।

ମିଳିଥିବା ସୂଚନା ଅନୁସାରେ, ପ୍ରାୟ ୨ ବର୍ଷ ହେବ ଭାରତ ସିକ୍ୟୁରିଟି ନାମକ ଏକ ସଂସ୍ଥା ଟେଣ୍ଡର ନେଇଛି । ମେଡିକାଲରେ ସୁରକ୍ଷା ଯୋଗାଇ ଦେବାକୁ ସଂସ୍ଥା ଯେଉଁ ନିୟମାବଳୀରେ ରାଜି ହୋଇଥିଲା ତାହା କରୁନାହିଁ । ସମସ୍ତ ସିକ୍ୟୁରିଟି କୁଶଳୀ ହୋଇଥିବା ସଂସ୍ଥା ଦର୍ଶାଇ ମାସିକ ପ୍ରାୟ ସାଢ଼େ ୬ ଲକ୍ଷ ଟଙ୍କା ମେଡିକାଲରୁ ନେଉଛି । କିନ୍ତୁ ବାସ୍ତବ ଚିତ୍ର ଅଲଗା । ଅଧିକାଂଶ ସିକ୍ୟୁରିଟି ଗାର୍ଡ ଅଣକୁଶଳୀ। ସେମାନଙ୍କୁ ସଂସ୍ଥା ଟ୍ରେନିଂ ଦେଇନାହିଁ ବୋଲି ମେଡିକାଲର କେତେକ କର୍ମଚାରୀ ପ୍ରକାଶ କରିଛନ୍ତି । ଗତ କିଛି ଦିନ ହେବ ମେଡିସନ ୱାର୍ଡରେ ଜଣେ ଟି.ବି ରୋଗୀ ଆଡମିଶନ ହୋଇଥିଲେ । ରାତିରେ ସିକ୍ୟୁରିଟି ଗାର୍ଡଙ୍କ ଅନୁପସ୍ଥିତିରେ ବାହାର ପିଲାମାନେ ସେଠାକୁ ଯାଇ ସମ୍ପୃକ୍ତ ରୋଗୀଙ୍କ ଝିଅଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ରୋଗୀଙ୍କୁ ଆଡମିଶନ କରିଥିବା ଡାକ୍ତର ଜଣକ ମେଡିକାଲ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ ମେଡିକାଲର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘଟଣାକୁ ଚପାଇ ରଖାଯିବା ସହ ସିକ୍ୟୁରିଟି ସଂସ୍ଥାକୁ ମଧ ଜଣାଯାଇଥିଲା। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଦ୍ୟାବଧି ସେହି ସିକ୍ୟୁରିଟି ଗାର୍ଡଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ସଂସ୍ଥା ଗ୍ରହଣ କରିନାହିଁ। ଜଣେ ମେଡିକାଲ କର୍ତ୍ତୃପକ୍ଷ ନିଜ ନାମ ଗୋପନ ରଖି କହିଛନ୍ତି, ସେମାନେ କାହା କଥା ଶୁଣୁ ନାହାନ୍ତି। କହିଲେ କାମ ବି କରୁ ନାହାନ୍ତି। ଆବଶ୍ୟକ ପଡିଲେ ଏଣୁତେଣୁ କଥା କହୁଛନ୍ତି । ସେହିପରି କେତେ ସିକ୍ୟୁରିଟି ଗାର୍ଡ କାମରେ ନିୟୋଜିତ ରହୁଛନ୍ତି, ତାର ତଦାରଖ ଠିକ୍ ଭାବେ କରାଯାଉ ନାହିଁ। ସିକ୍ୟୁରିଟିଙ୍କ ପାଖରେ ଉପସ୍ଥାନ ଖାତା ରହୁଛି । ସେମାନେ ସବୁ ବେଳେ ସମସ୍ତେ ଉପସ୍ଥିତ ଥିବା ଦର୍ଶାଉଛନ୍ତି । ଉପସ୍ଥାନ ଖାତାକୁ ଜଣେ ଅଧିକାରୀ ଯାଞ୍ଚ କରିବା କଥା । ମାତ୍ର ସଂସ୍ଥା କର୍ମଚାରୀ ଆଉଟଡୋରରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ପାଖରୁ ସେଥିରେ ଦସ୍ତଖତ କରାଇ ନେଉଛନ୍ତି । ଯାହା ଆଦୌ ହେବା କଥା ନୁହଁ। ଡାକ୍ତର ରୋଗୀ ଦେଖିବେ ନା, ସିକ୍ୟୁରିଟି ସଂସ୍ଥା ଉପସ୍ଥାନ ଖାତାରେ ଦସ୍ତଖତ କରିବେ ବୋଲି ଅନ୍ୟ କେତେକ କର୍ମଚାରୀ କହିଛନ୍ତି। ଏ ନେଇ ଏଡିଏମ୍‌ଓ ମେଡିକାଲ ମନୋରଞ୍ଜନ ରାଉତଙ୍କୁ ପଚାରିବାରୁ ମେଡିକାଲ ପରିସର ବଡ ହୋଇଥିବାରୁ ସବୁ ବେଳେ ସିକ୍ୟୁରିଟିଙ୍କୁ ଗଣିବା ସମ୍ଭବ ହେଉନାହିଁ। ସତକଥା ହେଉଛି ସେମାନେ ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି । ସେମାନଙ୍କ ପାଇଁ କାର୍ଯ୍ୟ ପନ୍ଥା ନିରୂପଣ କରାଯିବ। ଯେଉଁମାନେ କାମ କରୁ ନାହାନ୍ତି, ସେମାନଙ୍କୁ ଦୂରେଇ ଦିଆଯିବ । ମେଡିକାଲ ମ୍ୟାନେଜର ବି ଆମ ପାଖରେ କିଛି ସିକ୍ୟୁରିଟିଙ୍କ ନାମରେ ଅଭିଯୋଗ କରିଛନ୍ତି । ଏବେ ରାଜ୍ୟସ୍ତରରେ ନୂଆ ଟେଣ୍ଡର ହୋଇଛି। କିଏ ପାଇଛି ମୁଁ ଏବେ ଠିକ୍ ଭାବେ କହିପାରୁନାହିଁ । କିନ୍ତୁ ନୂଆ ଟେଣ୍ଡର ହେଲା ପରେ ଏବଂ ଯେଉଁ ସଂସ୍ଥା ପାଇବ, ଆମେ ତାହା ଉପରେ ନଜର ରଖିବୁ ବୋଲି କହିଛନ୍ତି । ସେହିପରି ସିକ୍ୟୁରିଟି ସଂସ୍ଥା ସୁପରଭାଇଜର ଉଦୟନାଥ ମିଶ୍ରଙ୍କୁ ପଚାରିବାରୁ କଥାକୁ ଏଡାଇଯିବାକୁ ଚେଷ୍ଟା କରିବା ସହ ଆମର ପିଲା ଅଭାବ ଅଛନ୍ତି ବୋଲି କହିଛନ୍ତି । ଏଥିସହ ଯେଉଁମାନଙ୍କ ନାମରେ ଅଭିଯୋଗ ଆସିଛି ଆମେ ତାହା ଉପରେ ତଦାରଖ କରୁଥିବା ପ୍ରକାଶ କରିଛନ୍ତି ।

## ବିଡିଏକୁ ନେଇ ବିଲ୍ଡରଙ୍କ ଅସନ୍ତୋଷ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ବ୍ରହ୍ମପୁର ଅଫିସ,୩୦।୬**

ବ୍ରହ୍ମପୁର ବିଲ୍‌ଡର ସଂଘର ୨୨ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରିଅଲ୍ ଇଷ୍ଟେଟ୍ ଡେଭଲପର୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ(କ୍ରେଡାଇ)ର କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, କ୍ରେଡ଼ାଇ ଓଡ଼ିଶା ଅଧ୍ୟକ୍ଷ ଡିଏସ୍ ତ୍ରିପାଠୀ, ସଭାପତି ଇଂ ସ୍ୱଦେଶ ରାଉତରାୟ, ବ୍ରହ୍ମପୁର ବିଲ୍ଡର ସଂଘ ସଭାପତି ଇଂ. ଉମାଶଙ୍କର ପାଣିଗ୍ରାହୀ, ଉପସଭାପତି ଲଳିତ ମୋହନ ମଙ୍ଗରାଜ ଓ ସମ୍ପାଦକ ଇଂ ପ୍ରସନ୍ନ କୁମାର ପାଢୀ ମଞ୍ଚାସୀନ ଥିଲେ । କୋଠା ନିର୍ମାଣ ବେଳେ ବିଡ଼ିଏର ଅନୁମତି ମିଳିବାରେ ବିଳମ୍ବ ହେଉଥିବା ଯୋଗୁ ଅସନ୍ତୋଷ ଦେଖା ଦେଇଥିଲା। ସେହିଭଳି ଜମି ପଞ୍ଜୀକରଣରେ ସମସ୍ୟା, ଗୋଟିଏ ପ୍ଲଟ୍‌ର କେତେକ ଅଂଶ ବିକିବାରେ ସମସ୍ୟା, ପଟା ମ୍ୟୁଟେଶନ୍‌ରେ ବିଳମ୍ବ, ଗଞ୍ଜାମ ଜିଲାରେ ବେଞ୍ଚ ମାର୍କରେ ସର୍ବାଧିକ ଟିକସ ଆଦାୟ, ଅଧିକ ଲେବର୍ ସେସ୍, ବିଡ଼ିଏରେ ପ୍ରତି ୩ ମାସରେ ବିଲ୍ଡିଂ ଅନୁମୋଦନ ବୈଠକ ନ ହେବା, ବିଡ଼ିଏରେ ଉପାଧ୍ୟକ୍ଷ ଏବଂ ପ୍ଲାନିଂ ମେମ୍ବର ନ ରହିବା ପ୍ରମୁଖ ସମସ୍ୟା ସମ୍ପର୍କରେ ଏମ୍‌ପି ଏବଂ ବିଧାୟକଙ୍କୁ ଅବଗତ କରାଯାଇଥିଲା । ସର୍ବକ୍ଷମା ଯୋଜନାରେ ବିଲ୍‌ଡର୍‌ଙ୍କୁ ଅଧିକ ଜରିମାନା ଦେବାକୁ ପଡୁଛି। ଜରିମାନାରେ କୋହଳ କରିବାକୁ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ବିରଜା ପ୍ରସାଦ ପାତ୍ର, ତାପସ କୁମାର ପାଣିଗ୍ରାହୀ, ବନମାଳୀ ସେଠୀ, ସନ୍ତୋଷ କୁମାର ପଟ୍ଟନାୟକ, କିରଣ କୁମାର ପାଣିଗ୍ରାହୀ, ଭାଗୀରଥି ମହାରଣା, ଶ୍ରୀନିବାସ ରାଓ, କେ.ସି.ଏଚ୍ ସାହାଣୀ, ସନାତନ ଜେନା, ଶୈଳେନ୍ଦ୍ର କୁମାର ସାହୁ, ଗୋପୀନାଥ ମହାରଣା ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ରାଜପୁର ଚାମ୍ପିୟନ


ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ ।

**ଦିଗପହଣ୍ଡି,୩୦।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୁଶପଡା ପଞ୍ଚାୟତ କେଦାରପୁର ଗ୍ରାମ ଗୌରୀଶଙ୍କର ଖେଳ ପଡିଆରେ ଚାଲିଥିବା ଦଣ୍ଡପାଣି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମଣ୍ଡିହ ଗ୍ରାମ କ୍ରିକେଟ ଟିମ୍‌କୁ ହରାଇ ରାଜପୁର ଗ୍ରାମ କ୍ରିକେଟ ଟିମ ଚାମ୍ପିୟନ ହୋଇଥବା ଜଣାପଡିଛି। ଗୌରୀଶଙ୍କର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ.ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସରପଞ୍ଚ ପ୍ରତିନିଧି ଏସ୍.ଗାନ୍ଧୀ ଦୋରା ଓ କେଦାରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ପଟ୍ଟନାୟକ, ବି.ବାଲାଜୀ ରେଡ୍ଡୀ, ଜି.ସନ୍ତୋଷ ଦୋରା, ଅର୍ଜୁନ ରଣା, କେ.ଦୁଃଖୀ, ଶିବରାମ ନାୟକ, ଭଜରାମ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଦିଗପହଣ୍ଡି ବ୍ଲକର ମଣ୍ଡିହ ଗ୍ରାମ କ୍ରିକେଟ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା। ପ୍ରତିବଦଳରେ ବିପକ୍ଷ ରାଜପୁର ଗ୍ରାମ କ୍ରିକେଟ ଟିମ୍ ୧୧.୪ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୮୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜେତା ଓ ଉପ ବିଜେତା ଟିମ୍‌କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପି.ଏଙ୍କିଟି ଦୋରା ଓ ଆଲୋକ ରଣା ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ରିଙ୍କୁ ସେଠୀ ଓ ମୁନା ରଣା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଗଣେଶ ମହାରଣା, ସମ୍ପାଦକ ଆଲୋକ ରଣା, ସଦସ୍ୟ ପାଣ୍ଡା ଗୌଡ, ଚନ୍ଦନ ଦୋରା, ନିରଞ୍ଜନ ରଣା, ବିଚିତ୍ର ସେଠୀ, ଜି. ସୀମା ଦୋରା, ଟୁକୁନା ରଣା, ଅନନ୍ତ ସେଠୀ, ଅମୂଲ୍ୟ ମହାରଣା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

### ସାପ କାମୁଡାରେ ଶିଶୁ ଆହତ

**ଛତ୍ରପୁର,୩୦।୬(ଡି.ଏନ.ଏ):** ସାପ କାମୁଡାରେ ଜଣେ ଶିଶୁ ରବିବାର ଗୁରୁତର ଆହତ ହୋଇଛି । ସେହେଲେ ଛତ୍ରପୁର ବ୍ଲକ ତେଲାପଲ୍ଲୀ ଗାଁର ତନ୍ମୟ ପାତ୍ରଙ୍କ ୮ ବର୍ଷର ପୁଅ ଘନଶ୍ୟାମ । ସେ ପୋଖରୀରେ ଗାଧୋଇ ବିଲ ରାସ୍ତାରେ ଫେରୁଥିବା ବେଳେ ଏକ ସାପ ତାକୁ କାମୁଡିଥିଲା। ଆହତ ଘନଶ୍ୟାମକୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ଅଭିଭାବକ, ଶିକ୍ଷକ ସଂଘ ସମ୍ମିଳନୀ

**ଗୋପାଳପୁର,୩୦।୬**

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଚଟିସ୍ଥିତ ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ-ଶିକ୍ଷକ ସଂଘ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡ. ସୀମାଞ୍ଚଳ ନାହାକଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଶତପଥୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଦିଗରେ ଅଭିଭାବକମାନଙ୍କ ଗୁରୁ ଦାୟିତ୍ୱ ଓ ସେମାନଙ୍କୁ ସ୍କୁଲକୁ ନିୟମିତ ପଠାଇ ଶତ ପ୍ରତିଶତ ଉପସ୍ଥାନ ବାବଦରେ ପଦକ୍ଷେପ ନେବାକୁ ଅତିଥିମାନେ କହିଥିଲେ। ଲଳିତ କୁମାର ନାୟକ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକ ସରୋଜ କୁମାର ମହାନ୍ତି, ସଞ୍ଜୁକ୍ତା ବେହେରା, ସୌଦାମିନି ପାଢ଼ୀ, ସୁଜାତା ପଟ୍ଟନାୟକ, ଚନ୍ଦ୍ରମା ବେହେରା, ନିଶିଥ୍ କୁମାର ପ୍ରଧାନ, ଧର୍ମେନ୍ଦ୍ର କୁମାର ପାଢ଼ୀ, କାର୍ତ୍ତିକେଶ୍ୱର ସାହୁ, ଦିଲ୍ଲୀପ କୁମାର ପାଢ଼ୀ ଓ ଡି ଭାଗିରଥୀ ସହଯୋଗ କରିଥିଲେ।

## ଜି.ଉଦୟଗିରିରେ ବାଇପାସ୍ ରାସ୍ତା ନିର୍ମାଣ ଦାବି

**ଜି.ଉଦୟଗିରି,୩୦।୬(ଡି.ଏନ.ଏ.)**

ଜି.ଉଦୟଗିରି ସହର ଦେଇ ଯାଇଥିବା ପୂର୍ତ୍ତ ବିଭାଗର ରାଜ୍ୟ ରାଜପଥ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକ ଦିନ ଟ୍ରାଫିକ ଜାମ ହେଉଛି। ଫଳରେ ରାସ୍ତା ଭିଡ଼ ଯୋଗୁ ସବୁଦିନ ସହରରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ବ୍ରହ୍ମପୁର, ଭବାନୀପାଟଣା, ରାୟପୁର, କୋରାପୁଟ, କଟକ, ଭୁବନେଶ୍ୱର ଅଭିମୁଖେ ଶତାଧିକ ଯାନବାହନ ଚଳାଚଳ କରୁଛି। ତେଣୁ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ ଅତୀତରେ ଦାବି ହୋଇଥିଲା। କିନ୍ତୁ ଲୋକଙ୍କ ପଚ୍ଚା ଥିବା ଘର ରାସ୍ତା ପାର୍ଶ୍ୱରେ ଥିବା ଦର୍ଶାଇ ଓ ଏହା ବ୍ୟୟସାପେକ୍ଷ କହି ତତ୍‌କାଳୀନ ଯନ୍ତ୍ରୀ ରାସ୍ତା ପ୍ରଶସ୍ତୀକରଣ ନ କରି କେବଳ ସେହି ରାସ୍ତାକୁ ପିଚୁ ପକାଇ ତିଆରି କରିଥିଲେ। ସେହି ସମୟରେ ଜନସାଧାରଣଙ୍କ ରାସ୍ତା ପ୍ରଶସ୍ତିକରଣ ନଚେତ୍ ବାଇପାସ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ରାସ୍ତା ପ୍ରଶସ୍ତୀକରଣ କିମ୍ବା ବାଇପାସ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ସହରରେ ଟ୍ରାଫିକ ଜାମକୁ ଦୃଷ୍ଟିରେ ରଖି ଶୀଘ୍ର ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଜି.ଉଦୟଗିରି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜନ କୁମାର ରାୟଙ୍କୁ ପଚାରିବାରୁ ବର୍ତ୍ତମାନ ରାସ୍ତା ତିଆରି କାମ ସରିଛି। ତେଣୁ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ କିଛି ପ୍ରସ୍ତାବ ନାହିଁ । ବାଇପାସ ରାସ୍ତା ପାଇଁ ପ୍ରସ୍ତାବ ଯାଇଛି ବୋଲି ଜନସାଧାରଣ କହୁଥିଲେ ମଧ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ। ତେଣୁ ସରକାର ଓ ଜିଲା ପ୍ରଶାସନ ଶୀଘ୍ର ଜି.ଉଦୟଗିରିରେ ଏକ ବାଇପାସ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।



ଜି.ଉଦୟଗିରି ମୁଖ୍ୟ ରାସ୍ତା ଓସାରିଆ ଥିବାରୁ ଜାମ୍ ହେଉଛି ।

## ବଦଳିବେ ଡିଇଓ, ବିଇଓ ଅଫିସ କିରାଣି

**ଛତ୍ରପୁର,୩୦।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଓ ୨୨ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିମାନେ ବଦଳିବେ । ସେଥିମଧ୍ୟରେ ମୁଖ୍ୟ କିରାଣି, ସିନିୟର କିରାଣି ଓ କନିଷ୍ଠ କିରାଣି ରହଛନ୍ତି। ଯେଉଁ କିରାଣିମାନେ ଉକ୍ତ ଅଫିସରେ ୬ ବର୍ଷ ତଥା ଏହାଠାରୁ ଊର୍ଦ୍ଧ୍ୱ ବର୍ଷ ଧରି କାର୍ଯ୍ୟ କଲେଣି ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବ । ଏହାର ଏକ ତାଲିକା ପ୍ରସ୍ତୁତ କରିପଠାଇବାକୁ ରଜ୍ୟ ସେକେଣ୍ଡାରୀ ଏଜୁକେଶନ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ନିର୍ଦ୍ଦେଶକଙ୍କ ପକ୍ଷରୁ ଗତ ୨୭ ତାରିଖରେ ଏକ ଚିଠି (ନଂ-୨୪୩୭୬) ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଆସିଛି। ଏହି ତାଲିକା ପାଇବା ପରେ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ଉକ୍ତ ଚିଠିରୁ ଜଣାପଡିଛି। ଏଥିସହ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକ ମୁଖ୍ୟ, ବରିଷ୍ଠ ଓ କନିଷ୍ଠ କିରାଣି ମାନଙ୍କ ବିରୋଧରେ ଅଭିଯୋଗ ମଧ ଅଛି । ଏ ସମ୍ପର୍କରେ ଉକ୍ତ ଅଭିଯୋଗ ଗୁଡିକ ନିର୍ଦ୍ଦେଶାଳୟ ନିକଟରେ ପହଂଚିଛି । ଏଣୁ ଏଗୁଡିକର ଯାଞ୍ଚ କରିବା ପରେ ଯଦି ଏହା ସତ୍ୟ ପ୍ରମାଣିତ ହୁଏ ଉକ୍ତ କିରାଣିମାନଙ୍କୁ ବଦଳି ପାଇଁ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶକ ଉକ୍ତ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ୧୦ ଦିନ ମଧ୍ୟରେ ଏହି ମୁଖ୍ୟ, ବରିଷ୍ଠ ଓ କନିଷ୍ଠ କିରାଣିଙ୍କ ବଦଳି ପାଇଁ ପ୍ରସ୍ତାବ ପଠାଇବାକୁ କୁହାଯାଇଛି ।

## ଏନ୍‌ଏସିରେ ଆଲୋକ ସେବା ବିପର୍ଯ୍ୟସ୍ତ

**ବୁଗୁଡ଼ା,୩୦।୬(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସିର ୧୩ଟି ୱାର୍ଡରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ଠିକାଦାରଙ୍କ ଦ୍ୱାରା ରାତିରେ ଆଲୁଅ ଯୋଗାଇବା ପାଇଁ ଆଲୋକୀକରଣ କରାଯାଇଛି। ତେବେ କୌଣସି କାରଣରୁ କେତେକ ୱାର୍ଡରେ ଆଲୋକସେବା ବାଧାପ୍ରାପ୍ତ ହେବାରୁ ଲୋକେ ରାତିରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଲ ଆଲୁଅ ପାଇଁ କୌଣସି ଏକ ଠିକାଦାର ଲିଜ୍ ନେଇ ଏନ୍‌ଏସିର ପ୍ରତ୍ୟେକ ସାହିର ବିଦ୍ୟୁତ୍ ଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ଲଗାଇଥିଲେ। କିନ୍ତୁ ବର୍ତ୍ତମାନ ଏନ୍‌ଏସିର ଅଧିକାଂଶ ସାହି ବିଶେଷତଃ ବଡ଼ଦାଣ୍ଡ ସାହିରେ ବହୁଦିନ ହେଲା ଲାଇଟଗୁଡ଼ିକ ଆଉ ଜଳୁନାହିଁ। ଫଳରେ ଲୋକେ ଆଲୋକ ସେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବୁଗୁଡ଼ା ଏନ୍‌ଏସିରେ ଲୋକେ ଅଭିଯୋଗ କଲେ ମଧ ଏହାର କୌଣସି ପ୍ରତିକାର ହୋଇପାରୁନାହିଁ । ତେବେ ଆଲୋକ ସେବା ଯୋଗାଣ ପ୍ରତି ଏଠାରେ ଧ୍ୟାନ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ କଲେ ମଧ ଠିକାଦାରଙ୍କ ଦେଖା ନାହିଁ। ଆଗକୁ ରଥଯାତ୍ରା ଯୋଗୁ ବଡ଼ଦାଣ୍ଡ ସାହିରେ ଜଳୁନଥିବା ଲାଇଟଗୁଡ଼ିକ ସଜାଡ଼ିବାରେ ଆବଶ୍ୟକତା ଅଛି। ତେଣୁ ତୁରନ୍ତ ଏହାର ପ୍ରତିକାର କରାଯିବା ପାଇଁ ଦାବି ହେଉଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରୁ ଏ ବିଷୟରେ ଆମେ ଠିକାଦାରଙ୍କ ନିକଟକୁ ଚିଠି କରିଛୁ। ଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଛନ୍ତି।

## ଅନ୍‌ସ୍ଲୋରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ

**ଛତ୍ରପୁର,୩୦।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଚଳିତ ବର୍ଷ ଖୋଲିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲରେ ଖୋଲିବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ପାଇଁ କୋଠା ଓ ନୂତନ କୋଠା ନିର୍ମାଣ ପାଇଁ ଜମି ହସ୍ତାନ୍ତର ବିଳମ୍ବ ଯୋଗୁ ଏହା ଖୋଲିବାରେ ଅହେତୁକ ବିଳମ୍ବ ହୋଇଥିବା ଜଣାପଡିଛି । ଅପରପକ୍ଷରେ ଅନସ୍ଲୋ ସରକାରୀ ହାଇସ୍କୁଲରେ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ ଭାବେ ଚାଲିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି । ଶନିବାର ଏ ସମ୍ପର୍କରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ପ୍ରଦୀପ କୁମାର ବେହେରାଙ୍କଠାରୁ ଗଞ୍ଜାମ ଜିଲାପାଳ, ଶିକ୍ଷା ଅଧିକାରୀ ଓ ଅନସ୍ଲୋ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚିଠି (ନଂ-୧୩୪୫୨) ଆସିଛି। ଫଳରେ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ପାଇଁ ଅନସ୍ଲୋ କୋଠା ହସ୍ତାନ୍ତର ହେବ ବୋଲି ଜଣାପଡିଛି। କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବ । ପ୍ରକାଶଯେ, ଅସ୍ଥାୟୀ କ୍ୟାମ୍ପସ ପାଇଁ କୋଠା ଓ ଆର୍ଯ୍ୟପଲ୍ଲୀ ନିକଟରେ ପୂର୍ବରୁ ଚିହ୍ନଟ ଜମି ହସ୍ତାନ୍ତର ପରେ ହିଁ କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁରରେ ଖୋଲିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଚିଠି ଆସିଥିଲା। ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷଙ୍କ ପକ୍ଷରୁ ଏହି ଚିଠି ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ପାଇଁ ଛତ୍ରପୁର ଅନସ୍ଲୋ ହାଇସ୍କୁଲର ଏକ କୋଠା ଦେଲେ କୌଣସି ଅସୁବିଧା ହେବନି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରି ପ୍ରଧାନ ଶିକ୍ଷକ ଜଣାଇଥିଲେ। ଏହାପରେ ଜିଲାପାଳଙ୍କ ସୁପାରିଶ ଓ ଅନସ୍ଲୋ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଚିଠିକୁ ଆଧାର କରି ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ପକ୍ଷରୁ ୧ ତାରିଖରେ ଏଥିପାଇଁ ଅନୁମତି ଦେବା ପାଇଁ ସେକେଣ୍ଡାରୀ ଏଜୁକେସନ ନିର୍ଦ୍ଦେଶକଙ୍କୁ ଚିଠି କରିଥିଲେ। ଏହାପରେ ସେକେଣ୍ଡାରୀ ଏଜୁକେସନ ଡେପୁଟି ଡାଇରେକ୍ଟରଙ୍କ ପକ୍ଷରୁ ୧୨ ତାରିଖରେ ଏଥିପାଇଁ ଅନୁମତି ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କୁ ଚିଠି କରାଯାଇଥିଲା । ଏହାପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ଅନୁମତି ଦିଆଯାଇଛି। ଏଥିସହ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ ଆର୍ଯ୍ୟପଲ୍ଲୀ ନିକଟରେ ୧୦ ଏକର ଜମି ପ୍ରଶାସନ ପକ୍ଷରୁ ଦେବାକୁ ନିଷ୍ପତ୍ତି ହୋଇସାରିଛି। ଏହାକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ଚଳିତବର୍ଷ କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲା। ଏହାପରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମଧ ଏହାକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ।

**ରାଜ୍ୟ ସରକାର ଦେଲେ ଅନୁମତି**

## ସଂକ୍ଷେପରେ

### ଆଦିବାସୀ ମହାବିଦ୍ୟାଳୟରେ ଖୋଲିଲା ଯୁକ୍ତ ୩ ବିଜ୍ଞାନ

**ବାଲିଗୁଡା,୨୯।୬-** ବାଲିଗୁଡା ଆଦିବାସୀ ମହାବିଦ୍ୟାଳରେ ଖୋଲିଲା ଯୁକ୍ତତିନି ବିଜ୍ଞାନ। କଲେଜ ପ୍ରଶାସନ,ଉଚ୍ଚଶିକ୍ଷା ବିଭାଗ ଓ ଆଦିବାସୀ ମହାବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତ ଶିକ୍ଷାବର୍ଷ ଠାରୁ ଯୁକ୍ତତିନି ବିଜ୍ଞାନ ଆରମ୍ଭ ହୋଇଛି । ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ସଂଖ୍ୟା ୧୧୬୪ ତା ୨୭/୫/୨୦୧୯ ଆନୁସାରେ ୮୦ଟି ସିଟରେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲାଯାଇଛି। ଦୀର୍ଘ ଦିନର ଦାବୀ ପରେ ଯୁକ୍ତ ତିନି ବିଜ୍ଞାନ ଖୋଲାଯିବାରୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଅଧକ୍ଷ, କର୍ମଚାରୀ ପ୍ରମୁଖ ଆଞ୍ଚଳିକ ଉଚ୍ଚ ନିର୍ଦ୍ଧଶକଙ୍କ ସହ ଉଚ୍ଚ ଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି । ମହାବିଦ୍ୟାଳୟରେ ଯୁକ୍ତତିନି ବିଜ୍ଞାନ ନ ଥିବାରୁ ଛାତ୍ରଛାତ୍ରୀ ମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ଯୁକ୍ତତିନି ବିଜ୍ଞାନ ଖୋଲିବା ପାଇଁ ଅନୁମତି ପତ୍ର ଆସିବା ପରେ ବାଲିଗୁଡା ଉପଖଣ୍ଡରେ ଖୁସି ଦେଖାଦେଇଛି।

### ଆଜିଠୁ ଜନଶୁଣାଣି ଶିବିର

ବାରିପଦା ଅଫିସ,୩୦।୬-ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ସରକାର ସମସ୍ତ ଜିଲାରେ ଜନ ଶୁଣାଣି ଶିବିର ବନ୍ଦ କରିଥିଲେ। ହେଲେ ବର୍ଷାଦିନ ଆସି ଯାଇଥିବାରୁ ଏହା ପୁନର୍ବାର ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜୁଲାଇ ମାସ ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ଜନଶୁଣାଣି ଶିବିରର ପ୍ରଥମ ସୋମବାର ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ସୋମବାର ୮ ତାରିଖରେ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ତୃତୀୟ ସୋମବାର ୧୫ ତାରିଖରେ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ, ୨୨ତାରିଖ ଚତୁର୍ଥ ସୋମବାର ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ, ୨୯ତାରିଖ ତଥା ଶେଷ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ସମ୍ପୃକ୍ତ ଉପଖଣ୍ଡର ଉପଜିଲାପାଳ, ବିଡ଼ିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନଶୁଣାଣି ଶିବିରରେ ଜନସାଧାରଣ ସେମାନଙ୍କର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଲିଖିତ କିମ୍ବା ମୌଖିକ ଭାବେ ଅଭିଯୋଗ କରିପାରିବେ।

### କାଳବୈଶାଖୀରେ ବ୍ୟାପକ କ୍ଷତି



ଝଡତୋଫାନରେ କୁସୁମବନ୍ଧ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ଆଜବେଷ୍ଟସ ଭାଙ୍ଗିଯାଇଛି।

ବାଙ୍ଗିରିପୋଷି,୩୦।୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷତି ଘଟିଛି । ବିଭିନ୍ନ ସ୍ଥାନରେ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡିବା ସହ ଚାଳ ଛପର ଘର ମଧ କ୍ଷତିଗ୍ରସ୍ତ ହୋଇଛି । ଝଡତୋଫାନରେ ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ କୁସୁମବନ୍ଧ ସରକାରୀ ମଧ ଇଂରାଜୀ ବିଦ୍ୟାଳୟର ଅଧିକାଂଶ ଆଜବେଷ୍ଟସ ଭାଙ୍ଗି ଚୁରମାର ହୋଇ ଯାଇଛି । ଫଳରେ ଶ୍ରେଣୀ ଗଅହରେ ଥିବା ବେଞ୍ଚ ଡେସ୍କ ଗୁଡିକ କ୍ଷତିଗ୍ରସ୍ତ ହେବା ସହ ପାଣି ଜମି ରହିଛି । ଏହି ବିଦ୍ୟାଳୟରେ ବର୍ତ୍ତମାନ ପାଠ ପଢିବା ଅସମ୍ଭବ ହୋଇ ପଡିଛି । ଏଥିନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ଥାନୀୟ ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରିଥିବା ଜଣାପଡିଛି।

# ରଥଯାତ୍ରା ପାଇଁ ସୁରକ୍ଷା କଡ଼ାକଡ଼ି

ବାରିପଦା ଅଫିସ,୩୦।୬



ପୋଲିସ ଅଧିକାରୀମାନଙ୍କ ସହିତ ଜିଲା ଆରକ୍ଷୀ ଅଧୀକ୍ଷକ ଆଲୋଚନା କରୁଛନ୍ତି।

- **ବଡଦାଣ୍ଡକୁ ନିରୀକ୍ଷଣ କରିବ ଡ୍ରୋନ୍ କ୍ୟାମେରା**
- **ସ୍ଥିତି ଅନୁଧାନ କଲେ ଆରକ୍ଷୀ ଅଧୀକ୍ଷକ**

ମୟୂରଭଞ୍ଜ ଜିଲା ବାରିପଦା ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ବିଶ୍ୱପ୍ରସିଦ୍ଧ ପୁରୀ ରଥ ଯାତ୍ରାର ଦିନକ ପରେ ଏଠାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ଆସନ୍ତା ୪ ତାରିଖରେ ଠାକୁରମାନେ ପହଣ୍ଡି ସହ ରଥାରୂଢ଼ ହେବା ପରେ ୫ ଓ ୬ ତାରିଖ ଦୁଇ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହେବ। ସେହିପରି ୧୨ ତାରିଖରେ ଠାକୁରମାନେ ବାହୁଡା ପହଣ୍ଡିରେ ରଥାରୂଢ଼ ହେବା ପରେ ୧୩ ଓ ୧୪ ତାରିଖ ୨ ଦିନ ଧରି ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବାରୁ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ସହିତ ରଥଯାତ୍ରାକୁ ସମାପନ କରିବା ପାଇଁ ଜିଲା ପୋଲିସ ବିଭାଗ ତତ୍ପରତା ଦେଖାଇଛି। ରବିବାର ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ରଥ ଦାଣ୍ଡ ପରିଦର୍ଶନରେ ଆସିଥିଲେ। ସେଠାରେ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଦେବୋତ୍ତର ବିଭାଗର ଅଧିକାରୀ, ଏଏସପି ଜୟରାମ ଶତପଥୀ, ବାରିପଦା ସଦର ଏସଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ, ଡିଏସପି(ଡିଆଇବି) ବାମଦେବ ସିଂ, ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ଆଲୋଚନା କରି ସ୍ଥିତି ଅନୁଧାନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରଥ ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ କରିବା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି। ରଥଯାତ୍ରାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ଏଡାଇବା ପାଇଁ ଏବର୍ଷ ଡ୍ରୋନ କ୍ୟାମେରା ବ୍ୟବହାର କରାଯିବ। ଜିଲା ପ୍ରଶାସନ ଏଥିପାଇଁ ସହଯୋଗ କରୁଛି। ଡ୍ରୋନ କ୍ୟାମେରା ଜରିଆରେ ରଥଯାତ୍ରା ତଥା ସମ୍ପୂର୍ଣ୍ଣ ବଡଦାଣ୍ଡକୁ ପୋଲିସ ଅଧିକାରୀମାନେ ନିରୀକ୍ଷଣ କରିବେ। ଏହା ବ୍ୟତୀତ ରଥଯାତ୍ରା ବେଳେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ରଥଟଣା ବେଳେ କର୍ଡନ ବ୍ୟବସ୍ଥା ଓ ଦେବୀ ସୁଭଦ୍ରାଙ୍କ ରଥରେ କେବଳ ମହିଳା ପୋଲିସ କର୍ମଚାରୀମାନେ ନିୟୋଜିତ ରହିବେ। ସେହିପରି ଗତ ବର୍ଷ ରଥଯାତ୍ରା ବେଳେ ବିଭିନ୍ନ ଅପରାଧ କାର୍ଯ୍ୟକଳାପ ହୋଇଥିଲା। ତେଣୁ ଚଳିତ ବର୍ଷ ଏହାକୁ ଏଡାଇବା ପାଇଁ ଜିଲାର ସମସ୍ତ ଥାନା ଅଞ୍ଚଳରେ ପୋଲିସ ଫୋର୍ସ ସଜାଗ ଅଛନ୍ତି। ଜିଲା ତଥା ସହର ମଧ୍ୟକୁ ପ୍ରବେଶ କରୁଥିବା ଯାନବାହନକୁ ଯାଞ୍ଚ କରାଯାଉଛି। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ଏସଡିପିଓମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଛନ୍ତି।

### ରଥକାମ ଶେଷ ପର୍ଯ୍ୟାୟରେ

ଶେରଗଡ,୩୦।୬(ଡି.ଏନ.ଏ.)

ରଥଯାତ୍ରା ପାଇଁ ଗତ ୨୭ରୁ ରଥକାର୍ଯ୍ୟ ଆରମ୍ଭ ହୋଇଛି । ରାମହରି ମହାରଣାଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ ମହାରଣାମାନେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନେତ୍ରୋତ୍ସବ ପୂର୍ବରୁ ରଥ କାମ ସରିବ ବୋଲି ରଥ କମିଟିର ସଭ୍ୟ ବି.ଚେଇନ ପାତ୍ର ଓ ସୀତାରାମ ପଟ୍ଟନାୟକ କହିଛନ୍ତି। ଚଳିତ ବର୍ଷ ରଥରେ ନୂଆଁ ଚକ ଲାଗିବାର ବ୍ୟବସ୍ଥା କରାଯାଇଛି। ରଥଯାତ୍ରର ଆଡପ ମନ୍ଦିର ରହଣି କାଳରେ ବ୍ୟାପକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେବ । ସେପଟେ ଜଗନ୍ନାଥ ମନ୍ଦିରରେ ରବିବାର ଠାକୁରଙ୍କ ବନକ ଲାଗି ସମାପ୍ତ ହୋଇଛି। ରଥଯାତ୍ରାକୁ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ କହିଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

ସୋରଡା,୩୦।୬(ଡି.ଏନ୍.ଏ.)

ସୋରଡାରୁ ବାଇକ ଯୋଗେ ଜାତୀୟ ରାଜପଥରେ ନୂଆଗଡ ଯାଉଥିବା ସେହି ଗ୍ରାମର ସୁଧାଂଶୁ ଦାଶ ନାରାୟଣପୁର ରାସ୍ତା ପାର୍ଶ୍ୱରେ ନଦୀରୁ ଫେରୁଥିବା ଶିବରାମ ନାୟକଙ୍କ ସହ ଧକ୍କା ହୋଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଦମକଳବାହିନୀ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତର ଖାନା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଶିକ୍ଷକ, ଅଭିଭାବକ ସମ୍ମିଳନୀ

ବୈଶିଙ୍ଗା,୩୦।୬

ବେତନଟୀ ବ୍ଲକ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ନାନା ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅଧୀନ ୨୪ଟି ପଞ୍ଚାୟତରେ ମୋଟ ୨୭୨ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥି ମଧ୍ୟରୁ ୨୩୯ କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୩୩ଟି କେନ୍ଦ୍ରର ଗୃହ ନିର୍ମାଣ ଲାଗି ଅନିଶ୍ଚିତତା ଲାଗି ରହିଛି। ଅନେକ ସ୍ଥାନରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଗୃହ ନିର୍ମାଣ ହୋଇପାରୁ ନାହିଁ। ବ୍ୟବସ୍ଥା ଅନୁଯାୟୀ ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ସ୍ଥାନୀୟ ତହସିଲଦାର ମିଳିତ ଭାବରେ ସଂପୃକ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ନିର୍ବିବାଦୀୟ ସରକାରୀ ସ୍ଥାନ ଚିହ୍ନଟ କରି ଗୃହ ନିର୍ମାଣ ଲାଗି ସରକାରଙ୍କୁ ସୁପାରିଶ କରିବା କଥା। ମାତ୍ର ବେତନଟୀ ତହସିଲଦାର ଗ୍ରାମବାସୀଙ୍କ ବିନା ସହମତିରେ ଜାଗା ଚିହ୍ନଟ କରି ଗୃହ ନିର୍ମାଣ ଲାଗି ସରକାରଙ୍କୁ ସୁପାରିଶ କରିଥିବାରୁ ବିବାଦ ଦେଖାଦେଇଛି। ଫଳରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଅନେକ ସ୍ଥାନରେ ଗୃହ ନିର୍ମାଣ ହୋଇପାରୁ ନାହିଁ। ପାଟଳୀପୁରା ପଞ୍ଚାୟତର କେଲାଣପୁରା, ଯୁଗଳ ପଞ୍ଚାୟତର ଭଦିପୁରା, ମୁକ୍ତାପୁର ପଞ୍ଚାୟତର ପାରୋଇ, ଅଁଳା ପଞ୍ଚାୟତର ଭାଦୁଶୋଳ, ସଠିଲୋ ପଞ୍ଚାୟତର ତୁଳସୀଚୌରା, ବୈଶିଙ୍ଗା ପଞ୍ଚାୟତର ବଙ୍ଗାଳିସାହି ଓ ଅଜାଡିହ ଆଦି ଗ୍ରାମରେ ସ୍ଥାନ ଚିହ୍ନଟ ହୋଇ ନ ପାରି କୋର୍ଟରେ ମାମଲା ବିଚାରାଧୀନ ରହିଛି।

ଏହିବ୍ଲକରେ ୨୦୩ଅଙ୍ଗନୱାଡିଓ ୬୯ ମିନି ଅଙ୍ଗନୱାଡିକୁ ମିଶାଇ ମୋଟ ୨୭୨ କେନ୍ଦ୍ରରେ ଗତ ଏପ୍ରିଲ ମାସ ଶେଷ ସୁଦ୍ଧା ୫୫୫୪ ଜଣ ୩ ରୁ ୬ ବର୍ଷ ବୟସ୍କ ପିଲାଙ୍କ ନାମ ପଞ୍ଜୀକରଣ କରାଯାଇଛି। ପ୍ରତ୍ୟକ ପିଲାଙ୍କ ଖାଦ୍ୟବାବଦରେ ୭ଟଙ୍କା ୭୦ ପଇସା ଖର୍ଚ୍ଚର ବ୍ୟବସ୍ଥା ରହିଛି। ବେତନଟୀ ବ୍ଲକରେ ପ୍ରତି ମାସରେ ଶିଶୁଙ୍କ ଶାରୀରିକ ଓ ଶୈକ୍ଷିକ ନିମନ୍ତେ ବିକାଶ ନିମନ୍ତେ ୧୧ ଲକ୍ଷ ଓ ବାର୍ଷିକ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରାଯାଇଥାଏ। ତେବେ ବାସ୍ତବ ସ୍ଥିତି ଅନୁଧାନ କଲେ ଶିଶୁମାନଙ୍କୁ ଅପପୁଷ୍ଟି ଓ ନିରକ୍ଷରତା ଭଳି ସମ୍ବେଦନଶୀଳ ସମସ୍ୟାରୁ ଉଦ୍ଧାର କରାଯାଇ ପାରି ନାହିଁ। ଗୃହ ନିର୍ମାଣ ହୋଇ ପାରୁ ନ ଥିବାରୁ କେତେକ ଅଙ୍ଗନୱାଡି କର୍ମୀଙ୍କ ଘର ବାରଣ୍ଡାରେ ଅସୁରକ୍ଷିତ ଭାବେ ପିଲାମାନେ ବସି ପଢୁଥିବା ଓ ଖାଉଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟ କେତେକ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ପିଲାମାନେ ଆଦୌ ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ନିୟମିତ ବ୍ୟବଧାନରେ ପିଲାଙ୍କ ଓଜନ ମାପିବା ନିମନ୍ତେ ବିଭାଗୀୟ ନିର୍ଦ୍ଦେଶ ରହିଥିଲେ ମଧ୍ୟ କେତେକ କେନ୍ଦ୍ରକୁ ଓଜନ ମାପିବା ଯନ୍ତ୍ର ଆଦୌ ଯୋଗାଇ ଦିଆଯାଇ ନାହିଁ। ଅଁଳା ପଞ୍ଚାୟତର ଭାଦୁଶୋଳ, କେନ୍ଦୁଆ ପଞ୍ଚାୟତର ପଦ୍ମପୁର, ଗଡଦେଉଳିଆ ପଞ୍ଚାୟତର କର୍ଣ୍ଣିପୁର ଏବଂ ବେତନଟୀର ଇନ୍ଦିରାନଗରଠାରେ ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ୍ୟ ଅଦ୍ୟାବଧି ସେଠାରେ କର୍ମୀ ନିଯୁକ୍ତି ହୋଇ ନାହାନ୍ତି। ଏ ସମ୍ପର୍କରେ ବେତନଟୀ ସିଡିପିଓଙ୍କୁ ପଚାରିବାରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷେତ୍ରରେ ଅନିୟମିତତା ହେଉଥିବା ସେ ଜାଣି ପାରୁଛନ୍ତି। କେତେକ ଅଙ୍ଗନୱାଡି କର୍ମୀଙ୍କୁ ସେ ନୋଟିସ ପଠାଇ ତାଗିଦ କରିଥିବା କହିଛନ୍ତି। ଓଜନ ମେଶିନ ଓ ଅଙ୍ଗନୱାଡି କେନ୍ଦ୍ର ବିଦ୍ୟୁତୀକରଣ କାର୍ଯ୍ୟ ଆଗାମୀ ଅଗଷ୍ଟ ମାସ ସୁଦ୍ଧା ନିଶ୍ଚିତ ସରିବ ବୋଲି ଜଣାଇଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ମାଡ଼ିଲାଣି ଲଟାବୁଦା

**ହାତୀଓଟ,୩୦।୬:** ପୋଲସରା ବ୍ଲକ ହାତୀଓଟ ଗ୍ରାମସ୍ଥିତ ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବା ଦେଖାଯାଉଛି। ଚତୁଃପାର୍ଶ୍ୱ ଲଟାବୁଦା ମାଡୁଥିବାରୁ ଏହା ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଲାଣି। ଅଧିକ ବର୍ଷା ହେଲେ ପିଲାଙ୍କୁ ସାପ ଭୟ ରହୁଛି। ବିଦ୍ୟାଳୟ କୋଠାକୁ ଲାଗି ଏକ ବରଗଛ ବଢିବାରେ ଲାଗିଥିଲେ ମଧ କାହାରି ଦୃଷ୍ଟି ପଡୁନି। ବିଦ୍ୟାଳୟର ପାଚେରି ନାହିଁ। ସାଇକେଲ୍ ଷ୍ଟାଣ୍ଡ ବି ନାହିଁ। ତେଣୁ ଛାତ୍ରୀଛାତ୍ରମାନେ ବାଧ ହୋଇ ବିଦ୍ୟାଳୟ ଗେଟ୍ ଠାରୁ କିଛି ଦୂରରେ ସାଇକେଲ ରଖୁଛନ୍ତି। ବିଦ୍ୟାଳୟ ପରିସରରେ ସିସିଟିଭି ନ ଥିବାରୁ ସାଇକେଲ ଚୋରି ହେବା ଆଶଙ୍କା ମଧ ରହୁଛି। ଶ୍ରେଣୀ ଗୃହ କେତୋଟି ଝରକାରେ ଉଇ ଲାଗିବା ଆରମ୍ଭ କଲାଣି। ବିଦ୍ୟାଳୟ ରାସ୍ତା ପାର୍ଶ୍ୱ ମଧ ଲଟାବୁଦା ମାଡି ରାସ୍ତାକୁ ଆସିଲାଣି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗଛଲତା କାଟି ତୁରନ୍ତ ବିଦ୍ୟାଳୟ ପରିବେଶ ସଫା ରଖିବାକୁ ଅଭିଭାବକଙ୍କ ମହଲରେ ଦାବି ହେଉଛି।



ବିଦ୍ୟାଳୟ କୋଠାକୁ ଲାଗି ରହିଥିବା ଗଛ।

# ସରୁନି ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ

କୁଆମରା,୩୦।୬ (ଡି.ଏନ.ଏ)

ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏହା ଲୋକଙ୍କ କାମରେ ଲାଗି ପାରୁ ନାହିଁ। ବିଭାଗୀୟ ଅବହେଳାରୁ କେଉଁଠି ପାଣି ଟାଙ୍କି ନିର୍ମାଣ ସରିଥିଲେ ମଧ ପାଣି ଯୋଗାଣ ହେଉ ନାହିଁ ତ ଆଉ କେଉଁଠି ପାଣି ଟାଙ୍କି ନିର୍ମାଣ ଅଧାପନ୍ତରିଆ ହୋଇ ପଡି ରହିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ପଞ୍ଚାୟତର ସିରାଥଳୀ ଗ୍ରାମରେ। ଗାଁ ପାଖ ସ୍କୁଲ ପଡ଼ିଆ ନିକଟରେ ୨ବର୍ଷ ହେବ ବିଭାଗ ତରଫରୁ ଏକ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ୫ ବର୍ଷ ପୂର୍ବରୁ ବୋରିଂ ଖୋଳା କାର୍ଯ୍ୟ ଶେଷ ହୋଇଛି। ମାତ୍ର ଗାଁକୁ ଅଦ୍ୟାବଧି ପାଇପ ଲାଇନ ବିଛା ହେବାର ନାଁ ଗନ୍ଧ ନାହିଁ। ବୋରିଂ କାମ ଆରମ୍ଭ ହେବା ବେଳେ ୨ ବର୍ଷ ମଧ୍ୟରେ କାର୍ଯ୍ୟ ସରିବ ଓ ଲୋକେ ଶୁଦ୍ଧ ପାନୀୟଜଳ ପାଇପାରିବେ ବୋଲି କୁହାଯାଇ ଥିଲେ ମଧ କାର୍ଯ୍ୟ ସରୁ ନାହିଁ। ମନ୍ଥର ଗତିରେ ଏହି କାମ ଚାଲିବା ସହ ଓଭର ହେଡ୍ ପାଣି ଟାଙ୍କି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଗ୍ରାମର ଅଜିତ କୁମାର ଦେହୁରୀ, ସୁଧୀର କୁମାର ବେହେରା, ଚନ୍ଦ୍ରମୋହନ ବାରିକ, କୈଳାସ ଚନ୍ଦ୍ର ମହାପାତ୍ର, ସଞ୍ଜୟ କୁମାର ମିଶ୍ର, ଅଶୋକ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି । ପାଣି ଯୋଗାଣ ହେଲେ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପରିବାର ଏହାଦ୍ୱାରା ଉପକୃତ ହେବେ। ଅନ୍ୟପକ୍ଷରେ ଗ୍ରାମରେ ଥିବା ୪ଟି ନଳକୂଅ ମଧ୍ୟରୁ ଦୁଇଟି ନଳକୂଅ ବ୍ୟବହାର ଅନୁପଯୋଗୀ ହୋଇଥିବା ଗ୍ରାମବାସୀ କହିଛନ୍ତି। ବିଭାଗୀୟ ଅବହେଳା ଓ ଅଣଦେଖା ସହ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ପାଣି ଟାଙ୍କି କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସିରାଥଳୀ ଗାଁ ସ୍କୁଲ ପଡ଼ିଆ ନିକଟରେ ନିର୍ମିତ ଓଭର ହେଡ୍ ପାଣି ଟାଙ୍କି।

# ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

କପ୍ତିପଦା,୩୦।୬(ଡି.ଏନ୍.ଏ)

**ଜନସାଧାରଣ, ଦୋକାନୀ ହୀନସ୍ତା**



କପ୍ତିପଦା ବଜାରରେ ଭାଙ୍ଗି ଯାଇଥିବା ଡ୍ରେନ।

କପ୍ତିପଦା ବଜାରରେ ଥିବା ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପ୍ରାୟ ୨୬ ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ଡ୍ରେନ୍ ଭାଙ୍ଗରୁଜି ନଷ୍ଟ ହୋଇଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ପୋତି ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଯେଉଁ ଅଞ୍ଚଳରେ ଡ୍ରେନ୍ କାମ ହୋଇଛି ତାହା ମରାମତି କିମ୍ବା ସଫା ମଧ କରାଯାଉନାହିଁ। ଡ୍ରେନ୍‌ରୁ ଡ୍ରେନ ସଂଯୋଗୀକରଣ ନ ଥିବାରୁ ଆବର୍ଜନା ପାଣି ନିଷ୍କାସନ ହୋଇ ପାରୁନାହିଁ। ଡ୍ରେନ୍‌ର ତଳଭାଗରେ ଥିବା ପକ୍କା ଢଳେଇ ନଷ୍ଟ ହୋଇ ମାଟିରେ ପୋତି ହୋଇଗଲାଣି । ଫଳରେ ସାମାନ୍ୟ ବର୍ଷାରେ ପାଣି ଉଚ୍ଛୁଳି ଲୋକଙ୍କ ଘର ଓ ଦୋକାନ ମଧ୍ୟରେ ପ୍ରବେଶ କରୁଛି । ଡ୍ରେନ୍‌ରେ ଅଳିଆ ଆବର୍ଜନା ଭାସି ଆସି ପରିବେଶକୁ ଦୁର୍ଗନ୍ଧମୟ କରୁଛି । ସାମାନ୍ୟ ବର୍ଷାରେ ବଜାର ମଧ୍ୟରେ ଥିବା ବୀରଭଦ୍ର ମହାନ୍ତି, ଯୋଗେନ୍ଦ୍ର ପରିଡା, ରମେଶ ପଟ୍ଟନାୟକ ଓ ଦିଲ୍ଲୀପ ବେହେରାଙ୍କ ଘରେ ପାଣି ପଶୁଥିବାବେଳେ ମନୋଜ ପଟ୍ଟନାୟକ, ମାନସ ପୁହାଣ ଓ ଗିରିଶ ରାଉଳଙ୍କ ଦୋକାନ ସମେତ ବହୁ ଦୋକାନରେ ପାଣି ପଶୁଛି । ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିବାରୁ ମଶା, ମାଛି, ପୋକ ଜନ୍ମ ନେବା ସହିତ ବର୍ଷା ଦିନରେ ସଂକ୍ରମଣ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣ ତଥା ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କପ୍ତିପଦା ବଜାରର ପୂର୍ବ ଓ ଦକ୍ଷିଣ ଦିଗକୁ ଯାଇଥିବା ଡ୍ରେନ୍‌ଟିକୁ କେତେକ ଦୋକାନୀ ନିଜ ସୁବିଧା ପାଇଁ ପୋତି ଦେଇଛନ୍ତି। ଫଳରେ ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଅନ୍ୟ ଦୋକାନୀମାନଙ୍କର ବହୁ କ୍ଷତି ହେଉଛି । ପୂର୍ବରୁ ବଜାରର ଉତ୍ତର ଦିଗକୁ ଅଦୌ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ଉପରୁ ଆସୁଥିବା ପାଣି ନିକଟସ୍ଥ ହାଇସ୍କୁଲ ପଡ଼ିଆ ମଧ୍ୟରେ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା। ଯାହାଫଳରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ପଡ଼ିଆଟି ନଷ୍ଟ ହୋଇଯିବାକୁ ବସିଥିଲା। ମାତ୍ର ଉକ୍ତ ପଡିଆଟିକୁ ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ପାଇଁ ମନୋନୀତ କରାଯାଇ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ହୋଇଥିଲେ ମଧ ଏଥିରେ କୌଣସି ସୁଧାର ଆସିନାହିଁ। ତ୍ରୁଟିପୂର୍ଣ୍ଣ ଅଟକଳ ଓ ଏଥିରେ ବ୍ୟାପକ ଅନିୟମିତତା କରାଯାଇଥିବାରୁ ଏହାର ଉଦ୍ଦେଶ୍ୟ ପୂରଣ ହୋଇ ପାରି ନ ଥିବା ଜଣାଯାଇଛି । ବର୍ଷା ଆରମ୍ଭ ହେଲେ ପଡ଼ିଆର ବିଭିନ୍ନ ସ୍ଥାନରେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସେହିପରି ବଜାର ସନ୍ନିକଟ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଧ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ଠିକ୍ ଭାବରେ ନିଷ୍କାସନ ହୋଇପାରୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀକୁ ଲାଗି ଥିବା ଏକ ସୁଲଭ ଶୌଚାଳୟର ପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ତାହା ବ୍ୟାପକ ସମସ୍ୟା ସୃଷ୍ଟି କରୁଛି। ଯାହାଫଳରେ ରୋଗୀମାନେ ବର୍ଷା ହେଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ କପ୍ତିପଦା ବଜାର କମିଟି ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବାରମ୍ବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ପ୍ରସ୍ତାବ ମଧ୍ୟରେ ରହିଛି ଓ ଟଙ୍କା ଆସିଲେ ଏବଂ ପ୍ରସ୍ତାବ ଅନୁମୋଦନ ହେଲେ କାମ ହେବ ବୋଲି କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କୁ ପଚାରିବାରୁ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ସେପରି କିଛି ପାଣ୍ଠି ନାହିଁ । ଆମେ ଆରକେଏସ୍ କିମ୍ବା ଏନ୍‌ଆରଏଚ୍‌ଏମ୍ ଟଙ୍କାକୁ ଏ ଦିଗରେ ଖର୍ଚ୍ଚ କରିପାରିବୁ ନାହିଁ । ତଥାପି ବିଭାଗକୁ ଲେଖି ଜଣାଇଛୁ ବୋଲି କହିଛନ୍ତି।

# ଶିଶୁ ସୁରକ୍ଷା ସଚେତନତା ଶିବିର

କପ୍ତିପଦା,୩୦।୬(ଡି.ଏନ.ଏ)

କପ୍ତିପଦା ଥାନା ପରିସରରେ ଆରମ୍ଭ ପ୍ଲାନ ପ୍ରୋଜେକ୍ଟ ଆନୁକୂଲ୍ୟରେ ଶିଶୁ ସୁରକ୍ଷା ଓ ପୋକସ ଆଇନ ସଂକ୍ରାନ୍ତୀୟ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କପ୍ତିପଦା ଥାନାଧିକାରିଣୀ ରୀନା ବେହେରା ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହିଅବସରରେ ଆରମ୍ଭ ପ୍ଲାନର ପ୍ରୋଜେକ୍ଟ ମ୍ୟାନେଜର ଶିବରାମ ଦାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ଲାନ ଇଣ୍ଡିଆର ରାଜ୍ୟ ପ୍ରୋଗ୍ରାମ ସଂଯୋଜକ ସୁକାନ୍ତ କୁମାର ସାହୁ, ରାଜ୍ୟ ପ୍ରଶିକ୍ଷକ ବକ୍ତ ବତ୍ସଳ ମହାନ୍ତି, ଏସଡିପିଓ ସ୍ୱପ୍ନରଞ୍ଜନ ମହାପାତ୍ର, ଉଦଳା ଥାନା ସବ ଇନ୍ସପେକ୍ଟର, ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟା ଭାସ୍ୱତୀ ବାରିକ୍, କପ୍ତିପଦା କୃଷି ଅଧିକାରୀ ବିଭୂପ୍ରସାଦ ଦତ୍ତ, ଆଇସିଡିଏସ ସୁପରଭାଇଜର ଦିପ୍ତିମୟୀ ପୋଥାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଓ ଯୋଜନା, କିଶୋର ନ୍ୟାୟ ଆଇନ ଏବଂ ପୋକସ ଆଇନ ସଂକ୍ରାନ୍ତୀୟ ଆଇନ କାନୁନ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ବିଶେଷ କରି ବାଲ୍ୟବିବାହ, ଶିଶୁ ଶ୍ରମିକ ପ୍ରଥା ବନ୍ଦ କରି ଶିଶୁମାନଙ୍କୁ ସୁରକ୍ଷିତ ରଖି ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସମସ୍ତ ଅତିଥି ଆହ୍ୱାନ ଦେଇଥିଲେ। ଏହି ଶିବିରରେ କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଥାନାର ପୋଲିସ, ପୋଲିସ ସମିତିର କର୍ମକର୍ତ୍ତା, ଶିଶୁ ସୁରକ୍ଷା କମିଟିର ସଦସ୍ୟାସଦସ୍ୟ, ପଞ୍ଚାୟତ ପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଆରମ୍ଭ ପ୍ଲାନର ସଭାପତି ଚିନ୍ତାମଣୀ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବାଶିଷ ମହାନ୍ତି, ଆଶିଷ କୁମାର ମଲ୍ଲିକ୍, ରଣଜିତ୍ ଲେଙ୍କା, କଲ୍ୟାଣୀ ରାଜ, ଦୀପକ କୁମାର ପାଢୀ ଓ ରତିକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥି।

# ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଆକ୍ରମଣ କରୁଛି ଭାଜପା: ଡି. ରାଜା

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଭାଜପା ଆକ୍ରମଣ କରୁଛି। ସମସ୍ତ ବିରୋଧୀ ଦଳ ଏହାର ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ସଦ୍ୟ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନରେ ବିରୋଧୀ ଦଳଗୁଡିକର ଏକତା ଅଭାବ କାରଣରୁ ଏନ୍‌ଡିଏ ଲଗାତର ଦ୍ୱିତୀୟଥର ପାଇଁ କ୍ଷମତାସୀନ ହେବାରେ ସଫଳ ହୋଇଛି। ଭୁବନେଶ୍ୱର ଗସ୍ତରେ ଥିବା ସିପିଆଇ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଡି. ରାଜା ରବିବାର ଏହି କଥା କହିଛନ୍ତି।

ରାଜା କହିଛନ୍ତି, ଭାଜପା ନୂଆ ଭାରତ ନିର୍ମାଣ ନାମରେ ଆରଏସ୍‌ଏସ୍‌ର କାର୍ଯ୍ୟସୂଚୀ(ହିନ୍ଦୁ ରାଷ୍ଟ୍ର) ନିର୍ମାଣ କରିବାକୁ ଚାହୁଁଛି। ସମସ୍ତଙ୍କ ବିକାଶ(ସବ୍‌କା ବିକାଶ) କଥା ପ୍ରଧାନମନ୍ତ୍ରୀ କହୁଥିବାବେଳେ ଦେଶରେ ଭିଡଜନିତ ହତ୍ୟା ଓ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସମ୍ବିଧାନର ନିୟମାନୁଯାୟୀ ସମଗ୍ର ଦେଶ ଏବଂ ପ୍ରତ୍ୟେକ ରାଜ୍ୟରେ ଅଲଗା ଅଲଗା ନିର୍ବାଚନ ହେବାର ବ୍ୟବସ୍ଥା ରହିଛି। ସମଗ୍ର ଦେଶ ଏବଂ ରାଜ୍ୟ ବିଧାନସଭାଗୁଡିକର ଏକକ ନିର୍ବାଚନ କରାଯିବା ପାଇଁ ପ୍ରୟାସ କରାଯାଉଛି, ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ରାଜା କହିଛନ୍ତି। ସଦ୍ୟ ନିର୍ବାଚନ ସରିଛି, ହେଲେ ଏହି ସମୟରେ ଜମ୍ମୁ ଓ କଶ୍ମୀରରେ ଏକାଠି ଭୋଟ କରାଇଲେ ନାହିଁ। କଶ୍ମୀର ଏକ ରାଜନୈତିକ ସମସ୍ୟା, ଏହାକୁ ରାଜନୈତିକ ଢଙ୍ଗରେ ସମାଧାନ କରିବାର ଆବଶ୍ୟକତା ରହିଛି। ହେଲେ ଏହାକୁ କେବଳ ଆଇନଶୃଙ୍ଖଳାର ସମସ୍ୟା ଭଳି ଦେଖାଯାଉଛି। କେବଳ ସେନାବଳ ଦ୍ୱାରା ଏହାର ସମାଧାନ କରାଯାଇପାରେନା ବୋଲି ରାଜା ମତ ରଖିଛନ୍ତି। ସେହିଭଳି ମହିଳା ସଂରକ୍ଷଣ ପ୍ରସଙ୍ଗରେ ମଧ୍ୟ ଭାଜପାକୁ ସିପିଆଇ ପକ୍ଷରୁ ସମାଲୋଚନା କରାଯାଇଛି। ଏମିତିକି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳା ସଶକ୍ତୀକରଣ ସମ୍ପର୍କରେ କିଛି କୁହାଯାଇନାହିଁ। ଆମେରିକାର ଚାପ କାରଣରୁ ଭାରତ ଇରାନ୍ ଏବଂ ରୁଷ ସହ ଉତ୍ତମ ସମ୍ପର୍କ ରକ୍ଷା କରିବାରେ ସକ୍ଷମ ହେଉନାହିଁ ବୋଲି ରାଜା କହିଛନ୍ତି।

ସେହିପରି ନିକଟରେ ସରିଥିବା ରାଜ୍ୟ ସଭା ନିର୍ବାଚନକୁ ନେଇ ମଧ୍ୟ ରାଜା ବିଜେଡି–ଭାଜପାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେଡି ପାଖରେ ସଂଖ୍ୟାଗରିଷ୍ଠ ସଦସ୍ୟ ଥାଇ ମଧ୍ୟ ଦଳ ଭାଜପାକୁ ଗୋଟିଏ ରାଜ୍ୟ ସଭା ଆସନ ଟେକିଦେଲା। ଏହା ରାଜ୍ୟର ଜନସାଧାରଣଙ୍କ ମତ ଏବଂ ରାଜ୍ୟ ବିଧାନସଭା ପ୍ରତି ଅପମାନ। ବିଜେଡିର ବହୁ ନେତା ଚିଟ୍‌ଫଣ୍ଡ ମହାଠକେଇରେ ସାମିଲ ଅଛନ୍ତି, ତେଣୁ ସେମାନେ ସିବିଆଇ ଭୟରେ ଏପରି କରିଥାଇ ପାରନ୍ତି ବୋଲି ରାଜା ଉଲ୍ଲେଖ କରିଛନ୍ତି। ସେହିପରି ବାମପନ୍ଥୀ ଆଦର୍ଶ ପ୍ରତି ଲୋକଙ୍କ ଯଥେଷ୍ଟ ଶ୍ରଦ୍ଧା ଥିଲେ ମଧ୍ୟ ତାହା ଭୋଟରେ ପ୍ରତିଫଳିତ ହୋଇପାରୁନାହିଁ। ଦଳ ପକ୍ଷରୁ ଏହାର ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି। ଆସନ୍ତା ଜୁଲାଇ ୧୯ରୁ ୨୧ ପର୍ଯ୍ୟନ୍ତ ସିପିଆଇର ଜାତୀୟ ପରିଷଦ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ରାଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଭାଜପା ଉପସଭାପତି ସମୀର ମହାନ୍ତି ଡି.ରାଜାଙ୍କ ମନ୍ତବ୍ୟକୁ ବିରୋଧ କରିଛନ୍ତି। ସମୀର କହିଛନ୍ତି ଯେ, ସାରା ଦେଶରେ ଭାଜପାର ଶକ୍ତି ବୃଦ୍ଧି ପାଇଛି। ଅନ୍ୟପଟେ ବାମପନ୍ଥୀମାନେ ଦିନକୁଦିନ ଆହୁରି ଦୁର୍ବଳ ହେବାରେ ଲାଗିଛନ୍ତି। ତେଣୁ ସେହି ଦଳର ନେତାମାନଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେଇ ବକ୍ତବ୍ୟ ପ୍ରଦାନ କରିବାକୁ ଉଚିତ ମଣୁନାହିଁ।

### ■ ପୋଲିସ ସୂଚନାଦାତା ସନ୍ଦେହରେ ୩ ଜଣଙ୍କୁ ଅପହରଣ

# ଜଣଙ୍କୁ ହତ୍ୟା କଲେ, ୨ ଜଣଙ୍କୁ ଛାଡ଼ିଲେ ମାଓବାଦୀ

**ମାଲକାନଗିରି, ୩୦।୬ (ଡି.ଏନ.ଏ.):** ମାଲକାନଗିରି ଜିଲାରେ ଲାଲବାହିନୀ ପୁଣି ନିଜ ପତିଆରା ଜାହିର କରିଛନ୍ତି। ପୋଲିସ ସୂଚନାଦାତା ସନ୍ଦେହରେ ୩ଜଣଙ୍କୁ ଅପହରଣ କରି ନେଇ ସେମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା କରି ୨ଜଣଙ୍କୁ ଛାଡି ଦେଇଛନ୍ତି। ମୃତକ ହେଲେ ବୁଜା କବାସୀ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି। ମାଥିଲି ଥାନା ଅନ୍ତର୍ଗତ କୁକୁରକୁଣ୍ଡି ଗ୍ରାମରେ ଘଟିଛି ଏପରି ଘଟଣା।

ଖବରରୁ ଜଣାପଡିଛି ପୋଲିସ ସୂଚନାଦାତା ରୂପେ କାର୍ଯ୍ୟ କରୁଥିବା କୁକୁରକୁଣ୍ଡି ଗ୍ରାମର ବୁଜା କବାସୀ, ମାସା ସୋଡ଼ି ଓ ଉଙ୍ଗା କାଲମାଲିଙ୍କୁ ଅପହରଣ କରିନେଇଥିଲେ। ଗତ ଗୁରୁବାର ଦଣ୍ଡିପଦରଠାରେ ମାଓବାଦୀମାନେ ଏକ ପ୍ରଜାକୋର୍ଟ କରି ସେଠାରେ ଏହି ୩ ଜଣ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କୁ ଏହି କାର୍ଯ୍ୟରୁ ବିରତ ରହିବାକୁ ତାଗିଦ କରିଥିଲେ। ପ୍ରଜାକୋର୍ଟରେ ଛତିଶଗଡ଼ ଓ ମାଲକାନଗିରି ଜିଲାର ଅନେକ ଟପ୍ କ୍ୟାଡର ମାଓବାଦୀ ନେତା ଉପସ୍ଥିତ ଥିଲେ। ତେବେ ଅପହରଣର ୩ ଦିନ ପରେ ରବିବାର ସକାଳେ ମାଓବାଦୀମାନେ ବୁଜାଙ୍କ ବେକ କାଟି ହତ୍ୟା କରି ତାଙ୍କ ଗ୍ରାମରେ ମୃତଦେହ ପକାଇ ଚାଲିଯାଇଥିଲେ। ମାସା ଓ ଉଙ୍ଗାଙ୍କୁ ନିସ୍ତୁକ ମାଡ ମାରି ଭବିଷ୍ୟତରେ ଏଭଳି କାର୍ଯ୍ୟ ନ କରିବାକୁ ଚେତାବନୀ ଦେଇ ମୁକ୍ତ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ୩ ଦିନ ପରେ ମଧ୍ୟ ପୋଲିସ ପ୍ରକୃତ ଘଟଣା ନେଇ ମୁହଁ ଖୋଲିନାହିଁ। ଘଟଣାର ଅନୁସନ୍ଧାନ ଚାଲିଥିବା ବରିଷ୍ଠ ଅଧିକାରୀମାନେ କହୁଛନ୍ତି। ମାଓବାଦୀମାନେ କିଛି ଦିନ ନୀରବ ରହି ପୁଣି ସକ୍ରିୟ ହୋଇ ଏପରି ଘଟଣା ଘଟାଇବା ମାଥିଲି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ହ୍ରାସ ପାଇଥିବା ବେଳେ ମାଥିଲି ଥାନା ଅଞ୍ଚଳରେ ଏହା ହ୍ରାସ ପାଇବା ନାଁ ନେଉନାହିଁ। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ମାଓବାଦୀମାନେ ସମ୍ପୃକ୍ତ ଅଞ୍ଚଳରେ ଏକ ରାସ୍ତା କାମରେ ନିୟୋଜିତ ଗାଡ଼ିଗୁଡ଼ିକୁ ପୋଡ଼ି ଦେଇ ଜଣଙ୍କୁ ହତ୍ୟା କରିଥିଲେ। ଏହା ପରେ ସମ୍ପୃକ୍ତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ସୁରକ୍ଷା କାରଣରୁ ଠିକାଦାରମାନେ ମଧ୍ୟ ସମ୍ପୃକ୍ତ ଅଞ୍ଚଳକୁ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

### ବିଜ୍ଞାପନ

No.: 07-g: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ତିନିଜଣ ଶିଶୁ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଶିଶୁ ମଙ୍ଗଳ ସମିତି ଏବଂ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କର ନିର୍ଦ୍ଦେଶନାମା ଅନୁସାରେ କୋଳଥିଆ ସ୍ଥିତ ସୁଭଦ୍ରା ମହତାବ ଶିଶୁ ଗୃହ ଏବଂ ଖଣ୍ଡଗିରି ସ୍ଥିତ ଜୀବନ ଜ୍ୟୋତି ଆଶ୍ରମରେ ରହିଆସୁଅଛନ୍ତି। ଯଦି ଏହି ଶିଶୁମାନଙ୍କର ପିତା, ମାତା, ଅଭିଭାବକ ବା ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତିର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଫୋନ୍ – 06755 220801 ଅଥବା ଅଧ୍ୟକ୍ଷ, ଅତିରିକ୍ତ ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା, ମୋ– 9437551751 ଅଥବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା, ମୋ– 9437359431ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ – 2015 ସେକ୍ସନ 38(1) ଅନୁଯାୟୀ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା/ଅତିରିକ୍ତ ଶିଶୁ ମଙ୍ଗଳ ସମିତି ଖୋର୍ଦ୍ଧାଙ୍କ ଦ୍ୱାରା ପୋଷ୍ୟସନ୍ତାନ ପାଇଁ ବିବେଚିତ କରାଯିବ।

| ସୁଲଗନା ସାହୁ (ଝିଅ), 11 ମାସ | ସୁମନ (ଝିଅ), 15 ଦିନ | ବର୍ଷା ପ୍ରିୟଦର୍ଶିନୀ (ଝିଅ), 11 ବର୍ଷ |
|---|---|---|
|  |  |  |
| ତା 21.06.2019 ସ୍ୱାଧର ଗୃହ, ଝାଁଳା, ଖୋର୍ଦ୍ଧା | ଭୁଆଶୁଣି ପଡ଼ା, ବେଗୁନିଆ, ଖୋର୍ଦ୍ଧା | ଖଣ୍ଡଗିରି ସ୍ଥିତ ଜୀବନ ଜ୍ୟୋତି ଆଶ୍ରମରୁ ଉଦ୍ଧାର କରାଯାଇ ତା22.06.2019ରିଖ ଦିନ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଯାଇଥିଲା |

33016/11/0005/1920 — ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା


### ଖାଲଗାଁ ସେବା ସମବାୟ ବ୍ୟାଙ୍କରୁ ଲୁଟ୍

# ତାଲା ତାଡ଼ି ନେଇଗଲେ ଆଇରନ ଚେଷ୍ଟ

**ବନ୍ତଲା, ୩୦।୬(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ଶଙ୍ଖପୁର ପଞ୍ଚାୟତ ଖାଲଗାଁ ସଂଯୁକ୍ତ ସେବା ସମବାୟ ବ୍ୟାଙ୍କରୁ ଶନିବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ରୀଲ ଓ କବାଟ ତାଲା ତାଡି ଭିତରେ ପଶିବା ସହ ଆଇରନ ଚେଷ୍ଟକୁ ନେଇଯାଇଛନ୍ତି। ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଲୋକଙ୍କ ଜମା ରାଶିର ରସିଦ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ରବିବାର ସକାଳେ ଘଟଣା ବିଷୟରେ ଜଣାପଡିଥିଲା। ଏ ସମ୍ପର୍କରେ ବ୍ୟାଙ୍କ ସେକ୍ରେଟାରୀ ଅକ୍ଷୟ ପ୍ରଧାନ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସବୁଦିନ ପରି ଜଗୁଆଳି ଉକ୍ତ ଗ୍ରାମର ରଞ୍ଜିତ ମାଝି ଶନିବାର ରାତିରେ ମଧ୍ୟ ଜଗିଥିଲେ। ରାତି ପ୍ରାୟ ୧ଟା ୧୫ରେ ବିଜୁଳି ଘଡଘଡି ମାରିଥିଲା। ଫଳରେ ବ୍ୟାଙ୍କରେ ଲାଗିଥିବା ଇନଭର୍ଟର ସ୍ପାର୍କିଂ ହେବାରୁ ବିଦ୍ୟୁତ କଟି ଯାଇଥିଲା। ଏହା ପରେ ଜୋରରେ ବର୍ଷା ପବନ ହୋଇଥିଲା। ରଞ୍ଜିତ ପ୍ରାୟ ୧୫ ମିନିଟ୍ ସେଠାରେ ରହିବା ପରେ ବର୍ଷା ନ କମିବାରୁ ବ୍ୟାଙ୍କରେ ୨ଟି ତାଲା ପକାଇ ଘରକୁ ପଳାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଭିତରେ ପଶି ଏକ ଇଟା ସିମେଣ୍ଟ କାନ୍ଥ ତାଡି ଆଇରନ୍ ଚେଷ୍ଟ ନେଇଛନ୍ତି। ଆଇରନ ଚେଷ୍ଟର ଓଜନ ପ୍ରାୟ ୨ କୁଇଣ୍ଟାଲ ହୋଇଥିବାବେଳେ ୫ରୁ ଅଧିକ ଜଣ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି।

ଖବରପାଇ ବ୍ୟାଙ୍କ କର୍ତ୍ତୃପକ୍ଷ ସେଠାରେ ପହଞ୍ଚିବା ପରେ ଗ୍ରୀଲ ଓ କବାଟରୁ ଦୁଇଟି ତାଲା ତଡାଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା। ବନ୍ତଲା ଏଏସ୍‌ଆଇ ବିଚିତ୍ରାନନ୍ଦ ସାହୁ ଓ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୧୧୪/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୋଗ କରିବା ସମୟରେ ଥାନାରେ ବ୍ୟାଙ୍କ ସମ୍ପାଦକ ଓ ରାତ୍ର ଜଗୁଆଳି ରଞ୍ଜିତ ଉପସ୍ଥିତ ଥିଲେ। ମାମଲା ରୁଜୁ ପରେ ତଦନ୍ତ ଚାଲିଛି ବୋଲି ଆଇଆଇସି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଥାଉ କି, ୫ ବର୍ଷ ପୂର୍ବରୁ ଏହି ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ହୋଇଥିଲେ ମଧ୍ୟ ଲୁଟେରାମାନେ ସଫଳ ହୋଇପାରି ନ ଥିଲେ।


## ଓଡ଼ିଶା ସରକାର

No.XXXI-04

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

RDM–LAB–BOUDH–0045–2017 / 1067 — ତା.19.JAN.2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା–ଟାଲୁପାଲି, ଥାନା–ବାଉଁଶୁଣୀ, ନଂ–୪୩, ତହସିଲ–ବୌଦ୍ଧ, ଜିଲ୍ଲା–ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରାକରଙ୍କୁ ପତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ–ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୫୯୧୦ ତା.୩୦।୧୦।୨୦୧୭ରିଖରେ ପ୍ରକାଶିତ ହୋଇଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ଟାଲୁପାଲି, ଥାନା–ବାଉଁଶୁଣୀ, ଜିଲ୍ଲା–ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudha.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ:ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଟାଲୁପାଲି | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ.୩୧.୨୫୦ | ଏ.୧୧.୫୭୦ | ଏଥି ସହ ସଂଲଗ୍ନ କରାଗଲା |

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ:ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଦ୍ଧ ତାରିଖ: ୦୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ବ୍ରହ୍ମାନନ୍ଦ ବେହେରା), ଯୁଗ୍ମ ଶାସନ ସଚିବ

ଜମିର ତାଲିକା

ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

ଗ୍ରାମ–ଟାଲୁପାଲି, ତହସିଲ–ବୌଧ, ଥାନା–ବାଉଁଶୁଣୀ, (ନଂ–୪୩), ଜିଲ୍ଲା–ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ ଖତିୟାନ ନଂ | ୨ ପ୍ଲଟ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୧ | ୨୬ | ୩.୨୯୦ | ୦.୬୬୦ | N/A | ଅନନ୍ତ ଘଟୁଆଲ, ପି–ପଦାର୍ଥ ଘଟୁଆଲ, ବା–ଟାଲୁପାଲୀ |
| ୨ | ୯ | ୬୯ | ୦.୪୨୦ | ୦.୪୨୦ | N/A | କୂଳମଣୀ ମହାକୁଡ, ପି–ରଘୁ ମହାକୁଡ, ବା–ଟାଲୁପାଲୀ |
| ୩ | | ୬୨ | ୦.୩୪୦ | ୦.୨୯୦ | N/A | |
| ୪ | ୧୦ | ୨୪ | ୦.୪୨୦ | ୦.୩୦୦ | N/A | ଖାଡିଆ ଘଟୁଆଲ, ପି–ବାଲା ଘଟୁଆଲ, ବା–ଟାଲୁପାଲୀ |
| ୫ | ୧୨ | ୬୫ | ୩୮୦ | ୦.୦୮୦ | N/A | ଗିରିଧାରୀ ମେହେର, ପି–ଯଦୁନାଥ ମେହେର, ବା–ଟାଲୁପାଲୀ |
| ୬ | | ୨୧ | ୦.୭୦୦ | ୦.୫୮୦ | N/A | |
| ୭ | ୧୪ | ୬୪ | ୦.୪୭୦ | ୦.୩୭୦ | N/A | ଗୁଲେଖ ମହାନନ୍ଦିଆ, ସୁରେଶ ମହାନନ୍ଦିଆ, ହଳଦୀଗୁଣ୍ଡି ମହାନନ୍ଦିଆ, ପି–ମହାଦେବ ମହାନନ୍ଦିଆ, ରଘୁ ମହାନନ୍ଦିଆ, ରାମନାଥ ମହାନନ୍ଦିଆ, ଲଛମନ ମହାନନ୍ଦିଆ, ପି–ସାହେବ ମହାନନ୍ଦିଆ, ବା–ଟାଲୁପାଲୀ |
| ୮ | | ୫୯ | ୦.୪୦୦ | ୦.୦୧୦ | N/A | |
| ୯ | ୧୭ | ୬୧ | ୨.୦୭୦ | ୦.୦୪୦ | N/A | ଧ୍ରୁବଚରଣ ମହାକୁଡ, କୈଳାଶ ଚନ୍ଦ୍ର ମହାକୁଡ, ପି–ମାର୍କଣ୍ଡ ମହାକୁଡ, ବା–ଟାଲୁପାଲୀ |
| ୧୦ | ୨୦ | ୬୮ | ୨.୮୭୦ | ୦.୨୬୦ | N/A | ଗିରିଶ ଚନ୍ଦ୍ର ମହାକୁଲ, ପ୍ରକାଶ ଚନ୍ଦ ମହାକୁଲ, ପି–ଭୁବନେଶ୍ୱର ମହାକୁଲ, ବା–ଟାଲୁପାଲୀ |
| ୧୧ | | ୬୩ | ୧.୩୧୦ | ୧.୩୧୦ | N/A | |
| ୧୨ | | ୭୦ | ୦.୧୮୦ | ୦.୦୬୦ | N/A | |
| ୧୩ | ୨୨ | ୬୦ | ୨.୮୨୦ | ୦.୧୪୦ | N/A | ନଳିତା ମହାକୁଡ, ସ୍ୱା–ଜଗନ୍ନାଥ ମହାକୁଡ, ଭୁବନେଶ୍ୱର ମହାକୁଡ, ବିଜଳ କର୍ଣ୍ଣ, ଜନକର୍ଣ୍ଣ , ପି–ବିଶ୍ୱମ୍ଭର ମହାକୁଡ, ରଇବାର ଦନ୍ତା, ଗୁରୁବାରି ମହାକୁଡ, ପି–ଇଶ୍ୱର ମହାକୁଡ, ଗୌତମ ମହାକୁଡ, ବାବଲୁ ମହାକୁଡ, ଲିଲି ମହାକୁଡ, ପି–ବେଦବ୍ୟାସ ମହାକୁଡ, ବିଦୁ ମହାକୁଡ, ସ୍ୱା–ବେଦବ୍ୟାସ ମହାକୁଡ, ସତ୍ୟଭାମ ମହାକୁଡ, ସ୍ୱା–ଉଦେ ମହାକୁଡ, ବା–ଟାଲୁପାଲୀ |
| ୧୪ | | ୨୦ | ୧.୦୩୦ | ୦.୧୩୦ | N/A | |
| ୧୫ | | ୧୬ | ୧.୪୩୦ | ୧.୨୧୦ | N/A | |
| ୧୬ | | ୩ | ୫.୭୭୦ | ୧.୧୬୦ | N/A | |
| ୧୭ | | ୧ | ୨.୮୫୦ | ୧.୧୫୦ | N/A | |
| ୧୮ | ୨୫ | ୭୧ | ୦.୧୬୦ | ୦.୧୦୦ | N/A | ପରମା ମେହେର, ପି–ଖଗେଶ୍ୱର ମେହେର, ବା–ଟାଲୁପାଲୀ |
| ୧୯ | ୨୭ | ୧୪ | ୦.୫୨୦ | ୦.୨୮୦ | N/A | ବ୍ରଜ ପୋଢା, ପି–ମହାଦେବ ପୋଢା, ସୁଲକୁନା ପୋଢ, ସ୍ୱା–ସହଦେବ ପୋଢ, ବା–ଟାଲୁପାଲୀ |
| ୨୦ | ୩୩ | ୧୭ | ୦.୭୫୦ | ୦.୪୩୦ | N/A | ମୂରଲୀ ଘଟୁଆଲ, କୃଷ୍ଣ ଘଟୁଆଲ, ମହେଶ୍ୱର ଘଟୁଆଲ, ପି–ଜେଜେରାମ ଘଟୁଆଲ, ବା–ଟାଲୁପାଲୀ |
| ୨୧ | ୩୬ | ୨୨ | ୦.୬୩୦ | ୦.୫୧୦ | N/A | ସାଲକି ଘଟୁଆଲ, ପି–ଜିତ ଘଟୁଆଲ, ବା–ଟାଲୁପାଲୀ |
| ୨୨ | | ୧୫ | ୦.୫୦୦ | ୦.୪୪୦ | N/A | |
| ୨୩ | ୩୮ | ୨୩ | ୦.୨୭୦ | ୦.୨୭୦ | N/A | ସୁରେଖ ଘଟୁଆଲ, ସ୍ୱା–ଶ୍ରୀରାମ ଘଟୁଆଲ, ବା–ଟାଲୁପାଲୀ |
| ୨୪ | ୪୧ | ୬୯/୩୬୫ | ୦.୪୭୦ | ୦.୨୮୦ | N/A | ହିରା ମେହେର, ସ୍ୱା–ବୈକୁଣ୍ଠ ମେହେର, ବା–ଟାଲୁପାଲୀ |
| ୨୫ | ୪୫/୬୩ | ୩/୪୨୬ | ୧.୨୦୦ | ୧.୦୯୦ | N/A | ଲକ୍ଷ୍ମୀ ମହାକୁଲ, ସ୍ୱା–ପ୍ରକାଶ ମହାକୁଲ, ବା–ଟାଲୁପାଲୀ |
| ମୋଟ | | | ୩୧.୨୫୦ | ୧୧.୫୭୦ | | |

24001/14/0055/1920



## ଓଡ଼ିଶା ସରକାର

No. XXXI-08

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

RDM-LAB-BOUDH-0044-2017/1728 — ତା.14. Jan 2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ରକ୍ସା, ଥାନା- ମନମୁଣ୍ଡା, ନଂ ୧୮୯, ତହସିଲ-ବୌଦ୍ଧ, ଜିଲ୍ଲା – ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୨୧୩ ତା. ୩୧.୧୦.୨୦୧୭ ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ରକ୍ସା, ଥାନା- ମନମୁଣ୍ଡା, ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.boudh.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ–କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ବୌଦ୍ଧ — ତହସିଲ : ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରକ୍ସା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ.୩୫.୨୫୦ | ଏ. ୧୯.୨୭୦ | ଏଥି ସହ ସଂଲଗ୍ନ କରାଗଲା |

ତଫସିଲ–ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ବୌଦ୍ଧ — ତହସିଲ : ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ : ୧୦.୦୮.୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଏଲୋରା ସାମଲ), ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ

ଜମି ର ତାଲିକା

ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରିଆ ରେଳ ପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

ଗ୍ରାମ : ରକ୍ସା , ତହସିଲ : ବୌଦ୍ଧ, ଥାନା: ମନମୁଣ୍ଡା (ନଂ - ୧୮୯) , ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ. ଜମି

| ୧ ଖତିୟାନ ନଂ | ୨ ପ୍ଲଟ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|
| ୧ | ୧୧୧ | ୦.୦୮୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | ଅକ୍ଷୟ ପାତ୍ର ପି-ପରମା ପାତ୍ର ବା: ରକ୍ସା |
| | ୧୨୨ | ୦.୫୭୦ | ୦.୦୭୦ | ଶାରଦ ଅଣଜଳସେଚିତ-୩ | |
| | ୧୨୭ | ୦.୨୭୦ | ୦.୨୭୦ | ଶାରଦ ଅଣଜଳସେଚିତ-୨ | |
| ୭ | ୧୨ | ୦.୫୩୦ | ୦.୧୮୦ | ଶାରଦ ଅଣଜଳସେଚିତ-୨ | ଉଦ୍ଧବନାଥ ମେହେର ପି-ଦାମୋଦର ମେହେର ବା: ରକ୍ସା |
| | ୫୨ | ୦.୫୮୦ | ୦.୫୮୦ | ଶାରଦ ଅଣଜଳସେଚିତ-୨ | |
| ୮ | ୫୫୮ | ୦.୩୫୦ | ୦.୧୨୦ | ଶାରଦ ଜଳସେଚିତ-୧ | କସ୍ତୁ ଖମାରି ପି-ଶଙ୍କର ଖମାରି ବା: ରକ୍ସା |
| | ୫୬୫ | ୦.୧୭୦ | ୦.୧୭୦ | ଶାରଦ ଜଳସେଚିତ-୧ | |
| ୯ | ୧୦୮ | ୦.୦୯୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | କୃଷ୍ଣ ପାତ୍ର ପି-ପରମା ପାତ୍ର ବା: ରକ୍ସା |
| | ୧୪୧ | ୦.୧୯୦ | ୦.୧୯୦ | ଶାରଦ ଅଣଜଳସେଚିତ-୩ | |
| | ୧୬୭ | ୦.୩୧୦ | ୦.୦୨୦ | ଶାରଦ ଅଣଜଳସେଚିତ-୩ | |
| ୧୩ | ୫୫୨ | ୦.୬୫୦ | ୦.୦୫୦ | ଶାରଦ ଜଳସେଚିତ-୧ ଫସଲି | କୃଷ୍ଣ ଖମାରି ପି-ଯୁଧିଷ୍ଠିର ଖମାରି ବା: ରକ୍ସା |
| | ୫୫୪ | ୦.୬୫୦ | ୦.୫୫୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୫୯ | ୦.୨୩୦ | ୦.୨୩୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୬୧ | ୦.୧୨୦ | ୦.୧୨୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୬୭ | ୦.୨୯୦ | ୦.୨୫୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୬୮ | ୦.୨୭୦ | ୦.୦୧୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୭୭ | ୦.୩୩୦ | ୦.୦୭୦ | ଶାରଦ ଅଣଜଳସେଚିତ-୨ | |
| ୧୭ | ୪୩ | ୦.୯୩୦ | ୦.୩୯୦ | ଶାରଦ ଅଣଜଳସେଚିତ-୩ | ଗୋହ ଚରଣ ମେହେର, ହେମନ୍ତ କୁମାର ମେହେର ପି-ମୁରଲି ମେହେର ବା: ରକ୍ସା |
| ୩୪ | ୭ | ୦.୯୫୦ | ୦.୫୦୦ | ଶାରଦ ଅଣଜଳସେଚିତ-୨ | ଗୋପାଳ କୃଷ୍ଣ ମେହେର ପି-ଘନଶ୍ୟାମ ମେହେର ବା: ରକ୍ସା |
| | ୧୧ | ୦.୪୭୦ | ୦.୨୫୦ | ଶାରଦ ଅଣଜଳସେଚିତ-୨ | |
| | ୧୩ | ୦.୭୭୦ | ୦.୬୫୦ | ଶାରଦ ଅଣଜଳସେଚିତ-୨ | |
| ୪୫ | ୫୫୦ | ୧.୨୭୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | କହ୍ନୁ ଖମାରି ପି-ଯୁଧିଷ୍ଠିର ଖମାରି ବା: ରକ୍ସା |
| | ୫୫୩ | ୦.୫୩୦ | ୦.୬୩୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୫୫ | ୦.୧୮୦ | ୦.୦୭୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୬୦ | ୦.୩୫୦ | ୦.୩୫୦ | ଶାରଦ ଜଳସେଚିତ-୧ ଫସଲି | |
| | ୫୬୨ | ୦.୨୮୦ | ୦.୧୮୦ | ଶାରଦ ଜଳସେଚିତ-୧ ଫସଲି | |
| | ୬୭୫ | ୦.୧୧୦ | ୦.୧୧୦ | ଶାରଦ ଅଣଜଳସେଚିତ-୩ | |
| ୪୭ | ୧୧୭ | ୦.୬୫୦ | ୦.୩୮୦ | ଶାରଦ ଅଣଜଳସେଚିତ-୩ | ଯାଦବ ପାତ୍ର, ଦ୍ରୌପଦୀ ପାତ୍ର, ଲତା ପାତ୍ର ପି-ମଦନ ପାତ୍ର ବା: ରକ୍ସା |
| | ୧୩୯ | ୦.୭୦୦ | ୦.୫୦୦ | ଶାରଦ ଅଣଜଳସେଚିତ-୨ | |
| | ୧୨୭ | ୦.୧୭୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | |
| | ୧୨୮ | ୦.୧୦୦ | ୦.୦୫୦ | ଆଟ | |
| | ୧୧୫/୧୫୪ | ୦.୨୦୦ | ୦.୨୦୦ | ଶାରଦ ଅଣଜଳସେଚିତ-୩ | |
| ୬୯ | ୫୬୯ | ୦.୩୧୦ | ୦.୦୭୦ | ଶାରଦ ଜଳସେଚିତ-୧ ଫସଲି | ଧନେଶ୍ୱର ଖମାରି, ଗଣେଶ୍ୱର ଖମାରି, ଲକ୍ଷ୍ମୀ ଖମାରି, କୋକିଳ ଖମାରି ପି-ଧ୍ରୁବ ଖମାରି ବା: ରକ୍ସା |

ଜମି ର ତାଲିକା

ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରିଆ ରେଳ ପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

ଗ୍ରାମ : ରକ୍ସା , ତହସିଲ : ବୌଦ୍ଧ, ଥାନା: ମନମୁଣ୍ଡା (ନଂ - ୧୮୯) , ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ. ଜମି

| ୧ ଖତିୟାନ ନଂ | ୨ ପ୍ଲଟ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|
| ୭୮ | ୭ | ୦.୫୭୦ | ୦.୫୭୦ | ଶାରଦ ଅଣଜଳସେଚିତ-୨ | ନବିନ କୁମାର ମେହେର, ଗୋପାଳ ମେହେର ପି-ପୂର୍ଣ୍ଣଚନ୍ଦ୍ର ମେହେର ବା: ରକ୍ସା |
| | ୧୦ | ୦.୫୨୦ | ୦.୫୨୦ | ଶାରଦ ଅଣଜଳସେଚିତ-୨ | |
| | ୧୪ | ୦.୬୮୦ | ୦.୬୮୦ | ଶାରଦ ଅଣଜଳସେଚିତ-୨ | |
| ୮୯ | ୧୧୩ | ୦.୮୦୦ | ୦.୫୫୦ | ଶାରଦ ଅଣଜଳସେଚିତ-୩ | ପାଣ୍ଡବ ପାତ୍ର ପି-କୁଞ୍ଜ ପାତ୍ର ବା: ରକ୍ସା |
| | ୧୧୮ | ୦.୦୯୦ | ୦.୦୯୦ | ଶାରଦ ଅଣଜଳସେଚିତ-୩ | |
| | ୧୧୯ | ୦.୦୯୦ | ୦.୦୯୦ | ଶାରଦ ଅଣଜଳସେଚିତ-୩ | |
| | ୧୨୦ | ୦.୧୫୦ | ୦.୧୫୦ | ଶାରଦ ଅଣଜଳସେଚିତ-୩ | |
| ୮୯ | ୧୩୮ | ୦.୫୧୦ | ୦.୫୫୦ | ଶାରଦ ଅଣଜଳସେଚିତ-୨ | ପାଣ୍ଡବ ପାତ୍ର ପି-କୁଞ୍ଜ ପାତ୍ର ବା: ରକ୍ସା |
| | ୧୫୨ | ୦.୨୭୦ | ୦.୨୭୦ | ଶାରଦ ଅଣଜଳସେଚିତ-୩ | |
| | ୧୭୯ | ୦.୧୩୦ | ୦.୮୮୦ | ଶାରଦ ଅଣଜଳସେଚିତ-୧ | |
| ୯୦ | ୫୭୫ | ୦.୧୩୦ | ୦.୧୭୦ | ଶାରଦ ଜଳସେଚିତ-୧ ଫସଲି | ଫକିର ଖମାରି, ଡେଙ୍ଗା ଖମାରି, ଠିକୁରୁ ଖମାରି, ସାବିତ୍ରି ଖମାରି, ବାସନ୍ତି ଖମାରି, ଡିକୀ ଖମାରି ପି- |
| | ୫୭୫ | ୦.୨୨୦ | ୦.୨୨୦ | ଶାରଦ ଅଣଜଳସେଚିତ-୨ | |
| ୯୭ | ୩୭ | ୦.୫୮୦ | ୦.୦୭୦ | ଶାରଦ ଅଣଜଳସେଚିତ-୩ | ବଂଶୀଧର ସେଠୀ ପି-କୁଞ୍ଜ ସେଠୀ ବା: ରକ୍ସା |
| | ୩୭ | ୦.୧୫୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | |
| | ୪୫ | ୦.୨୨୦ | ୦.୦୫୦ | ଶାରଦ ଅଣଜଳସେଚିତ-୨ | |
| ୯୭ | ୧୦୭ | ୦.୧୫୦ | ୦.୦୨୦ | ଶାରଦ ଅଣଜଳସେଚିତ-୩ | ବୁଦ୍ଧା ପାତ୍ର ପି-କୁଞ୍ଜ ପାତ୍ର ବା: ରକ୍ସା |
| | ୧୧୨ | ୦.୦୭୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | |
| | ୧୨୫ | ୦.୧୯୦ | ୦.୧୯୦ | ଶାରଦ ଅଣଜଳସେଚିତ-୩ | |
| | ୧୫୩ | ୦.୫୭୦ | ୦.୫୭୦ | ଶାରଦ ଅଣଜଳସେଚିତ-୩ | |
| | ୧୫୫ | ୦.୬୯୦ | ୦.୧୫୦ | ଶାରଦ ଅଣଜଳସେଚିତ-୩ | |
| ୧୨୦ | ୧୧୫ | ୦.୩୯୦ | ୦.୩୯୦ | ଶାରଦ ଅଣଜଳସେଚିତ-୩ | ମହେଶ୍ୱର ପାତ୍ର ପି-କୁଞ୍ଜ ପାତ୍ର ବା: ରକ୍ସା |
| ୧୩୧ | ୩୯ | ୦.୨୩୦ | ୦.୦୧୦ | ଶାରଦ ଅଣଜଳସେଚିତ-୩ | ମେଘୁ ସେଠୀ ପି-ସନାତନ ସେଠୀ ବା: ରକ୍ସା |
| | ୫୦ | ୦.୦୫୦ | ୦.୦୫୦ | ଶାରଦ ଅଣଜଳସେଚିତ-୩ | |
| ୧୫୭ | ୪୫ | ୦.୬୭୦ | ୦.୫୩୦ | ଶାରଦ ଅଣଜଳସେଚିତ-୩ | ବୈଦ୍ୟନାଥ ସାହୁ ପି-ସନାତନ ସାହୁ ବା: ରକ୍ସା |
| | ୪୫ | ୦.୧୧୦ | ୦.୧୧୦ | ଶାରଦ ଅଣଜଳସେଚିତ-୩ | |
| | ୪୭ | ୦.୧୩୦ | ୦.୦୮୦ | ଶାରଦ ଅଣଜଳସେଚିତ-୩ | |
ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବାର ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ସୋମବାର ଠାରୁ ଏକ ନୂଆ ରିଟର୍ନ ବ୍ୟବସ୍ଥା ଲାଗୁ କରିବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଅବସରରେ ପରୋକ୍ଷ ଟିକସ ବ୍ୟବସ୍ଥାରେ କେତେକ ସଂସ୍କାର ଘୋଷଣା କରାଯିବ। ଏଥିରେ ନୂଆ ରିଟର୍ନ ବ୍ୟବସ୍ଥା, କ୍ୟାଶ ଲେଜର ସିଷ୍ଟମ(ନଗଦ ଖାତା ପ୍ରଣାଳୀ)କୁ ତର୍କସଙ୍ଗତ କରିବା ଏବଂ ସିଙ୍ଗଲ ରିଫଣ୍ଡ ଡିସ୍‌ଭର୍ସିଙ୍ଗ ମେକାନିଜମ ସମେତ ଅନ୍ୟ କେତେକ ପ୍ରସଙ୍ଗ ସାମିଲ ହୋଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ସୋମବାର ଜିଏସ୍‌ଟି ଲାଗୁ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଅଧକ୍ଷତା କରିବେ। ତାଙ୍କ ସହିତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ଅଧିକାରୀ ରହିବେ। ଏଥିରେ କୁହାଯାଇଛି ଯେ, ଭାରତୀୟ ଅର୍ଥନୀତିରେ ଜିଏସ୍‌ଟି ଏକ ଗେମ୍‌ଚେଞ୍ଜର ହୋଇଛି। ଜଟିଳ ପରୋକ୍ଷ ଟିକସ ଢାଞ୍ଚାକୁ ଜିଏସ୍‌ଟି ମାଧ୍ୟମରେ ସରଳ, ସ୍ୱଚ୍ଛ ଓ ଟେକ୍ନୋଲୋଜି ଫ୍ରେଣ୍ଡଲି କରାଯାଇଛି। ଜୁଲାଇ ପହିଲାରୁ ଟ୍ରାଏଲ ଭିତ୍ତିରେ ରିଟର୍ନ ସିଷ୍ଟମ ଲାଗୁ କରାଯିବ ଏବଂ ଅକ୍ଟୋବର ପହିଲାରୁ ଏହାକୁ ବାଧ୍ୟତାମୂଳକ କରାଯିବ। ମନ୍ତ୍ରଣାଳୟର କହିବାନୁଯାୟୀ, କ୍ଷୁଦ୍ର ଟିକସଦାତାଙ୍କ ଲାଗି ସହଜ ଏବଂ ସୁଗମ ରିଟର୍ନ ବ୍ୟବସ୍ଥା ଲାଗି ପ୍ରସ୍ତାବ ଦିଆଯାଇଛି।

## ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅଧୀନକୁ ଆଣିବା
## ଜିଏସ୍‌ଟି କାଉନସିଲ ନିଷ୍ପତ୍ତି ନେବ: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ,୩୦-୬:** ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଓ ପ୍ରାକୃତିକ ବାଷ୍ପକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି ନେବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂସଦରେ କହିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୭୯ଏ(୫) ଜିଏସ୍‌ଟି କାଉନସିଲ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ନେଇ ତାରିଖ ଘୋଷଣା କରିପାରିବେ। ସିଜିଏସ୍‌ଟି ଆଇନର ଧାରା ୯(୨) ଅନୁଯାୟୀ,ପେଟ୍ରୋଲ, ଡିଜେଲ ସମେତ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍‌ର ଅନୁମୋଦନ ଆବଶ୍ୟକ। କାଉନସିଲରେ କେନ୍ଦ୍ର,ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏଣୁ କାଉନସିଲ୍ ହିଁ ପେଟ୍ରୋଲିମ ପଦାର୍ଥ ଉପରେ ଜିଏସ୍‌ଟି ଆଦାୟ ନେଇ ନିଷ୍ପତ୍ତି ନେଇପାରିବେ ବୋଲି ପ୍ରଧାନ ସ୍ପଷ୍ଟ କରିଛନ୍ତି।



## କାର ଜିତିଲେ ବଜାର କୋଲକାତା ଗ୍ରାହକ

**କଟକ,୩୦-୬**

ପ୍ରମୁଖ ରିଟେଲ ଚେନ୍ ବଜାର କୋଲକାତାର ଭାଗ୍ୟଶାଳୀ ଗ୍ରାହକ ଭାବେ କଟକର ପ୍ରାଣକୃଷ୍ଣ ଭୋଇ ଏକ ରେନୋ କ୍ୱିଡ କାର ଜିତିବାକୁ ସକ୍ଷମ ହୋଇଛନ୍ତି। ବଜାର କୋଲକାତା ପକ୍ଷରୁ କଟକର ଦୋଳମୁଣ୍ଡାଇଠାରେ ଖୋଲାଯାଇଥିବା ନୂଆ ଷ୍ଟୋରରୁ କ୍ରୟ ଉପରେ ଶୁକ୍ରବାର ଅନୁଷ୍ଠିତ ଲକି ଡ୍ର'ରେ ଭୋଇ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି। ଇଦ୍ ଏବଂ ରଜପର୍ବ ଉପଲକ୍ଷେ ୨୦୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ର କୁପନ ବ୍ୟବସ୍ଥା କରାଯାଇଥିଲା। ଷ୍ଟୋର ମ୍ୟାନେଜର ଗଙ୍ଗାଧର ରାୟ ଏବଂ ବଜାର କୋଲକାତାର ରିଟେଲ ମୁଖ୍ୟ ଦୀପକ ଲାଲ ଭୋଇଙ୍କୁ କାରର ଚାବି ହସ୍ତାନ୍ତର କରିଥିଲେ। ଏଥିରେ ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା, ରାଜୀବ ଝା, ନିର୍ଦ୍ଦେଶକ ରମେଶ ଖେମକା ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ କମ୍ପାନୀ ୧୭୦ ଷ୍ଟୋର ସହ ସେବା ଯୋଗାଉଛି। ଓଡ଼ିଶାରେ ଏହାର ୧୮ଟି ଷ୍ଟୋର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଡବ୍ଲ୍ୟୁସିଓ ନିର୍ଦ୍ଦେଶକ ନିର୍ବାଚିତ ହେଲେ ପ୍ରଣବ ଦାସ

**ଭୁବନେଶ୍ୱର,୩୦-୬**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ପ୍ରଣବ ଦାସ ବ୍ରୁସେଲସ୍ଥିତ ବିଶ୍ୱ ସୀମା ଶୁଳ୍କ ପ୍ରତିଷ୍ଠାନ (ଡବ୍ଲ୍ୟୁସିଓ)ର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ଜଣେ ଓଡ଼ିଆ ତଥା ପ୍ରଥମ ଭାରତୀୟ ଭାବେ ଦାସ ଏଭଳି ପଦବୀକୁ ନିର୍ବାଚିତ ହୋଇଥିବାରୁ ସେ ରାଜ୍ୟ ତଥା ଦେଶ ଲାଗି ଗୌରବ ଆଣିଛନ୍ତି। ୫ ବର୍ଷ ଲାଗି ଉକ୍ତ ପଦବୀରେ ସେ କାର୍ଯ୍ୟ କରିବେ। ଦାସ ବର୍ତ୍ତମାନ ପରୋକ୍ଷ ଟିକସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ଅଧକ୍ଷ ଭାବେ ଅବସ୍ଥାପିତ। ଡବ୍ଲ୍ୟୁସିଓ ୧୮୩ ସଦସ୍ୟ ବିଶିଷ୍ଟ ଏକ ଅନ୍ତର୍ଜାତୀୟ ପ୍ରତିଷ୍ଠାନ। ଉକ୍ତ ପଦବୀ ଲାଗି ହୋଇଥିବା ନିର୍ବାଚନରେ ବ୍ରିଟେନର କଷ୍ଟମ ଅଧିକାରୀଙ୍କୁ ପଛରେ ପକାଇ ଦାସ ଅନୁପାଳନ ଏବଂ ଫାସିଲିଟେଶନ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବା ସିବିଆଇସି ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଦାସ ୧୦୮ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ୬୮ ଭୋଟ ମିଳିଥିଲା। ଦାସଙ୍କ ପୂର୍ବରୁ ଦେଶର ୩ କଷ୍ଟମ ଅଧିକାରୀ ଏହି ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱୀତା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଚଳିତ ବର୍ଷ ଜାନୁୟାରୀରେ କେନ୍ଦ୍ର ସରକାର ତାଙ୍କୁ ସିବିଆଇସିର ଅଧକ୍ଷ ପଦବୀରେ ନିଯୁକ୍ତ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ସ୍ନାତକ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସିଭିଲ ଓକିଲ ସ୍ୱର୍ଗତ ରମେଶ ଚନ୍ଦ୍ର ଦାସଙ୍କ ସେ ପୁତ୍ର।




ରାଜ୍ୟ ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ୨୭.୮୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ଦିଆଯାଉଛି। ନିଗମର ସିଏମ୍‌ଡି ବିଶାଲ କୁମାର ଦେବ, ବିତ୍ତ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ଡ. ପ୍ରବୋଧ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

## ନୂଆ ରଙ୍ଗରେ ଆସିଲା ଟିଭିଏସ୍ ଏନ୍‌ଟର୍କ

**ହୋସୁର,୩୦-୬**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ସ୍କୁଟର ମଡେଲ ଏନ୍‌ଟର୍କ ୧୨୫ ନୂଆ ମେଟ୍ ସିଲଭର ରଙ୍ଗରେ ବଜାରକୁ ଆସିଛି। କମ୍ପାନୀ ଏହାକୁ ଦେଶର ପ୍ରଥମ କନେକଟେଡ ସ୍କୁଟର ଭାବେ ବଜାରକୁ ଆଣିଥିଲା। ଏହା ୨୦୧୮-୧୯ ଆର୍ଥିକ ବର୍ଷରେ ସବୁଠାରୁ ଅଧିକ ଆୱାର୍ଡ ଲାଭ କରିଥିବା ସ୍କୁଟର ଭାବେ ପରିଗଣିତ ହେଉଛି। ଏହାକୁ ବିଚାର କରି ସ୍କୁଟର ଅଫ୍ ଦି ଇୟର ଚିହ୍ନକୁ କମ୍ପାନୀ ଯାନଗୁଡିକରେ ସ୍ଥାନୀତ କରିବ। ୨୦୧୮ ଫେବୃୟାରୀ ବଜାରକୁ ଆସିଥିବା ଏହି ଯାନ ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିଲା। ଅଟୋମୋଟିଭ କ୍ଷେତ୍ରରେ ୯ ଇଣ୍ଡଷ୍ଟ୍ରି ଆୱାର୍ଡ ଏହା ବର୍ତ୍ତମାନ ସୁଦ୍ଧା ଲାଭ କରିଛି। ଗ୍ରାହକ ଏବଂ ଅଂଶୀଦାରଙ୍କଠାରୁ ଏହା ଉନ୍ନତ ରେସପନ୍ସ ଲାଭ କରିଛି। ମଡେଲଟି ୨ ଲକ୍ଷ ୟୁନିଟ ବିକ୍ରି ସ୍ତର ଟପିଛି। ଏଥିରେ ପରଫରମାନ୍ସ, ଷ୍ଟାଇଲ ଏବଂ ଟେକ୍ନୋଲୋଜିକୁ ପ୍ରାଥମିକତା ଦିଆଯାଇଥିବା ଟିଭିଏସ୍ ପକ୍ଷରୁ ସୂଚନା ରହିଛି। ଟିଭିଏସ୍‌ର ସ୍ମାର୍ଟଜୋନେକ୍ଟ ସହ ସିଙ୍ଗଲ ସିଲିଣ୍ଡର, ୪ ଷ୍ଟ୍ରୋକ, ୩ ବଲବ, ଏୟାର କୁଲ୍‌ଡ ଏସ୍‌ଓଏଚ୍‌ସି ଇଞ୍ଜିନ ଭଳି ଅନ୍ୟ ଷ୍ଟେଟ ଅଫ୍ ଆର୍ଟ ଫିଚର ଏଥିରେ ରହିଛି। ଯାନଟି ମେଟ ୟେଲୋ, ମେଟ ହ୍ୱାଇଟ, ମେଟ୍ ରେଡ, ମେଟାଲିକ ବ୍ଲୁ, ମେଟାଲିକ ଗ୍ରେ ଏବଂ ମେଟାଲିକ ରେଡ ରଙ୍ଗ ସହ ଆସୁଛି। ମେଟ୍ ସିଲଭର ମଡେଲଟି ଡିସ୍କ ଭାରିଆଣ୍ଟରେ ଆସୁଛି।




## ଯାଜପୁର ରୋଡ୍‌ରେ ଗୋ-ଷ୍ଟେପ୍ ଶୋ'ରୁମ

**ଭୁବନେଶ୍ୱର,୩୦-୬**

ରାମ୍‌ଜୀ ଏଣ୍ଟରପ୍ରାଇଜେସର ଦ୍ୱିତୀୟ ଚେନ୍ ଷ୍ଟୋର ଗୋଷ୍ଟେପ୍ ଯାଜପୁର ରୋଡଠାରେ ଖୋଲିଛି। ଏଠାରେ ଗ୍ରାହକ ପ୍ରିମିୟମ ଫୁଟୱେର ପ୍ରଡକ୍ଟ ଲାଭ କରିପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ଏଠାରେ ପ୍ରଡକ୍ଟ ଉପଲବ୍ଧ। ଷ୍ଟୋରରେ ଗ୍ରାହକମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡଗୁଡିକ ଲାଭ କରିପାରିବେ। ନାଇକ୍, ସ୍କେଚର୍ସ, ଲିବର୍ଟି, ଲିକୁପର, ରେଡ୍‌ଟିପ୍, ଉଡ୍‌ଲ୍ୟାଣ୍ଡ, ଟ୍ରେସର, ଡ୍ୟୁକ୍,ହିଟ୍‌ଜ, ଆଇଡି ଭଳି ଅନ୍ୟ ପ୍ରମୁଖ ବ୍ରାଣ୍ଡର ପ୍ରଡକ୍ଟ ଏଠାରେ ରହିଛି। ରାଜ୍ୟର ପ୍ରମୁଖ ସହରରେ ଏଭଳି ଆଉ ୫ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା ରାମ୍‌ଜୀ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ ଚେଷ୍ଟା ଜାରି ରହିବ ବୋଲି ଶୋ'ରୁମ ଓନର ଶୈଳେଶ ତ୍ରିପାଠୀ କହିଛନ୍ତି।

## ଏଆର୍‌ସିସି ଚତୁର୍ଥ ରାଉଣ୍ଡରେ ହୋଣ୍ଡା ଟିମ୍

**ଭୁବନେଶ୍ୱର,୩୦ -୬**

ଏଫ୍‌ଆଇଏମ୍ ଏସିଆନ୍ ରୋଡ୍ ରେସିଂ ଚାମ୍ପିୟନଶିପର ଚତୁର୍ଥ ରାଉଣ୍ଡରେ ଭାଗନେବା ଲାଗି ହୋଣ୍ଡାର ଭାରତୀୟ ଟିମ୍ ଆଇଡେମିଶୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ଜାପାନରେ ପହଞ୍ଚିଛି। ସେଠାକାର ସୁଜୁକା ସର୍କିଟରେ ଏହି ଟିମ୍ ରେସିଂରେ ଯୋଗଦେବ। ଚଳିତ ସିଜନରେ ହୋଣ୍ଡା ଭାରତୀୟ ଟିମ୍ ୨୨ ପଏଣ୍ଟ ହାସଲ କରି ଏସିଆ ପ୍ରଡକ୍ସନ ୨୫୦ ଶ୍ରେଣୀରେ ଶ୍ରେଷ୍ଠ ୭ ମଧ୍ୟରେ ସ୍ଥାନିତ ହୋଇଛି। ଆମର ଭାରତୀୟ ଟିମ୍ ପାଇଁ ୨୦୧୯ ବର୍ଷ ବହୁତ ଭଲ ସାବ୍ୟସ୍ତ ହୋଇଛି ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ବିଆର୍ ଲାଇଫ୍ କଳିଙ୍ଗ ହେବ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର

**ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଆର୍ ଲାଇଫ୍ ଗ୍ରୁପ ଏକ ଲୋକପ୍ରିୟ ନାମ। ଏହା ବର୍ତ୍ତମାନ ଭୁବନେଶ୍ୱର ସମେତ ବାଙ୍ଗାଲୋର, ତ୍ରିଭେନ୍ଦ୍ରମ, ଉଡୁପି ଭଳି ସ୍ଥାନରେ ୫ ହସ୍ପିଟାଲ ସହ ସେବା ଯୋଗାଉଛି। ଦେଶର ବିଭିନ୍ନ ସ୍ଥାନରେ ଏହା ହସ୍ପିଟାଲ ଅଧିଗ୍ରହଣ ସହ ନୂଆ ଫାସିଲିଟି ସ୍ଥାପନ କରୁଛି। ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲକୁ ଅଧିଗ୍ରହଣ କରିବା ପରେ ଏହାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର ଭାବେ ଗଢି ତୋଳିବା ନେଇ ଗ୍ରୁପ ଲକ୍ଷ୍ୟ ରଖିଛି। ଦେଶର ହେଲ୍‌ଥ କେୟାର ସିଷ୍ଟମ ଏବଂ ଗ୍ରୁପର ଯୋଜନା ସମ୍ପର୍କରେ ଧରିତ୍ରୀକୁ ଏହାର ସିଇଓ କଲୋନେଲ ହେମରାଜ ସିଂ ପାରମାର ଦେଇଥିବା ସାକ୍ଷାତ୍‌କାର...**



କଲୋନେଲ ହେମରାଜ ସିଂ ପାରମାର
ସିଇଓ, ବିଆର୍ ଲାଇଫ୍

■ **ଦେଶର ୧.୩ ବିଲିୟନ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ନେଇ କର୍ପୋରେଟ ହେଲଥ କେୟାର ସିଷ୍ଟମ ସକ୍ଷମ ହୋଇଛି କି? କ'ଣ କହିବେ।**

ସରକାର ବର୍ତ୍ତମାନ ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ଯୋଜନା ଆଣିଛନ୍ତି। ଏହା ଦ୍ୱାରା ୪୦-୫୦ କୋଟି ଲୋକ ଲାଭବାନ ହୋଇପାରିବେ। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଲୋକମାନେ ମାଗଣା ପାଇ ପାରିବେ। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ ଏହା ପ୍ରଥମ ପଦକ୍ଷେପ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ ଘରୋଇ କ୍ଷେତ୍ରର ହସ୍ପିଟାଲ ଗୁଡିକ ପ୍ରମୁଖ ଭାଗୀଦାରି ରହିବେ।

■ **ବିଆର୍ ଲାଇଫ୍ କଳିଙ୍ଗରେ ସୁଲଭ ସ୍ୱାସ୍ଥ୍ୟ ସେବାକୁ କେମିତି ବିଚାର କରୁଛନ୍ତି?**

ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଣକୁ ଅଗ୍ରାଧିକାର ଦେଉଛୁ। ଓଡ଼ିଶାରେ ଏବେବି ଉନ୍ନତ ସ୍ୱାସ୍ଥ୍ୟସେବାର ଅଭାବ ରହିଛି। ଲୋକଙ୍କୁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ହସ୍ପିଟାଲ ସଂଖ୍ୟା ମଧ୍ୟ କମ୍ ରହିଛି। ଲୋକେ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏଠାରେ ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମ ଗ୍ରୁପ ଅଧକ୍ଷ ଡ.ବି.ଆର୍. ସେଟ୍ଟୀଙ୍କ ଲକ୍ଷ୍ୟ। ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ମେଡିକାଲ ଖର୍ଚ୍ଚକୁ ୨୦ରୁ ୩୦% କମ୍ ରଖିବାକୁ ଗୁରୁତ୍ୱ ଦେବୁ।

■ **ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିବେଶ କରୁଥିବା ସଂସ୍ଥାଗୁଡିକ ଲାଗି ରାଜ୍ୟ ସରକାରଙ୍କ ସହଯୋଗ କିଭଳି ରହିଛି?**

ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ଆଗକୁ ବଢୁଛୁ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହସ୍ପିଟାଲରେ କାର୍ଯ୍ୟକାରୀ ହୋଇଛି। ଆୟୁଷ୍ମାନ ଭାରତ ଲାଇନ୍‌ଅପରେ କାର୍ଯ୍ୟ କରିବୁ। ଶୀଘ୍ର କଳିଙ୍ଗ ହସ୍ପିଟାଲରେ ୭୦ ଅତିରିକ୍ତ ବେଡ୍ ସଂଯୋଗ କରାଯିବ। ୬ ନୂଆ ଷ୍ଟେଟ ଅଫ୍ ଆର୍ଟ ଓଟି, ଆଇସିୟୁ, କନ୍‌ସଲଟେଶନ ରୁମ ଏବଂ ଏମ୍‌ଆର୍‌ଆଇ ଭିତ୍ତିଭୂମିର ଉନ୍ନତୀକରଣ ହେବ। ଗ୍ରୁପ ପକ୍ଷରୁ ଏଠାରେ ନୂଆ ମେଡିକାଲ କଲେଜ ସ୍ଥାପନ ନେଇ ବିଚାର କରାଯାଉଛି। ସେହିଭଳି ରାଜ୍ୟର କିଛି ମେଡିକାଲକୁ ଅଧିଗ୍ରହଣ ପାଇଁ ଚିନ୍ତା କରୁଛୁ। ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଯୋଜନା ନେଇ ଆଲୋଚନା ଜାରି ରହିଛି। ରାଜ୍ୟରେ ସମ୍ପ୍ରସାରଣ ଧାରା ଜାରି ରଖିବୁ।

■ **ମେଡିକାଲ ବର୍ଜ୍ୟ ପରିଚାଳନା ନେଇ ହସ୍ପିଟାଲ କିଭଳି ପଦକ୍ଷେପ ନେଉଛି?**

ହସ୍ପିଟାଲରୁ ବାହାରୁ ଥିବା ମେଡିକାଲ ବର୍ଜ୍ୟର ପରିଚାଳନା ଲାଗି ଯତ୍ନବାନ ଅଛୁ। ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ମେଶିନେରୀ ବ୍ୟବସ୍ଥା ସ୍ଥାପନ କରିଛୁ। ସଂକ୍ରମଣ ନିୟନ୍ତ୍ରଣ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନିୟମ ଅନୁସାରେ ପଦକ୍ଷେପ ନେଉଛୁ।

■ **ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ବିଆର୍ ଲାଇଫ କଳିଙ୍ଗକୁ କାହିଁକି ସ୍ୱତନ୍ତ୍ର ବୋଲି ବିଚାର କରୁଛନ୍ତି?**

କଳିଙ୍ଗ ହସ୍ପିଟାଲ ଉପରେ ଗତ ୨୦ ବର୍ଷ ହେବ ଲୋକଙ୍କର ଭରସା ରହି ଆସିଛି। ଏହାକୁ ଆମେ ଆହୁରି ଦୃଢ କରିବୁ। ନୂଆ ଟକ୍ନୋଲୋଜି ଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ହାର୍ଟ, ଲଙ୍ଗ୍, କିଡନୀ,ପାନକ୍ରିଆଜ, କର୍ଣ୍ଣିଆଲ ପ୍ରତ୍ୟାରୋପଣ ଏବଂ ଅନ୍ୟ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଣ ଲକ୍ଷ୍ୟ ରହିଛି। ଏଠାରେ ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ କରିବୁ। ଏଗୁଡିକ ଅନ୍‌କୋଲୋଜି, ଟ୍ରାନ୍ସପ୍ଲାଣ୍ଟେଶନ ପ୍ରୋଗ୍ରାମ, ନ୍ୟୁରୋ ସାଇନ୍ସ, କାର୍ଡିଆକ୍ ସାଇନ୍ସ, ଆଇଭିଏଫ୍ ଏଣ୍ଡ୍ରୋଲୋଜି, ବୋନମାରୋ ଟ୍ରାନ୍ସପ୍ଲାଣ୍ଟେଶନ ବର୍ଗରେ ଆସିବ।

■ **ଦେଶର ମୋଟ ଜିଡିପିର ବହୁତ ସ୍ୱଳ୍ପ ଅଂଶ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଏହାକୁ ନେଇ ଆପଣଙ୍କ ମତ କ'ଣ?**

ଭାରତ ହେଲ୍‌ଥ କେୟାର କ୍ଷେତ୍ରରେ ମୋଟ ଜିଡିପିର ୪.୭% ଖର୍ଚ୍ଚ କରୁଛି। ଏହା ଆଖି ଦୃଶିଆ ନୁହେଁ। ଆମେରିକା ଏ କ୍ଷେତ୍ରରେ ପ୍ରାୟ ୧୮% ଖର୍ଚ୍ଚ କରୁଥିବା ବେଳେ ଏହା ୨୫% ବଢିବା ନେଇ ଆକଳନ କରାଯାଇଛି। ଆମେରିକାର ହେଲ୍‌ଥ କେୟାର ଶିଳ୍ପ ମଧ୍ୟ ବଡ। ଦେଶର ଜନସଂଖ୍ୟା ଆମେରିକାଠାରୁ ୪ ଗୁଣ ଅଧିକ। ଏଣୁ ଏ କ୍ଷେତ୍ରରେ ଅନେକ କାମ କରିବାର ବାକି ରହିଛି। ଏ ଦିଗରେ ବିଆର୍ ଲାଇଫ୍ ନିଜର ଯୋଗଦାନ ରଖୁଛି।

■ **ଆଗାମୀ ୫ ବର୍ଷରେ ବିଆର୍ ଲାଇଫ୍ ଦେଶର ହେଲ୍‌ଥ କେୟାର ସିଷ୍ଟମକୁ କିଭଳି ଯୋଗଦାନ ରଖିବ ବୋଲି ଆଶା କରୁଛନ୍ତି?**

ଆଗାମୀ ୫ ବର୍ଷରେ ୧୦ରୁ ୧୫ ହଜାର ବେଡ୍ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛୁ। ୮ରୁ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୦ ହଜାର ବେଡ୍ ସଂଯୋଗ ଯୋଜନା ରଖାଯାଇଛି।

– ରିପୋର୍ଟ: ସତ୍ୟାନନ୍ଦ ନାୟକ





# ରୋହିତଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ବର୍ମିଂହାମ, ୩୦।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଫେଭରାଇଟ୍ ବିବେଚିତ ହେଉଥିବା ବିରାଟ କୋହଲିଙ୍କ ଭାରତୀୟ ଦଳ ପ୍ରଥମ ପରାଜୟ ବରଣ କରିଛି। ରବିବାର ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୩୮ତମ ମ୍ୟାଚ୍‌ରେ ଇଂଲଣ୍ଡ ୩୧ ରନରେ ଭାରତକୁ ପରାସ୍ତ କରି ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ଭାରତର ଏହି ପରାଜୟ ପାକିସ୍ତାନର ଚିନ୍ତା ବଢ଼ାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୬ ରନ କରି ପରାସ୍ତ ହୋଇଛି। । ଇଂଲଣ୍ଡ ଏଥିସହିତ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇ ପାକିସ୍ତାନକୁ ହଟାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ଭାରତ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ୧ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛି। ୧୧୧ରନର ଶତକୀୟ ପାଳି ଖେଳିଥିବା ଇଂଲଣ୍ଡ ଓପନର ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୩୮ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଓପନର ଲୋକେଶ ରାହୁଲଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ଫିଲ୍ଡିଂ କଲାବେଳେ ଆହତ ହୋଇଥିବା ରାହୁଲ ୯ଟି ବଲର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ନ ପାରି କ୍ରିସ୍ ୱୋକ୍ସଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ପ୍ରଥମ ଉଇକେଟ ତାରକା ଓପନର ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦେଖି ଚାହିଁ ବ୍ୟାଟିଂ କରିଥିଲେ ଓ ୧୫୪ ବଲରୁ ୧୩୮ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ କୋହଲି ୭୬ ବଲରୁ ୭ ଚୌକା ସହ ୬୬ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଲିଅମ ପ୍ଲଙ୍କେଟଙ୍କ ଲେନ୍ଥ ବଲ୍‌କୁ ଷ୍ଟିୟର କରିବାକୁ ଯାଇ ବ୍ୟାକ୍‌ୱାର୍ଡ ପଏଣ୍ଟରେ ବଦଳ ଖେଳାଳି ଜେମ୍ସ ଭିନ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରୋହିତ ଶର୍ମା ୧୦୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦୨ ରନର ଶତକୀୟ ପାଳି ଖେଳି ୱୋକ୍ସଙ୍କ ବଲ୍‌ରେ ଉଇକେଟକିପର ବଟଲରଙ୍କ ହାତରେ ଧରା ପଡିଥିଲେ। ସେ ଥାର୍ଡମ୍ୟାନ ଉପରେ ଦେଇ ମାରିବାକୁ ଚେଷ୍ଟା କରିଥିଲେ। ତେବେ ବଲ ବ୍ୟାଟ୍‌ର ଏଜ୍ ନେଇଥିଲା। ଏଥିସହିତ ବିଶ୍ୱକପ୍‌ରେ ରୋହିତ ତାଙ୍କର ତୃତୀୟ ଓ କ୍ୟାରିୟରର ୨୫ତମ ଦିନିକିଆ ଶତକ ହାସଲ କରି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ପୂର୍ବରୁ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୩ଟି ଶତକ ଅର୍ଜନ କରି ରେକର୍ଡ କରିଥିଲେ। ଏହାପୂର୍ବରୁ ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୧୨୨ ଓ ପାକିସ୍ତାନ ବିପକ୍ଷରେ ୧୪୦ରନର ଶତକୀୟ ପାଳି ଖେଳିଥିଲେ। ଏହାପରେ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ନବାଗତ ରିଷଭ ପନ୍ତ ୨୯ ବଲରୁ ୪ ଚୌକା ସହ ୩୨ ରନ କରି ପ୍ଲଙ୍କେଟଙ୍କ ବଲ୍‌ରେ ଜୋରଦାର ଶଟ୍ ଖେଳିବାକୁ ଯାଇ ସ୍କୋୟାର ଲେଗ୍ ବାଉଣ୍ଡାରୀହରେ ୱୋକ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ତେବେ ପାଣ୍ଡ୍ୟା ୩୩ ବଲରୁ ୪ ଚୌକା ସହ ୪୫ ରନ କରିଥିବା ବେଳେ ଛକା ମାରିବାକୁ ଯାଇ ପ୍ଲଙ୍କେଟଙ୍କ ବଲ୍‌ରେ ଭିନ୍ସଙ୍କୁ ଲଙ୍‌ଅନ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଧୋନୀ ୩୧ ବଲରୁ ୪ ଚୌକା ଓ ୧ ଛକା ସହ ୪୨, କେଦାର ଯାଦବ ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ପ୍ଲଙ୍କେଟ ୩ ଓ ୱୋକ୍ସ ୨ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଘରୋଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଇଞ୍ଜୁରି କାରଣରୁ ୪ଟି ମ୍ୟାଚ୍‌ରୁ ବାଦ୍ ପଡିଥିବା ଜାସନ ରୟ ଏହି ମୁକାବିଲାରେ ପ୍ରତ୍ୟାବର୍ତ୍ତନ କରି ଦମ୍ ଦେଖାଇଛନ୍ତି। ଓପନିଂ ଯୋଡିରେ ରୟ ଓ ଜନି ବେୟାରଷ୍ଟୋ ୧୩୩ ବଲରୁ ୧୬୦ ରନ ସଂଗ୍ରହ କରି ଦଳକୁ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ ଓ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ତେବେ ରୟ ୫୭ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହ ଦ୍ରୁତ ୬୬ ରନ କରି ଚାଇନାମ୍ୟାନ କୁଲଦୀପଙ୍କ ବଲରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଲଙ୍‌ଅନ୍‌ରେ ଜାଡେଜା ଏହି ଅବିଶ୍ୱସନୀୟ କ୍ୟାଚ୍ ନେଇଥିଲେ ଓ ଭାରତକୁ ବ୍ରେକ୍ ଥ୍ରୁ ମିଳିଥିଲା। ଏହାପରେ ବେୟାରଷ୍ଟୋ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବଲ୍‌କୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ଠିକ୍‌ଭାବେ ବାଉନ୍ସ କରି ନ ଥିବାରୁ ଡିପ୍ ପଏଣ୍ଟରେ ରିଷଭ ପନ୍ତ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଏଥିସହ ବେୟାରଷ୍ଟୋ କ୍ୟାରିୟରର ଅଷ୍ଟମ ଦିନିକିଆ ଶତକ ହାସଲ କରିଥିଲେ। ଏକଦା ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୨୦୫ ରନ କରି ବେଶ୍ ଦୃଢ ସ୍ଥିତିରେ ଥିଲା ଆହୁରି ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଥିଲା ତେବେ ଏହି ସ୍କୋରରେ ବେୟାରଷ୍ଟୋ ଆଉଟ ହେବା ପରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସାମି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ କୌଣସି ସୁଯୋଗ ନ ଦେଇ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଧିପତ୍ୟ ବିସ୍ତାରକରି ଖେଳିଥିଲେ।


ଜନି ବେୟାରଷ୍ଟୋ

ଅଧିନାୟକ ଇଅନ ମୋର୍ଗାନ କିନ୍ତୁ ବିଫଳ ହୋଇଥିଲେ। ୯ଟି ବଲର ସମ୍ମୁଖୀନ ହୋଇ ମାତ୍ର ୧ ରନ କରିଥିବା ବେଳେ ସେ ସାମିଙ୍କ ଶର୍ଟ ବଲକୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଫାଇନାଲ ଲେଗ୍‌ରେ କେଦାର ଯାଦବ ତାଙ୍କ କ୍ୟାଚ୍ ନେଇଥିଲେ। ଇନ୍ ଫର୍ମ ଜୋ ରୁଟ୍ ୫୪ଟି ବଲ୍ ଖେଳି ୨ ଚୌକା ସହ ୪୪ ରନ କରିଥିବା ବେଳେ ଫାଇନ୍ ଲେଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ରୁଟ୍ ଓ ବେନ୍ ଷ୍ଟୋକ୍ସ ୬୩ ବଲରୁ ୭୦ ରନ ସଂଗ୍ରହ କରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୧ ଚୌକା ଓ ୨ ଛକା ସହ ୮ ବଲରୁ ୨୦ ରନ କରି ସାମିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର କ୍ରିସ୍ ୱୋକ୍ସ ମାତ୍ର ୭ ରନ କରିଥିବା ବେଳେ ସାମିଙ୍କ ପଞ୍ଚମ ଶିକାର ହୋଇଥିଲେ। ସାମିଙ୍କ ଶଟ ବଲ ଖେଳିବାକୁ ଯାଇ ୱୋକ୍ସ ଡିପ୍ ସ୍କୋୟାରରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଷ୍ଟୋକ୍ସଙ୍କ ପାଳି ପଡିଥିଲା। ଇନିଂସର ୨ଟି ବଲ୍ ବାକିଥିବା ବେଳେ ଷ୍ଟୋକ୍ସ ୬ ଚୌକା ଓ ୩ ଛକା ସହ ୫୪ ବଲରୁ ୭୯ ରନ କରିଥିବା ବେଳେ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ସିଧାସଳଖ ଫାଇନ ଲେଗ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଲିଅମ ପ୍ଲଙ୍କେଟ ୧ ଓ ଜୋଫ୍ରା ଆର୍ଚର ବିନା ସ୍କୋରରେ ଅପରାଜିତ ରହିଥିଲେ। ଚହଲ ଓ କୁଲଦୀପ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ଓ କୁଲଦୀପଙ୍କୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ୧୨ଟି ଚୌକା ଓ ୯ଟି ଛକା ମାରିଥିଲେ। ଭାରତ ଟ୍ରମ୍ପକାର୍ଡ ବିବେଚିତ ହେଉଥିଲେ ମଧ୍ୟ ଏହି ଦୁଇ ରିଷ୍ଟ ସ୍ପିନରଙ୍କୁ ବେୟାରଷ୍ଟୋ ଓ ରୟ ଭଲଭାବେ ପଢ଼ିବାରେ ସକ୍ଷମ ହୋଇଥିଲେ। ଏହି ମ୍ୟାଚ ଦୁଇ ସ୍ପିନରଙ୍କ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ବୁମ୍‌ରା ଏକମାତ୍ର ବୋଲର ଭାବେ କଞ୍ଜୁସ୍ ବୋଲିଂ କରିଥିଲେ। ଗୋଟିଏ ମେଡେନ ନେବା ସହ ସେ ୪୪ ରନ ବ୍ୟୟ କରିଥିଲେ। ବୋଲିଂରେ ସାମି ସର୍ବାଧିକ ୫, ବୁମ୍‌ରା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚ୍‌ରେ ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ବିଜୟ ଶଙ୍କରଙ୍କ ସ୍ଥାନରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ଇଂଲଣ୍ଡ ଦଳକୁ ଓପନର ରୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜେମ୍ସ ଭିନ୍ସଙ୍କ ସ୍ଥାନରେ ରୟ ଓ ମୋଇନ ଅଲିଙ୍କ ସ୍ଥାନରେ ପ୍ଲଙ୍କେଟଙ୍କୁ ସ୍ଥାନ ମିଳିଛି।

## ସ୍କୋର ବୋର୍ଡ

### ଇଂଲଣ୍ଡ ଇନିଂସ

ଜାସନ-କ-ଜାଡେଜା(ଅ)-କୁଲଦୀପ-୬୬
ବେୟାରଷ୍ଟୋ-କ-ପନ୍ତ-ବୋ-ସାମି-୧୧୧
ରୁଟ-କ-ପାଣ୍ଡ୍ୟା-ବୋ-ସାମି-୪୪
ମୋର୍ଗାନ-କ-କେଦାର-ବୋ-ସାମି-୧
ଷ୍ଟୋକ୍ସ-କ-ଜାଡେଜା (ଅ)-ବୋ-ବୁମ୍‌ରା-୭୯
ବଟଲର-କ ଆଣ୍ଡ ବୋ-ସାମି-୨୦
ୱୋକ୍ସ-କ-ରୋହିତ-ବୋ-ସାମି-୭
ପ୍ଲଙ୍କେଟ-ନଟଆଉଟ-୧
ଆର୍ଚେର-ନଟଆଉଟ-୦
ଅତିରିକ୍ତ-୮
ମୋଟ(୭ ଉଇକେଟ, ୫୦ ଓଭର) ୩୩୭
ଉଇକେଟ ପତନ: ୧/୧୬୦, ୨/୨୦୫, ୩/୨୦୭, ୪/୨୭୭, ୫/୩୧୦, ୬/୩୧୯, ୭/୩୩୬।

### ବୋଲିଂ(ଭାରତ)

ସାମି ୧୦-୧-୬୯-୫
ବୁମ୍‌ରା ୧୦-୧-୪୪-୧
ଚହଲ ୧୦-୦-୮୮-୦
ପାଣ୍ଡ୍ୟା ୧୦-୦-୬୦-୦
କୁଲଦୀପ ୧୦-୦-୭୨-୧।

### ଭାରତ ଇନିଂସ

ଲୋକେଶ-କ-ଆଣ୍ଡ ବୋ-ୱୋକ୍ସ-୦
ରୋହିତ-କ-ବଟଲର-ବୋ-ୱୋକ୍ସ-୧୦୨
କୋହଲି-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୬୬
ପନ୍ତ-କ-ୱୋକ୍ସ-ବୋ-ପ୍ଲଙ୍କେଟ-୩୨
ପାଣ୍ଡ୍ୟା-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୪୫
ଧୋନୀ-ନଟଆଉଟ-୪୨
କେଦାର-ନଟଆଉଟ-୧୨
ଅତିରିକ୍ତ-୭
ମୋଟ(୫ ଉଇକେଟ, ୫୦ ଓଭର) ୩୦୬
ଉଇକେଟ ପତନ: ୧/୮, ୨/୧୪୬, ୩/୧୯୮, ୪/୨୨୬, ୫/୨୬୭।

### ବୋଲିଂ(ଇଂଲଣ୍ଡ)

ୱୋକ୍ସ ୧୦-୩-୫୮-୨
ଆର୍ଚେର ୧୦-୦-୪୫-୦
ପ୍ଲଙ୍କେଟ ୧୦-୦-୫୫-୩
ଉଡ୍ ୧୦-୦-୭୩-୦
ରଶିଦ ୬-୦-୪୦-୦
ଷ୍ଟୋକ୍ସ ୪-୦-୩୪-୦


ଶତକୀୟ ଇନିଂସ ଅବସରରେ ରୋହିତ ଶର୍ମା।

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଲର୍ଡ୍ସ,୨୯।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ୩୭ତମ ମ୍ୟାଚ୍‌ରେ ଶନିବାର ଅଷ୍ଟ୍ରେଲିଆ ୮୬ ରନରେ ପଡୋଶୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ୧୪ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୧୧ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୩.୪ ଓଭରରେ ୧୫୭ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଛି। ୭୧ରନର ଉପଯୋଗୀ ଇନିଂସ ଖେଳିଥିବା ଅଷ୍ଟ୍ରେଲୀୟ ଉଇକେଟକିପର ଆଲେକ୍ସ କାରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୪୪ ରନର ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଅଧିନାୟକ କେନ୍ ୱିଲିୟମସନ ସର୍ବାଧିକ ୪୦ ରନ କରିଆଉଟ ହୋଇଥିଲେ। ସେହିପରି ଅଭିଜ୍ଞ ରସ ଟେଲର ୩୦, ମାର୍ଟିନ ଗୁପ୍ଟିଲ ୨୦, ଉଇକେଟକିପର ଟମ୍ ଲାଥମ ୧୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଉସ୍‌ମାନ ଖ୍ୱାଜା (୮୮ ରନ) ଓ ଆଲେକ୍ସ କାରେ (୭୧)ଙ୍କ ଉପଯୋଗୀ ଇନିଂସ ବଳରେ ୯ ଉଇକେଟ ହରାଇ ୨୪୩ ରନ୍ କରିଥିଲା। ଡେଭିଡ୍ ୱାର୍ନର ୧୬, ଆରୋନ ଫିଞ୍ଚ୍ ୮, ମାର୍କସ ଷ୍ଟୋଇନିସ ୨୧, ପ୍ୟାଟ କୁମିନ୍ସ ୨୩ ରନ କରିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହ୍ୟାଟ୍ରିକ୍ ସହ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୪ ଉଇକେଟ ନେଇଥିଲେ। ଲୋକି ଫର୍ଗୁସନ ଓ ଜିମ୍ମି ନିଶାମ ୨ଟି ଲେଖାଏ, କେନ ୱିଲିୟମସନଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



## ଷ୍ଟାର୍କଙ୍କ ସ୍ୱତନ୍ତ୍ର ରେକର୍ଡ

**ଲର୍ଡ୍ସ,୩୦।୬**

ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ଦଳ ଆଇକନିକ ଗ୍ରାଉଣ୍ଡରେ ଚିରପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡକୁ ୮୬ ରନ୍‌ର ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ମ୍ୟାଚ୍‌ରେ ୫ ଉଇକେଟ ନେବା ସହ ଷ୍ଟାର୍କ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ୩ଥର ୫ ଉଇକେଟ ନେବାର ସଫଳତା ପାଇଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଷ୍ଟାର୍କ ଅକ୍‌ଲାଣ୍ଡଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୬ ଉଇକେଟ ନେଇଥିଲେ। ବିଶ୍ୱକପ୍ ଇତିହାସରେ ଏକ ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ଦୁଇ ଥର ୫ ଉଇକେଟ ନେବାରେ ଷ୍ଟାର୍କ ଏକମାତ୍ର ବୋଲର। ଚଳିତ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ନେଇଥିଲେ। ଏଥିସହ ୨୪ ଉଇକେଟ ସହ ଷ୍ଟାର୍କ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇ ରହିଛନ୍ତି। ବିଶ୍ୱକପ୍‌ର ଦୁଇଟି ସଂସ୍କରଣରେ ସେ ମୋଟ ୪୬ ଉଇକେଟ ନେଇସାରିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୪ ରନ୍‌ର ବିଜୟ ଲକ୍ଷ୍ୟ ଆଗରେ ନ୍ୟୁଜିଲାଣ୍ଡ ୧୫୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ଚହଲଙ୍କ ଅଲୋଡ଼ା ରେକର୍ଡ

**ବର୍ମିଂହାମ, ୩୦।୬(ପି.ଟି.)**

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ନିଜ ୧୦ ଓଭର କୋଟାରେ ୮୮ ରନ ବ୍ୟୟ କରିବା ସହ ଉଇକେଟ୍‌ଶୂନ୍ୟ ରହି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଯେଉଁଥିରେ ୭ ଚୌକା ଓ ୬ ଛକା ସାମିଲ ରହିଛି। ଦିନିକିଆ କ୍ରିକେଟ୍‌ରେ ଚହଲଙ୍କ ଏହା ସବୁଠାରୁ ଖରାପ ବୋଲିଂ ସ୍ପେଲ ମଧ୍ୟ ହୋଇଛି। ଚହଲ ଏଥିସହ ବିଶ୍ୱକପ୍ ଇତିହାସରେ ସବୁଠାରୁ ମହଙ୍ଗା ବୋଲିଂ କରିଥିବା ଭାରତୀୟ ବୋଲର ହେବାର ଅଲୋଡ଼ା ରେକର୍ଡକୁ ନିଜ ନାମରେ କରିଛନ୍ତି। ପୂର୍ବରୁ ଜାଭାଗଲ ଶ୍ରୀନାଥ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଶ୍ରୀନାଥ ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ୮୭ ରନ ବ୍ୟୟ କରିଥିଲେ। ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ମହଙ୍ଗା ବୋଲିଂ କରିଥିବା ୫ ଭାରତୀୟ ବୋଲରଙ୍କ ସମ୍ପର୍କରେ ଟେବୁଲରେ ପ୍ରଦାନ କରାଗଲା।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୭** | **୫** | **୧** | **୦** | **୧** | **୧୧** | **+୦.୮୫୪** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |



ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଜିତିବା ପରେ ଅଷ୍ଟ୍ରେଲିଆ ଦଳର ମନୋବଳ ବହୁ ପରିମାଣରେ ବୃଦ୍ଧି ପାଇଛି ।
–ଆଲାନ ବର୍ଡର, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



କ୍ରମାଗତ ଦୁଇଟି ମ୍ୟାଚରେ ପାକିସ୍ତାନ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଥିଲେ ହେଁ ନ୍ୟୁଜିଲାଣ୍ଡ ଏବେ ମଧ୍ୟ ବିଶ୍ୱକପ ଦାବିଦାର ।
–ଡାନିଏଲ ଭିଟ୍ଟୋରୀ, ପୂର୍ବତନ ନ୍ୟୁଜିଲାଣ୍ଡ ଖେଳାଳି

## ସଂକ୍ଷେପରେ

### ଭାରତୀୟ ହକି ଗୋଲକିପର କ୍ୟାମ୍ପରେ ଓଡ଼ିଶାର ସାହିଲ



ନୂଆଦିଲ୍ଲୀ,୩୦।୬(ପିଟି): ଭାରତୀୟ ହକି ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଷ୍ଣା ବାହାଦୂର ପାଠକଙ୍କ ଭଳି ଦେଶର ଅନ୍ୟ ଗୋଲକିପରମାନଙ୍କ ଲାଗି ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯିବ। ନେଦରଲାଣ୍ଡସର ଲୋକପ୍ରିୟ ହକି ଗୋଲକିପର ଟ୍ରେନର ଡେନିସ ଭାନ୍ ଡେ ପୋଲଙ୍କ ତତ୍ତ୍ୱାବଧାନରେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ୭ ଦିନିଆ କ୍ୟାମ୍ପ ଚାଲିବ। ସେଠାରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ମଧ୍ୟ ଉପସ୍ଥିତ ରହିବେ। ଏହା ଚଳିତ ବର୍ଷର ପ୍ରଥମ ଗୋଲକିପର କ୍ୟାମ୍ପ। ଏହି କ୍ୟାମ୍ପ ଲାଗି ଓଡ଼ିଶାର ଯୁବ ଗୋଲକିପର ସାହିଲ କୁମାର ନାୟକ ମନୋନୀତ ହୋଇଛନ୍ତି। ଏହା କେବଳ ବର୍ତ୍ତମାନର ଗୋଲକିପର ନୁହେଁ, ଆଗାମୀ ଯୁବ ଗୋଲକିପରଙ୍କୁ ଫାଇଦା ଦେବ। ଏହା ଦ୍ୱାରା ଆମ ଗୋଲକିପରଙ୍କୁ ବିଶ୍ୱସ୍ତରୀୟ ଟ୍ରେନିଂ ମିଳିବ ବୋଲି ରିଡ୍ କହିଛନ୍ତି। ଡେନିସ ନେଦରଲାଣ୍ଡସର ଡ୍ରିଜଭର ଗୋଲି ଏକାଡେମୀଠାରେ ଦେଶର ଯୁବ ଗୋଲକିପର ଓ ବିଦେଶୀ ଦଳକୁ ଟ୍ରେନିଂ ପ୍ରଦାନ କରନ୍ତି। ସେ କାନାଡାର ମହିଳା ଦଳ ସହ ଜଡ଼ିତ ରହିଥିବାବେଳେ ଚାଇନା ଓ ପାକିସ୍ତାନରେ କାର୍ଯ୍ୟ କରିସାରିଛନ୍ତି।

### ଜାତୀୟ ଜୁନିୟର କ୍ୟାମ୍ପରେ ୫ ଓଡ଼ିଆ

ନୂଆଦିଲ୍ଲୀ,୩୦।୬(ପିଟି): ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ଆଗାମୀ ଜାତୀୟ ଜୁନିୟର ପୁରୁଷ କୋଚିଂ କ୍ୟାମ୍ପ ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ରବିବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୫ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସାହିଲ କୁମାର ନାୟକ(ଗୋଲକିପର), ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର (ଡିଫେଣ୍ଡର) ଓ ଗ୍ରେଗୋରୀ ଖେସ୍ (ମିଡ୍‌ଫିଲ୍ଡର)। ୪ ସପ୍ତାହ ଧରି ଚାଲିବାକୁ ଥିବା ଏହି କ୍ୟାମ୍ପ ଜୁଲାଇ ୨୭ରେ ଶେଷ ହେବ। ଏହି କ୍ୟାମ୍ପର ଲକ୍ଷ୍ୟ ହେବ ମୁଖ୍ୟ ଖେଳାଳିଙ୍କ ଫିଟ୍‌ନେସ୍ ବଜାୟ ରଖିବା, ଭବିଷ୍ୟତରେ ହେବାକୁ ଥିବା ଟୁର୍ନାମେଣ୍ଟ ଲାଗି ବିଭିନ୍ନ କମ୍ବିନେଶନକୁ ଖେଳାଇବା। ଏହି କ୍ୟାମ୍ପ ଲାଗି ଘୋଷିତ ଦଳରେ ଗତଥର ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସ୍ଥାନ ମିଳିଛି। ଆହୁରି ଟ୍ରେନିଂ ଦ୍ୱାରା ସେମାନେ ନିଜ ଗତି, ଫିଟ୍‌ନେସ ଓ ଷ୍ଟ୍ରାଟେଜି ଉପରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି ଭାରତୀୟ ହକି ଦଳର ହାଇ ପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ କହିଛନ୍ତି।

# ଶ୍ରୀଲଙ୍କା ଲାଗି କର ବା ମର ସ୍ଥିତି

ଚେଷ୍ଟର-ଲି-ଷ୍ଟ୍ରିଟ୍,୩୦।୬(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ଗାଣିତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଏବେ ମଧ୍ୟ ଉଜ୍ଜୀବିତ ରହିଛି। ସୋମବାର ଶ୍ରୀଲଙ୍କା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ୱେଷ୍ଟଇଣ୍ଡିଜକୁ ଭେଟିବ। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ୩୯ତମ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁହାଁମୁହିଁ ହେବେ। ୱେଷ୍ଟଇଣ୍ଡିଜ ସେମି ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଶ୍ରୀଲଙ୍କା ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ସେମି ଆଶା ଉଜ୍ଜୀବିତ ରଖିବାକୁ ହେଲେ ଶ୍ରୀଲଙ୍କାକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି। ଫଳରେ ଶ୍ରୀଲଙ୍କା କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଇଂଲଣ୍ଡକୁ ୨୦ ରନରେ ପରାସ୍ତ କରିବା ପରେ ଅସ୍ଥିର ପ୍ରଦର୍ଶନ କରିଆସୁଥିବା ଶ୍ରୀଲଙ୍କାକୁ ବଳ ମିଳିଛି। ତେବେ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ କିନ୍ତୁ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ଫଳରେ ଶ୍ରୀଲଙ୍କାର ସେମିଫାଇନାଲ ଆଶାକୁ ଶକ୍ତ ଧକ୍କା ଲାଗିଥିଲା।

୧୯୯୬ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ସହ ଓ ୨ଟି ବିନା ଫଳାଫଳ ସହିତ ୬ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ତେଣୁ ଶ୍ରୀଲଙ୍କାକୁ ତା'ର ବାକିଥିବା ୨ଟି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। କେବଳ ସେତିକି ନୁହଁ ଇଂଲଣ୍ଡ ଓ ପାକିସ୍ତାନ ମ୍ୟାଚ୍‌ଗୁଡିକ ଫଳାଫଳ ଉପରେ ମଧ୍ୟ ଶ୍ରୀଲଙ୍କାର ଭାଗ୍ୟ ନିର୍ଭର କରିବ। ଦକ୍ଷିଣ ଆଫ୍ରିକାଠାରୁ ୯ ଉଇକେଟରେ ପରାସ୍ତ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପୁଣିଥରେ ପଦାରେ ପଡିଛି। ୱେଷ୍ଟଇଣ୍ଡିଜର ବୋଲିଂ ଉଚ୍ଚକୋଟୀର ହୋଇଥିବାରୁ ଅଧିନାୟକ ଦୁମୁଥ କରୁଣାରତ୍ନେ ଦଳର ବ୍ୟାଟିଂ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରୟାସ କରିବେ। କେବଳ ସେତିକି ନୁହଁ ବୋଲିଂରେ ମଧ୍ୟ ଶ୍ରୀଲଙ୍କାକୁ ସୁଧାର ଆଣିବାକୁ ପଡିବ। ଟିକେନ ଫକ୍ସ କାରଣରୁ ଦ୍ରୁତ ବୋଲର ନୁଆନ ପ୍ରଦୀପ ଦଳରୁ ବାଦ୍ ପଡିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ନେତୃତ୍ୱରେ ଶ୍ରୀଲଙ୍କା ବୋଲିଂ ବିଭାଗ ଚମକ ଦେଖାଇବ ବୋଲି ଆଶା କରାଯାଉଛି।



ଶ୍ରୀଲଙ୍କା କ୍ରିକେଟ୍ ଦଳର ଖେଳାଳିମାନେ।

ଅପରପକ୍ଷରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ବିଜୟ ସହ ସାନ୍ତ୍ୱନା ହାସଲ କରିବା ପାଇଁ ପ୍ରୟାସ କରିବ। ୱେଷ୍ଟଇଣ୍ଡିଜ୍ କିନ୍ତୁ ପୂରା ଦମ୍‌ରେ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଏହି ଦଳ ୪୨୧ ରନ କରିଥିଲା। ପୁଣି ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ମାତ୍ର ୧୦୫ ରନରେ ଅଲଆଉଟ କରିବା ସହ ୭ ଉଇକେଟରେ ବିଜୟ ହାସଲ କରି ୱେଷ୍ଟଇଣ୍ଡିଜ ଦମ୍‌ଦାର ଆରମ୍ଭ କରିଥିଲା। କିନ୍ତୁ ଏହାପରଠାରୁ ୱେଷ୍ଟଇଣ୍ଡିଜ୍‌ର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଦଳ କ୍ରମାଗତ ୫ଟି ପରାଜୟ ବରଣ କରିଛି। କେତୋଟି ବିଭାଗରେ ଦଳ ପ୍ରଦର୍ଶନ କରିଥିଲା। ତେବେ ଅଳ୍ପକେ ଦଳ କେତୋଟି ବିଜୟ ସୁଯୋଗ ମଧ୍ୟ ହାତଛଡ଼ା କରିଥିଲା। ପଏଣ୍ଟ ତାଲିକାର ସର୍ବନିମ୍ନ ତଥା ଦଶମସ୍ଥାନରେ ଥିବା ଆଫଗାନିସ୍ତାନ ଉପରେ ରହି ୱେଷ୍ଟଇଣ୍ଡିଜ୍ ନବମ ସ୍ଥାନରେ ରହିଛି। ଦଳ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ହାସଲ କରିଛି। ଏବେ ୱେଷ୍ଟଇଣ୍ଡିଜ୍‌କୁ କିଛି ହରାଇବାର ନାହିଁ। ତେଣୁ ଦଳ ଉପରେ ଚାପ ନାହିଁ କହିଲେ ଭୁଲ ହେବ ନାହିଁ। କ୍ରିସ୍ ଗେଲ, କାର୍ଲୋସ ବ୍ରାଥୱେଟ ଓ ସାଇ ହୋପ୍‌ଙ୍କ ଭଳି ଦର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ ଜୋରଦାର ବ୍ୟାଟିଂ ବଳରେ ୱେଷ୍ଟଇଣ୍ଡିଜ ପୁଣି ଏକ ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଛି। ବିଜୟ ସହ ବିଶ୍ୱକପ ଅଭିଯାନ ଶେଷ କରିବୁ ବୋଲି ୱେଷ୍ଟଇଣ୍ଡିଜ ହେଡ କୋଚ୍ ଫ୍ଲୟଡ ରେଇଫର କହିଛନ୍ତି। ଏହି ମ୍ୟାଚ୍‌ରେ ପାଗ ସଫା ରହିବ। ବର୍ଷା ସମ୍ଭାବନା ମଧ୍ୟ କ୍ଷୀଣ। ସେତେଟା ଗୁରୁତ୍ୱ ନ ଥିଲେ ମଧ୍ୟ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
**ଶ୍ରୀଲଙ୍କା**
**ବନାମ**
**ୱେଷ୍ଟଇଣ୍ଡିଜ୍**
ସ୍ଥାନ
ଚେଷ୍ଟର-ଲି-ଷ୍ଟ୍ରିଟ
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଜିଠାରୁ ୱିମ୍ବଲଡନ୍

ଲଣ୍ଡନ, ୩୦।୬(ଏଏଫ୍‌ପି)

ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବଠାରେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଏହା ହେବ ୧୩୩ତମ ସଂସ୍କରଣ। ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ପୁରୁଷ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ରହିଥିବାବେଳେ ମହିଳାରେ ଆଞ୍ଜେଲିନା କର୍ବର ମହିଳା ବିଭାଗରେ ଟାଇଟଲ୍ ଜିତିଥିଲେ। ପୁରୁଷ ବିଭାଗରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ ଏଠାରେ ନିଜର ୫ମ ଟାଇଟଲ ହାସଲ ପାଇଁ କୋର୍ଟକୁ ଓହ୍ଲାଇବେ। ପ୍ରଥମ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ସୋମବାର ଜର୍ମାନୀର ଫିଲିପ୍ କୋହଶ୍ଚରବରଙ୍କୁ ଭେଟିବେ। ସେହିଭଳି ୨ୟ ସିଡ୍ ମାନ୍ୟତା ପାଇଥିବା ସୁଇଜରଲାଣ୍ଡର ରୋଜର ଫେଡରର ଚଳିତ ବର୍ଷ ଯଦି ଚାମ୍ପିୟନ ହୁଅନ୍ତି ତେବେ ଏହା ତାଙ୍କର କ୍ୟାରିୟରର ୨୧ତମ ତଥା ୯ମ ୱିମ୍ବଲଡନ ଟ୍ରଫି ହେବ। ସେହିଭଳି ୩୮ ବର୍ଷୀୟ ଫେଡରର ବୟୋଜ୍ୟେଷ୍ଠ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୁଯୋଗ ମଧ୍ୟ ରହିଛି। ସ୍ପାନିଶ ତାରକା ରାଫାଲ ନାଡାଲ ମଧ୍ୟ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ନୂତନ ଭାବେ ବିଶ୍ୱର ଏକ ନମ୍ବର ସ୍ଥାନ ହାସଲ କରିଥିବା ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି, ନାଓମି ଓସାକା, ଭେଟେରାନ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ପ୍ରମୁଖ ଟାଇଟଲ୍ ଦାବିଦାର ରହିଛନ୍ତି। ୩୭ ବର୍ଷୀୟ ସେରେନା ୭ଥର ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି।

# ସେମିରେ ସ୍ୱିଡେନ

ପ୍ୟାରିସ୍,୩୦।୬

ଏକଦା ମ୍ୟାଚ୍‌ରେ ପଛୁଆ ଥିବା ସ୍ୱିଡେନ୍ ୨-୧ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ଚଳିତ ମହିଳା ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ଲାଗି ସୋଫିଆ ଜ୍ୟାକବସନ ଓ ଷ୍ଟିନା ବ୍ଲାକଷ୍ଟେନିସ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ୧୬ତମ ମିନିଟ୍‌ରେ ଲିନା ମାଗୁଲଙ୍କ ବାଇସାଇକେଲ କିକ୍ ଜରିଆରେ ଗୋଲ ଦେଇ ଜର୍ମାନୀକୁ ୧-୦ ଗୋଲରେ ଅଗ୍ରଣୀ ଆଣିଦେଇଥିଲେ। ହେଲେ ଏହାର ୬ ମିନିଟ୍ ପରେ ଜ୍ୟାକବସନଙ୍କ ଗୋଲ ଯୋଗୁ ମ୍ୟାଚ୍ ବରାବର ସ୍ଥିତିକୁ ଚାଲିଆସିଥିଲା। ଫଳରେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦଳୀୟ ସ୍କୋର ୧-୧ ଗୋଲରେ ବରାବର ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ବ୍ଲାକଷ୍ଟେନିସ (୪୮ତମ ମିନିଟ୍)ଙ୍କ ଗୋଲ ବଳରେ ସ୍ୱିଡେନ୍ ମ୍ୟାଚ୍‌ରେ ଅଗ୍ରଣୀ ହାସଲ କରିଥିଲା। ଏହା ପରଠାରୁ ଉଭୟ ଦଳର ଖେଳାଳିଙ୍କୁ ବହୁ ସୁଯୋଗ ମିଳିଥିଲା, ହେଲେ କୌଣସି ଖେଳାଳି ସ୍କୋର ଲାଇନ୍‌କୁ ପ୍ରଭାବିତ କରିପାରି ନ ଥିଲେ। ଏଥିସହ ବିଶ୍ୱକପ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ସ୍ୱିଡେନ ସେମିଫାଇନାଲରେ ନେଦରଲାଣ୍ଡକୁ ଭେଟିବ।

### ଅନ୍ତିମ-୪ରେ ନେଦରଲାଣ୍ଡ୍ସ

ଭାଲେନ୍‌ସିଜ (ଫ୍ରାନ୍ସ), ୩୦।୬ (ଏଏଫ୍‌ପି): ନେଦରଲାଣ୍ଡ୍ସ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଶନିବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ୨-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଭିିଭିଆନି ମିଡେମା ଏବଂ ଷ୍ଟିଫାନି ଭାନ୍‌ଡର ଗ୍ରାଗଟ ଗୋଲ ସ୍କୋର କରିଥିଲେ। ଦଳ ବର୍ତ୍ତମାନ ଜର୍ମାନୀ କିମ୍ବା ସ୍ୱିଡେନ ସହ ସେମିଫାଇନାଲ ଖେଳିବା ଲାଗି ଲିଅନ ଯାତ୍ରା କରିବ। ଶନିବାର ମ୍ୟାଚ ଫଳାଫଳ ଦ୍ୱାରା ନେଦରଲାଣ୍ଡ୍ସ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫ୍ରାନ୍ସରେ ଚାଲିଥିବା ଟୁର୍ନାମେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ୟୁରୋପର ଶ୍ରେଷ୍ଠ ୩ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ।



# ପ୍ରଦୀପ ବିଶ୍ୱକପ୍‌ରୁ ଆଉଟ୍

ଲଣ୍ଡନ, ୩୦।୬ (ପି.ଟି.)

ହାଡ଼ଫୁଟିରେ ଯୋଗୁ ଶ୍ରୀଲଙ୍କା ପେସ୍ ବୋଲର ନୁଆନ ପ୍ରଦୀପ ଶନିବାର ଆଇସିସି ବିଶ୍ୱକପ୍‌ରୁ ଆଉଟ୍ ହୋଯାଇଛନ୍ତି। ତାଙ୍କ ସ୍ଥାନରେ ଦଳରେ ସାସୁନ ରଜିଥା ସ୍ଥାନ ପାଇବେ। ଜୁନ୍ ୪ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପ୍ରଦୀପ ମ୍ୟାଚ ବିଜୟୀ ୪ ଉଇକେଟ ସଫଳତା ହାସଲ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଖେଳି ସାରିଥିବା ୭ଟି ମ୍ୟାଚ ମଧ୍ୟରୁ ପ୍ରଦୀପ ୩ଟି ମ୍ୟାଚରେ ଖେଳିଥିଲେ। ଜୁନ୍ ୨୧ରେ ଇଂଲଣ୍ଡ ବିପକ୍ଷରେ ସେ ତାଙ୍କ ଅନ୍ତିମ ମ୍ୟାଚ ଖେଳିଥିଲେ। ପ୍ରଦୀପ ଅସୁସ୍ଥ ଥିବାରୁ ଟୁର୍ନାମେଣ୍ଟର ଦଳର ଅବଶିଷ୍ଟ ମ୍ୟାଚ ପାଇଁ ତାଙ୍କ ସ୍ଥାନରେ ରଜିଥାଙ୍କୁ ଦଳରେ ନେବାକୁ ଅନୁମତି ପାଇଁ ଶ୍ରୀଲଙ୍କା କରିଥିବା ଅନୁରୋଧକୁ ଆଇସିସି ପୁରୁଷ ବିଶ୍ୱକପ୍ ୨୦୧୯ ଇଭେଣ୍ଟ ଟେକ୍‌ନିକାଲ କମିଟି ଅନୁମୋଦନ କରିଛି। ରଜିଥା ୬ ଟେଷ୍ଟ, ୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଟି୨୦ ଖେଳିଛନ୍ତି।


ଉତ୍କଳ କରାଟେ ସ୍କୁଲରେ ରବିବାର ଅନୁଷ୍ଠିତ ବେଲ୍ଟ ଟେଷ୍ଟରେ ଅଂଶଗ୍ରହଣ କରିଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ଉରୁଗୁଏକୁ ବିଦାକଲା ପେରୁ

ସାଲ୍‌ଭାଡର (ବ୍ରାଜିଲ), ୩୦।୬ (ଏଏଫ୍‌ପି)

ପେରୁଠାରୁ ଶୁଟଆଉଟ୍(୫-୪) ଜରିଆରେ ପରାଜୟ ବରଣ କରି ଉରୁଗୁଏ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଚ୍‌ଟି ଗୋଲଶୂନ୍ୟ ରହିଥିଲା। ଉରୁଗୁଏ ଲାଗି ଗିଓର୍ଗିଆନ ଡେ ଆରାକାଷ୍ଟେ, ଏଡିନ୍‌ସନ କଭାନି ଓ ଲୁଇସ୍ ସୁଆରେଜ ଗୋଲ ଦେଇଥିଲେ। ହେଲେ ଲାଇନ୍‌ମ୍ୟାନ ପ୍ରତ୍ୟାଖ୍ୟାନ କରିଥିଲେ। ଅତିରିକ୍ତ ସମୟରେ ମଧ୍ୟ କୌଣସି ଖେଳାଳି ଗୋଲ କରିପାରି ନ ଥିଲେ। ଶୁଟ୍‌ଆଉଟ୍‌ରେ ବାର୍ସିଲୋନା ଫରୱାର୍ଡ ସୁଆରେଜଙ୍କ ଶଟ୍‌କୁ ପେରୁ ଗୋଲ୍‌କିପର ପେଡ୍ରୋ ଗାଲେସେ ରୋକିଦେଇଥିଲେ, ଯାହାକି ପେରୁ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପେରୁ ଲାଗି ଏଡିସନ ଅନ୍ତିମ ଗୋଲ ଦେଇଥିଲେ। ଚଳିତ ଟୁର୍ନାମେଣ୍ଟର ଶୁଟ୍‌ଆଉଟ୍‌ରେ ଶେଷ ହୋଇଥିବା ଏହା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍। ଏଥିପୂର୍ବରୁ ବ୍ରାଜିଲ ଓ ଚିଲି ପେନାଲ୍ଟି ରାଉଣ୍ଡରେ ଯଥାକ୍ରମେ ପାରାଗୁଏ ଓ କଲମ୍ବିଆକୁ ହରାଇଥିଲେ। କେବଳ ଆର୍ଜେଣ୍ଟିନା ଏକମାତ୍ର ଦଳ ଭାବେ ଧାର୍ଯ୍ୟ ସମୟରେ ଗୋଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଲିଓନେଲ ମେସିଙ୍କ ଦଳ ୨-୦ ଗୋଲରେ ଭେନିଜୁଏଲାକୁ ହରାଇଥିଲା। ଉଲ୍ଲେଖଥାଉ କି, ଗତ ୪ଟି ସଂସ୍କରଣରେ ତୃତୀୟ ଥର ପାଇଁ ପେରୁ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛି। ପେରୁ ତା'ର ସେମିଫାଇନାଲ ମୁକାବିଲାରେ ଚିଲିକୁ ଭେଟିବ।


ପରାଜୟ ପରେ ଉରୁଗୁଏର ଷ୍ଟାର ଖେଳାଳି ଲୁଇସ୍ ସୁଆରେଜ୍(ବାମ) କାନ୍ଦି ପକାଉନ୍ତି।

### ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଏକ ରୋମାଞ୍ଚକ ମ୍ୟାଚ୍‌ରେ ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ପରାସ୍ତ କରିବା ପରେ ପେରୁ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୩ରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ବ୍ରାଜିଲ ଟାଇଟଲ ଦାବିଦାର ଆର୍ଜେଣ୍ଟିନାକୁ ଭେଟିବ। ସେହିଭଳି ଏହାପର ଦିନ ଖେଳାଯିବାକୁ ଥିବା ଅନ୍ୟ ଏକ ସେମିଫାଇନାଲରେ ଚିଲି ଓ ପେରୁ ପରସ୍ପରକୁ ଭେଟିବେ। ଜୁଲାଇ ୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସ୍କୁଲ ଚେସ୍: ହର୍ଷିତ ଚାମ୍ପିୟନ

ଭୁବନେଶ୍ୱର, ୩୦।୬(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ ଆସୋସିଏଶନ(ଓଏସସିଏ) ଓ ଟିଏଏସ ଇନ୍ସପିରେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ ଓପନ ଚେସ ଚାମ୍ପିୟନଶିପରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ମ୍ୟାଚରେ ହର୍ଷିତ ପୂରା ୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। କୀର୍ତ୍ତି ଅନୁରାଗ ପ୍ରତିହାରୀ ଓ ଦୀପ୍ତିମୟୀ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଭୂୟାଁ ୫.୫ ଏବଂ ଅଞ୍ଜଳି ମିଶ୍ର, ଅଭିଜ୍ଞାନ ମହାନ୍ତି, ସେକ୍ ଇଜାଜ୍ ଅହମଦ, ନିଖିଲ ସାହୁ, ଆୟୁଷ ଆର୍ଯ୍ୟନ ମହାପାତ୍ର ଏବଂ ଓମ୍ ପ୍ରକାଶ ଗଡ଼ନାୟକ ୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ବିଏମ୍‌ସି ଡେପୁଟି ମେୟର କେ. ଶାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟିଏଏସ ଇନ୍ସପିରେଶନର ପରିଚାଳନା ନିର୍ଦ୍ଦେଶକ ତରଙ୍ଗ କୁମାର ମହାନ୍ତି, ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।




## ସଂକ୍ଷେପରେ

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଜି.ଉଦୟଗିରି,୩୦।୬(ଡି.ଏନ.ଏ.): ଜି.ଉଦୟଗିରିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖାଠାରେ ଶନିବାର ବ୍ୟାଙ୍କର ହେଡକ୍ଲର୍କ ଉଜେଶନ ପ୍ରଧାନଙ୍କୁ ବ୍ୟାଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟାଙ୍କ ଶାଖା ପରିଚାଳକ କୁମର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ୟାଙ୍କର ଆକାଉଣ୍ଟେଟ୍ ସୀମାଞ୍ଚଳ ବେହେରା, ଫିଲଡ ଅଫିସର ଉମେଶ କୁମାର ଗଡ଼ତିଆଙ୍କ ସମେତ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଉଜେଶନଙ୍କ ସହିତ ତାଙ୍କ ସ୍ତ୍ରୀଙ୍କୁ ମଧ ବ୍ୟାଙ୍କକୁ ଡକାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ରାହ୍ମଣ ସମିତି ବୈଠକ

ଜି.ଉଦୟଗିରି,୩୦।୬(ଡି.ଏନ.ଏ.): ସ୍ଥାନୀୟ ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ରବିବାର ବ୍ରାହ୍ମଣ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମିତି ସଭାପତି ବିନୋଦ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ରାହ୍ମଣ ସମିତିର ଶତାଧିକ ସଭ୍ୟ ଏବଂ ପର୍ଶୁରାମ ବାହିନୀର ବହୁ ସଭ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମ୍ପାଦକ ବଟକୃଷ୍ଣ ଦାଶ, ସହ ସମ୍ପାଦକ ଅଶୋକ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ରଙ୍କ ସମେତ ରବୀନ କୁମାର ପାଢ଼ୀ, ଦଣ୍ଡପାଣି ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା: ଥାନାରେ ମାମଲା

କେନ୍ଦୁଝର,୩୦।୬ (ସ୍ୱ.ପ୍ର.): ଘରେ ସ୍ତ୍ରୀଙ୍କୁ ମାରଧର କରି ନିର୍ଯାତନା ଦେବା ଘଟଣା ନେଇ କେନ୍ଦୁଝର ସଦର ଥାନାରେ ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ମାଲିକ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ପୋଲିସ ଏନେଇ ଏକ ମାମଲା(ନଂ. ୧୬୧/ତା୨୯।୬।୨୦୧୯ରିଖ) ରୁଜୁ କରି ତଦନ୍ତ ଚଳାଇଛି। ଏସମ୍ପର୍କରେ ପୋଲିସ ଗଣମାଧ୍ୟମକୁ ସୂଚନା ଦେଇ କହିଛି ଯେ, ସଂସ୍ଥାର ମାଲିକ ବ୍ରହ୍ମାନନ୍ଦ ବାରିକଙ୍କ ସ୍ତ୍ରୀ ସିପ୍ରା ବାରିକ ଥାନାରେ ଦେଇଥିବା ଏତଲାରେ ବ୍ରହ୍ମାନନ୍ଦ ଓ ତାଙ୍କ ପରିବାର ଲୋକେ ତାଙ୍କୁ ମାରପିଟ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଗତ କିଛିଦିନ ଧରି ସେ ବାପଘରେ ରହୁଥିଲେ। ଗତ ୧୯ ତାରିଖରେ ଶୁଦ୍ଧି କାମ କରିବା ଲାଗି ବାପଘରୁ ଶ୍ୱଶୁରଙ୍କ ଘରକୁ ଆସିଥିବାବେଳେ ବ୍ରହ୍ମାନନ୍ଦ ତାଙ୍କ ଠାରୁ ଟଙ୍କା, ମୋବାଇଲ ଫୋନ, ଗାଡି ଓ ଆରସି ବୁକ ଛଡାଇ ନେଇ ଘରୁ ବାହାର କରି ଦେଇଥିଲେ। ସେଠାରୁ ଆସି ସେ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ପରଦିନ ଜଣେ ମହିଳାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଆସି ତାଙ୍କୁ ମାରପିଟ କରିଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୋଗ ରଖି ନ ଥିଲା। ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାପରେ ଶନିବାର ଥାନାରେ ମାମଲା ରୁଜୁ ହୋଇଥିବା କୁହଯାଉଛି। ଏସମ୍ପର୍କରେ ଏସଡିପିଓ ପି.ଜେ.ଟପୋଙ୍କୁ ପଚାରିବାରୁ ମହିଳା ଜଣଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଘଟଣା ଜଣାଇବାପରେ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।

## ■ ପାଟକନାରେ ହାତୀ ଉପଦ୍ରବ ଜାରି

# ବନ ବିଭାଗ ଗାଡ଼ି ଆଗରେ ଶୋଇ ପ୍ରତିବାଦ

ବନ୍ତ, ୩୦।୬(ସ୍ୱ.ପ୍ର.)

- ■ ଆତଙ୍କରେ ରାତି କାଟିଲେ ଗ୍ରାମବାସୀ
- ■ ବନ କର୍ମଚାରୀଙ୍କ ଅବହେଳା ନେଇ ପ୍ରତିକ୍ରିୟା
- ■ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କଲା

ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ଚାଲି ଆସିଥିବା ହାତୀପଲ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳରେ ଆତଙ୍କ ଖେଳାଇ ଚାଲିଛନ୍ତି। ସନ୍ଧ୍ୟା ହେଲେ ଏକ ଦନ୍ତା ହାତୀ ସହିତ ଅନ୍ୟ ଦୁଇ ହାତୀ ଜଙ୍ଗଲ ତଳି ଇଲାକାର ଗାଁଗଣ୍ଡାକୁ ପଶି ଫସଲ ସମେତ ଘରଦ୍ୱାର ନଷ୍ଟ କରୁଛନ୍ତି। ମାସେ ହେଲା ହାତୀପଲଙ୍କ ଉପଦ୍ରବ ଜାରି ରହିଥିଲେ ମଧ ବନ ବିଭାଗ ଘଉଡ଼ାଇ ପାରୁ ନ ଥିବାରୁ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶନିବାର ରାତିରେ ଆଗରପଡ଼ା ଥାନା ଅଧୀନ ପାଟକନା ଗ୍ରାମକୁ ଏହି ହାତୀପଲ ପଶି ଗାଁ ମୁଣ୍ଡରେ ଥିବା କାର୍ତ୍ତିକ ଘଡ଼େଇଙ୍କ ଘର କାନ୍ଥ ଭାଙ୍ଗି ତାଙ୍କ ବାଡ଼ିରେ ଥିବା ପନିପରିବା ଫସଲ ନଷ୍ଟ କରିଦେଇଛନ୍ତି। ଗାଁକୁ ହାତୀ ପଶିବାରୁ ଏହି ପରିବାର ସମେତ ଅନ୍ୟ ଲୋକେ ଭୟଭୀତ ହୋଇ ରାତି କଟାଇଥିଲେ। ଖବର ପାଇ ଭୋର ସମୟରେ ବନ କର୍ମଚାରୀ ଗ୍ରାମକୁ ଆସିଥିବା ବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ରାତିରେ ହାତୀ ଭାଙ୍ଗି ଦେଇଥିବା ଘରର ମାଲିକ କାର୍ତ୍ତିକ ବନ କର୍ମଚାରୀଙ୍କ ଗାଡ଼ି ଆଗରେ ଶୋଇ ଏହାର ପ୍ରତିବାଦ ଜଣାଇଥିଲେ।

ହାତୀ ଭୟରେ କାର୍ତ୍ତିକଙ୍କ ପରିବାର କିଭଳି ଭୟଭୀତ ଅବସ୍ଥାରେ


ହାତୀ ଭାଙ୍ଗି ଦେଇଥିବା ଘର କାନ୍ଥ।

ଶନିବାର ରାତି ବିତାଇଥିଲେ ତାହା ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ରାତି ପ୍ରାୟ ୨ଟା ବେଳେ ତାଙ୍କ ଘର କାନ୍ଥକୁ କେହି ଜୋରରେ ଧକ୍କା ମାରିବା ଶବ୍ଦ ଶୁଣି ପରିବାର ଲୋକେ ନିଦରୁ ଉଠିପଡ଼ିଥିଲେ। ଘର ବାହାରେ ଥିବା ହାତୀ ତାଙ୍କ କାନ୍ଥକୁ ବାରମ୍ବାର ଧକ୍କା ମାରି ଫଟାଇ ଦେଇଥିଲେ। ସୌଭାଗ୍ୟବଶତଃ ତାହା ଭାଙ୍ଗି ପଡ଼ି ନ ଥିଲା। ପରିବାର ଲୋକେ ଅଳ୍ପକେ ହାତୀ ଆକ୍ରମଣରୁ ରକ୍ଷା ପାଇଯାଇଥିଲେ। ଘଟଣା ସମ୍ପର୍କରେ ବନ ବିଭାଗ କର୍ମଚାରୀଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ କେହି ଫୋନ ଉଠାଇ ନ ଥିବା କାର୍ତ୍ତିକ ଅଭିଯୋଗ କରିଛନ୍ତି। ପରେ ଗ୍ରାମବାସୀ ଏକାଠି ହୋଇ ଟାୟାର ଜାଳି ବାଣ ଫୁଟାଇ ହାତୀପଲଙ୍କୁ ଘଉଡ଼ାଇ ଦେଇଥିଲେ। ଦୁଇଜଣ ଯୁବକ ସାହସ କରି ସତର୍କତାର ସହ ବାଇକ୍‌ରେ ଯାଇ ଗାଁଠାରୁ ୧ କି.ମି. ଦୂର ରାଉତରାପୁର ସ୍କୁଲରେ ଶୋଇଥିବା ବନ କର୍ମଚାରୀଙ୍କୁ ଡାକଥିଲେ। ସେମାନେ ଘଟଣାସ୍ଥଳକୁ ଆସିବା ପରେ ହାତୀ ଘଉଡ଼ାଇବାରେ ବନ ବିଭାଗର ଅବହେଳା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ତ୍ତିକ ବନ ବିଭାଗ ଗାଡ଼ି ଆଗରେ ଶୋଇପଡ଼ି ଏହାକୁ ଅଟକ ରଖିଥିଲେ। ରାତିରେ ହାତୀପଲ ଗାଁକୁ ପଶି ପରିବା ଫସଲ ନଷ୍ଟ କରୁଥିବା ବନ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ ସେମାନେ ଗାଁକୁ ନ ଆସି ରାଉତରାପୁର ସ୍କୁଲରେ ଶୋଇବା ଘଟଣାକୁ ଗ୍ରାମବାସୀ ତୀବ୍ର ସମାଲୋଚନା କରିଛନ୍ତି। ଆଗରପଡ଼ା ଥାନାଧିକାରୀ ରମେଶ ସିଂ ପାଟକନା ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ କାର୍ତ୍ତିକ ଗାଡ଼ି ଆଗରୁ ଉଠିଥିଲେ। ଏହି ଅବସରରେ ଗ୍ରାମବାସୀ ଦର୍ଶାଇଥିଲେ ଯେ, ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ଚାଲି ଆସିଥିବା ୩ଟି ହାତୀ ପାଟକନା ନିକଟସ୍ଥ ସାଳନ୍ଦୀ କୂଳ ଜଙ୍ଗଲ ଅଞ୍ଚଳରେ ରହି ସନ୍ଧ୍ୟା ହେଲେ ଗାଁକୁ ପଶି ଉପଦ୍ରବ କରୁଛନ୍ତି। ବନ ବିଭାଗ କର୍ତ୍ତୃପକ୍ଷ ହାତୀପଲ ଘଟାଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରି କ୍ଷତିପୂରଣ ଦେବା ଏବଂ ହାତୀପଲଙ୍କୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ସେମାନେ ଅଡ଼ି ବସିଥିଲେ। ହାତୀ ଉପଦ୍ରବ କରୁଥିବା ଗାଁରେ ସୋଲାର ଲାଇଟ ଜାଳିବା ବ୍ୟବସ୍ଥା ସହ ବନ କର୍ମଚାରୀ ଗାଁକୁ ଜଗି ରହିବା ସକାଶେ ମଧ ଗ୍ରାମବାସୀ ଦାବି କରିଥିଲେ।

## ଏକ ସମୟରେ ୨ ଶ୍ରମିକଙ୍କ ମୃତଦେହ ସତ୍କାର

# ଲୁହରେ ଭିଜିଲା ଚତୁରୀ ଗାଁ

କୁଆମରା,୩୦।୬(ଡି.ଏନ୍.ଏ)

କାମ ଅନ୍ୱେଷଣରେ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଶ୍ରମିକ ମାନଙ୍କର ସୁଅ ଛୁଟୁଛି। ଦଲାଲମାନେ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବାହାରକୁ କାମ କରିବାକୁ ନେଇ ଯାଇ ଅନେକ ସମୟରେ ଶୋଷଣ କରୁଛନ୍ତି। ଶ୍ରମିକମାନେ ମଧ ଅଧିକ ରୋଜଗାର ଆଶାରେ ଦଲାଲମାନଙ୍କ ଜାଲରେ ପଡି କିଏ ଘରକୁ ଫେରୁଛି ତ କାହାର ମୃତ୍ୟୁ ଘଟୁଛି। ଏପରି ଏକ ଦୁଃଖଦ ଘଟଣା ଘଟିଛି ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ଚତୁରୀ ଗ୍ରାମରେ। ୨୬ ତାରିଖରେ ଏହି ଗ୍ରାମର ୭ ଜଣ ଶ୍ରମିକ ଜଣେ ଦଲାଲଙ୍କ ସହାୟତାରେ ଦିଘା ନିକଟସ୍ଥ ରାମନଗର ଥାନା ଅନ୍ତର୍ଗତ ପିଞ୍ଚାବଣୀ ଚିଙ୍ଗୁଡି କାରଖାନାକୁ କାମ କରିବାକୁ ଯାଇଥିଲେ। ମାତ୍ର ସେଠାରେ କାମ ବଦଳରେ ନିର୍ଯାତନା ପାଇ ଶୁକ୍ରବାର ୬ଜଣ ଫେରି ଆସିଥିଲେ। ୬ଜଣଙ୍କ ମଧ୍ୟରୁ ୩ଜଣ ବସରେ ଘରକୁ ଫେରି ଆସିଥିବା ବେଳେ ଅନ୍ୟ ତିନି ଜଣ ବୁଧିଆ ବେହେରା (୫୭), ରୁଣ୍ଡ ବେହେରା (୫୦) ଓ ରାମ ଚନ୍ଦ୍ର ସିଂ (୨୦)ଙ୍କ ପାଖରେ ଅର୍ଥ ନ ଥିବାରୁ ସେମାନେ ଚାଲି ଚାଲି ଘରକୁ ଫେରି ଆସୁଥିବା ବେଳେ ନାମ୍ପ ନିକଟରେ ରାତି ୮ଟା ସମୟରେ ଏକ ଡମ୍ପର ମାଡି ଯିବାରୁ ଘଟଣାସ୍ଥଳରେ ବୁଧିଆଙ୍କ ମୃତ୍ୟୁ ଘଟିଥିଲା। ରୁଣ୍ଡଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଳେଶ୍ୱର ଓ ପରେ ବାରିପଦା ଡାକ୍ତରଖାନାକୁ ନିଆ ଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ରାମଚନ୍ଦ୍ର ଆହତ ହୋଇଥିଲେ ମଧ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ବ୍ୟବଚ୍ଛେଦ ପରେ ୨ ଶ୍ରମିକଙ୍କ ମୃତଦେହ ଅପରାହ୍ନରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତଙ୍କ ଆଖିରୁ ଝରିପଡିଥିଲା ଲୁହ। ଏକ ସମୟରେ ଦୁଇଟି ଜୁଇ ଜଳିଥିଲା। ବୁଧିଆ ଓ ରୁଣ୍ଡ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ଦୁଇ ପରିବାର ଅତ୍ୟନ୍ତ ଗରିବ। ଏଭଳି ପରିସ୍ଥିତିରେ ସେମାନଙ୍କ ପରିବାର ଲୋକେ ହତାଶ ହୋଇ ପଡିଛନ୍ତି। ତେବେ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଦୁଇ ପରିବାରକୁ ୨ହଜାର ଟଙ୍କା ଲେଖାଏଁ ସହାୟତା ମିଳିଥିବା ବେଳେ ଅଧିକ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ ଦୁର୍ଘଟଣା ନୁହେଁ, ହତ୍ୟା ସନ୍ଦେହ

# ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଲେ ଗ୍ରାମବାସୀ

ଭୋଗରାଇ, ୩୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ଦାହୁଣ୍ଡା ଗ୍ରାମରେ ଶନିବାର ରାତିରେ ଘଟିଥିବା ଦୁର୍ଘଟଣାଜନିତ ଲଙ୍କାକାଣ୍ଡ ରବିବାର ପୋଲିସର ହସ୍ତକ୍ଷେପ ପରେ ପ୍ରଶମିତ ହୋଇଛି। ଏହି ଗ୍ରାମର ସାଇକେଲ ଆରୋହୀ ଶଶୀକାନ୍ତ ଦାସ (୬୨)ଙ୍କୁ ତାଙ୍କ ପୁତୁରା ଘନଶ୍ୟାମ ଦାସ ଡମ୍ପର ଚଳାଇ ହତ୍ୟା କରିଥିବାର ଅଭିଯୋଗ ହୋଇଥିଲା। ପରେ ଅଭିଯୋଗକାରୀଙ୍କ ସହ ଉତ୍ତ୍ୟକ୍ତ ଗ୍ରାମବାସୀ ଡମ୍ପର ମାଲିକଙ୍କ ୮ଟି ଗାଡି ସହ ତାଙ୍କ ଘରକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଶନିବାର ଗ୍ରାମରେ ଉତ୍ତେଜନା ଲାଗି ରହିଥିବାବେଳେ ଶଶୀକାନ୍ତଙ୍କ ଶବକୁ ରବିବାର ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ରବିବାର ଶବ ଗ୍ରାମକୁ ଫେରିବା ପରେ ଗ୍ରାମବାସୀ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ସାହୁଛକଠାରେ ଟାୟାର ଜାଳି ଘଣ୍ଟାଏ ରାସ୍ତାରୋକୋ କରିଥିଲେ। ଅବିଳମ୍ବେ ହତ୍ୟାକାରୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ହତ୍ୟାକାରୀ ଜବରଦଖଲରେ ରଖିଥିବା ଗ୍ରାମର ଗୋଚର ଜାଗାକୁ ଖାଲି କରିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବି ନେଇ ଶତାଧିକ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଜଳେଶ୍ୱର ଏସ୍‌ଡ଼ିପିଓ ସୁଦର୍ଶନ ଦାସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ।

ଅଭିଯୋଗ ଅନୁଯାୟୀ ମୃତ ଶଶୀକାନ୍ତ ଓ ଘନଶ୍ୟାମ ଦାସ ସମ୍ପର୍କରେ ଦାଦା ଓ ପୁତୁରା। ଦୀର୍ଘବର୍ଷ ଧରି ଜମିଜମା ଗଣ୍ଡଗୋଳ ଲାଗି ରହିଥିବାବେଳେ କମର୍ଦ୍ଦା ଥାନାରେ ଏନେଇ ଅଭିଯୋଗ ହୋଇଥିଲା ଓ କୋର୍ଟରେ ବିଚାରାଧୀନ ଥିଲା। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୬୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣା ଦୁର୍ଘଟଣା ନୁହେଁ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ହତ୍ୟାକାରୀଙ୍କ ପରିବାର ଘର ଛାଡ଼ି ଫେରାର ହୋଇଯାଇଥିବା ବେଳେ ପୋଲିସ ତଲାସି ଅଭିଯାନ ଜାରି ରଖିଛି।

# ଟ୍ରେନରୁ ଧରାପଡ଼ିଲେ ୨ ନାବାଳକ ଲୁଟେରା

ବାଲେଶ୍ୱର ଅଫିସ,୩୦।୬

- ■ ଯାତ୍ରୀଙ୍କ ମୋବାଇଲ ଓ ଅନ୍ୟ ସାମଗ୍ରୀ ଲୁଟ୍ କରୁଥିଲେ
- ■ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହ
- ■ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ନାବାଳକ ହସ୍ତାନ୍ତର

ଏକ ନାବାଳକ ଲୁଟେରା ଗ୍ୟାଙ୍ଗ ଦ୍ୱାରା ଚଳନ୍ତା ରେଳଗାଡ଼ିରୁ ମୋଇବାଲ ଫୋନ୍ ଚୋରି ଘଟଣା ପଦାକୁ ଆସିଛି। ଏହି ସୂଚନାକୁ ଆଧାର କରି ରେଲବାଇ ପୋଲିସ ତନାଘନା ଚଳାଇଛି। ଶନିବାର ରାତି ପ୍ରାୟ ଦେଢଟା ସମୟରେ ଅପ୍ ଲାଇନରେ ଯାଉଥିବା ଉତ୍କଳ ଏକ୍ସପ୍ରେସ୍‌ରେ ୨ନାବାଳକ ଚୋରଙ୍କୁ ଯାତ୍ରୀମାନେ ଧରି ଆର୍‌ପିଏଫ୍ ଜିମା ଦେଇଥିଲେ। ରବିବାର ରେଳବାଇ ପୋଲିସ ଚାଇଲ୍ଡ ହେଲ୍‌ପଲାଇନ୍ ସଂସ୍ଥା ଦ୍ୱାରା ଅଭିଯୁକ୍ତ ନାବାଳକ ଦ୍ୱୟଙ୍କୁ ପଚରାଉଚରା କରି ପରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁଯାୟୀ ଶନିବାର ରାତିରେ ଉତ୍କଳ ଏକ୍ସପ୍ରେସ୍ ଜଳେଶ୍ୱର ଅତିକ୍ରମ କରୁଥିବା ସମୟରେ ୩ଜଣ ନାବାଳକ ଯାତ୍ରୀଙ୍କ ଆସବାବପତ୍ର ସହ ମୋବାଇଲ୍ ଚୋରି କରିବା ଉଦ୍ୟମ କରିଥିଲେ । କେତେକ ଯାତ୍ରୀ ୨ଜଣଙ୍କୁ ଅଟକାଇ ପାରିଥିବାବେଳେ ଅନ୍ୟ ଜଣେ ଖସି ଯାଇଥିଲେ। ଏ ସମ୍ପର୍କରେ ଆର୍‌ପିଏଫଙ୍କୁ ଖବର ଦେଇ ଯାତ୍ରୀମାନେ ଧରାପଡିଥିବା ଦୁଇ ନାବଳକଙ୍କୁ ପୋଲିସ ଜିମା ଦେଇଥିଲେ। ରବିବାର ଚାଇଲ୍ଡ ହେଲ୍ପଲାଇନ୍ ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ ଏବଂ ବାଲିଆପାଳ ବ୍ଲକ ସଦସ୍ୟ ଉତ୍ତମ କୁମାର ନାୟକଙ୍କ ଜରିଆରେ ପୋଲିସ ସେମାନଙ୍କ ପଚରାଉଚରା କରିବାରୁ ଏଥିରେ ଏକ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସୂଚନା ମିଳିଛି। ଧରାପଡିଥିବା ନାବାଳକ ଦ୍ୱୟଙ୍କ ମଧ୍ୟରୁ ଜଣେ ୧୦ ବର୍ଷର ନାବାଳକଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ବୋକାରୋ ଜିଲା ବାଲିଡ଼ିହା ଥାନା ଅଞ୍ଚଳ ଓ ଅନ୍ୟଜଣେ ୧୨ବର୍ଷର ନାବାଳକଙ୍କ ଘର ସେହି ଜିଲା ବାଙ୍କମୋଦା ଥାନା ଧାନବାଦ୍ ଅଞ୍ଚଳରେ ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ 'ଡେଣ୍ଡ୍ରାଇଡ୍' ଅଠା ସହ କିଛି ଟଙ୍କା ମିଳିଥିବାର ଜଣାପଡ଼ିଛି। ସେମାନେ ଏହି ଅଠାକୁ ନିଶାଦ୍ରବ୍ୟ ଭାବେ ସେବନ କରି ଟ୍ରେନ୍‌ରେ ଯାତ୍ରୀଙ୍କ ଆସବାବପତ୍ର ସହ ବିଭିନ୍ନ ନାମୀଦାମୀ ଜିନିଷପତ୍ର, ମୋବାଇଲ୍, ମନିପର୍ସ ଇତ୍ୟାଦି ଚୋରି କରୁଥିଲେ। ଏହି ଦୁଇ ନାବାଳକଙ୍କୁ ବାଲେଶ୍ୱର ଜିଲା ଶିଶୁ ମଙ୍ଗଳ କମିଟିକୁ ଏହାର ଅଧ୍ୟକ୍ଷ ଭାଗିରଥି ବାରିକଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ